


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-185 ◆WEDNESDAY ◆31 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୫ ◆ବୁଧବାର ◆୩୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

### ଦୁଇ ସପ୍ତାହ ମଧ୍ୟରେ ତୃତୀୟ ଘଟଣା



**ହାଇକମିସନରଙ୍କୁ ଆଲୋଚନା ପାଇଁ ଡାକିଲା ବାଂଲାଦେଶ**

■ ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶରେ ଗତ କିଛି ସପ୍ତାହ ଧରି ଅରାଜକତା ଚଳାଇଛନ୍ତି ବିଭିନ୍ନ ଚରମପନ୍ଥୀ ସଂଗଠନ। ସେମାନଙ୍କ ଟାର୍ଗେଟରେ ରହିଛନ୍ତି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ। ଦେଶବ୍ୟାପୀ ଏହାକୁ ନେଇ ବିରୋଧ କରାଯାଉଛି। ଭାରତ ମଧ୍ୟ ଏହାର ପ୍ରତିବାଦ କଲାଣି। ଏହାସତ୍ତ୍ୱେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ହେଉଛି ଏହାର ଆଉ ଏକ ପ୍ରମାଣ। ହତ୍ୟାକାରୀ ଧରାପଡ଼ିଥିଲେ ମଧ୍ୟ ୟୁନୁସ ସରକାରଙ୍କ ଅପରାଗତାକୁ ନେଇ ବାଂଲା ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପରାଗତାର ସୁଯୋଗ ନେଇ ଚରମପନ୍ଥୀଙ୍କ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କଲାଣି।

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ବେଳେ ଏକ କପଡ଼ା କାରଖାନାରେ ଜଣେ ହିନ୍ଦୁ ଶ୍ରମିକଙ୍କୁ ତାଙ୍କର ଜଣେ ସହଯୋଗୀ ଗୁଳି କରି ହତ୍ୟା କରିଛି। ମୃତ ଶ୍ରମିକ ହେଉଛନ୍ତି ବଜେନ୍ଦ୍ର ବିଶ୍ୱାସ (୪୨) ଏବଂ ହତ୍ୟା ଅଭିଯୁକ୍ତ ହେଲା ନୋମାନ। ଦୁହେଁ ଏହି କାରଖାନାରେ ସିକୁରିଟି ଗାର୍ଡ ରୂପେ କାମ କରୁଥିଲେ। ଦୁହେଁ ଏକୁଟିଆ ବସିଥିବା ବେଳେ ନୋମାନ ତା ବନ୍ଧୁକରୁ ବଜେନ୍ଦ୍ରଙ୍କୁ ଗୁଳିମାଡ଼ କରିଥିଲା। ଡାକ୍ତରଖାନା ନିଅଯିବା ସମୟରେ ବଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନୋମାନକୁ ଗିରଫ କରିବା ସହିତ ତା ଠାରୁ ବନ୍ଧୁକ ଜବତ କରିଛି। ତେବେ ହତ୍ୟାର ▶ପୃଷ୍ଠା-୭

## ଆରାବଳୀ କ୍ଷତିଗ୍ରସ୍ତ ହେଲେ ବିଗିଡ଼ିଯିବ ଓଡ଼ିଶାର ଜଳବାୟୁ

■ ଭୁବନେଶ୍ୱର, ୩୦।୧୨ (ସମିସ): ଆରାବଳୀ ପର୍ବତମାଳାର ସଂରକ୍ଷଣକୁ ନେଇ ଏବେ ସାରାଦେଶରେ ଆରମ୍ଭ ହୋଇଛି ଆନ୍ଦୋଳନ। ଯଦିଓ ଏହାର ଖନନ ନେଇ ପୂର୍ବ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ସାମୟିକ ରହିତାଦେଶ ଦେଇଛନ୍ତି, ମାତ୍ର ଏହି ପର୍ବତମାଳା ଉପରୁ ବିପଦ ଶତପ୍ରତିଶତ ଟଳିନାହିଁ। ତେଣୁ ଆରାବଳୀର ସୁରକ୍ଷାକୁ ନେଇ ଏବେ ବି ସଂଶୟ ଲାଗି ରହିଛି। ଅନ୍ୟପଟେ ଆରାବଳୀ ପର୍ବତମାଳା ସହ ଓଡ଼ିଶାର ସିଧାସଳଖ ସମ୍ପର୍କ ନ ଥିଲେ ହେଁ ଏହି ପର୍ବତମାଳା ପରୋକ୍ଷରେ ଓଡ଼ିଶାର ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି। ତେଣୁ ଆରାବଳୀ ପର୍ବତମାଳା କ୍ଷତିଗ୍ରସ୍ତ ହେଲେ ଓଡ଼ିଶାର ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ିଯିବାର ଆଶଙ୍କା ରହିଛି।

- **ଖରାଦିନେ ସୃଷ୍ଟି ହେବ ରାଜସ୍ଥାନ ଭଳି ସ୍ଥିତି**
- **ପଶ୍ଚିମ ଦିଗରୁ ରାଜ୍ୟକୁ ସିଧା ବହିବ ଶୁଷ୍କ ବାୟୁ**
- **ଆଗକୁ ବଢ଼ିବ ନାହିଁ ବଙ୍ଗୋପସାଗର ଲଘୁଚାପ**
- **ବଢ଼ିବ ବଜ୍ରପାତ, ବାରମ୍ବାର ଡରାଇବ ବନ୍ୟା**
- **ଅଧିକ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲାଗି ରହିବ**

ଆରାବଳୀ ପର୍ବତମାଳା ଭାରତର ଉତ୍ତରରୁ ପଶ୍ଚିମ ଦିଗକୁ ବ୍ୟାପିଛି। ଉତ୍ତର ଗୁଜରାଟରୁ ବାହାରି ପୂର୍ବ ରାଜସ୍ଥାନ ମଧ୍ୟଦେଇ ହରିଆଣା-ଦିଲ୍ଲୀ ଯାଏଁ ଲମ୍ବିଛି। ଫଳରେ ଆରବୀୟ ▶ପୃଷ୍ଠା-୭



## ୨୦୨୭ ପାଇଁ ୨୦୨୬ରୁ ପ୍ରସ୍ତୁତି

### ୩ ଦଳ ପାଇଁ ଆହ୍ୱାନ

## କଳି-କନ୍ଦଳ-ସଙ୍ଗଠନ

■ ଭୁବନେଶ୍ୱର, ୩୦।୧୨ (ସମିସ): ରାଜ୍ୟ ରାଜନୀତି ବେଶ୍ ଘଟଣାବହୁଳ ରହିଛି ୨୦୨୫। ରାଜନୈତିକ ଛକାପଞ୍ଝା, ପଡିଆରା ଲଢ଼େଇ, ଆଭ୍ୟନ୍ତରୀଣ କନ୍ଦଳ ଚା' କପ୍‌ର ଝଡ଼ ପରି ବିଭିନ୍ନ ରାଜନୈତିକ ଦଳରେ ସାମୟିକ କମ୍ପନ ସୃଷ୍ଟି କରିଛି। କଥିତ ଶୃଙ୍ଖଳାର ବେଡି ଅସନ୍ତୋଷକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ମାତ୍ର ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟର ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଭିନ୍ନଭିନ୍ନ ଆହ୍ୱାନ ନେଇ ଆସୁଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତିନିଦଳ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ନିଜ ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଚଳିତ ବର୍ଷ ଆରମ୍ଭ କରିଥିବା ଯୋଜନା ୨୦୨୬ରେ କାର୍ଯ୍ୟାନ୍ୱୟନ ସମୟରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ଓ ଏହା ହିଁ ତିନି ଦଳର ବାସ୍ତବ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।



୨୦୨୪ରେ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଓ ୨୦୨୫ରେ ନୂଆପଡ଼ା ଉପ ନିର୍ବାଚନରେ ବୃହତ୍ ବିଜୟକୁ ନେଇ ବିଜେପି ବେଶ ଉତ୍ସାହିତ ଅଛି। ଏବେଠାରୁ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛି। ବିଭିନ୍ନ ଜିଲ୍ଲାରେ ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆମଦାନୀ କରି ବିଜେପି ନେତାମାନେ ଦଳରେ ମିଶାଉଛନ୍ତି। ଦଳର ସାଂଗଠନିକ ଶକ୍ତିକୁ ବହୁଗୁଣା କରିବାକୁ ନେତା ଆମଦାନୀ ଉପରେ ବିଜେପି ଗୁରୁତ୍ୱ ଦେଉଛି। ତେବେ ବିଜେପିର ଏହି ରାଜନୈତିକ ଗୋଟି ଚାଳନା ଦଳର ତୃଣମୂଳସ୍ତରରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ପୁରୁଣା କର୍ମୀ ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି, ନୂଆ ନେତାମାନେ ମଧ୍ୟ ପୁରୁଣା କର୍ମୀ ଓ ନେତାଙ୍କ ସହ ମିଶି ପାରୁନାହାନ୍ତି। ଫଳରେ ବିଜେପିରେ ନୂଆ-ପୁରୁଣାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରିପାରେ ▶ପୃଷ୍ଠା-୭

### ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

## ମହାପ୍ରଭୁ ଶୋଇବେ ମାତ୍ର ୩ ଘଣ୍ଟା



**୧୧ଟା ସୁଦ୍ଧା ପହୁଡ଼, ୨ଟାରେ ଦ୍ୱାରଫିଟା**

■ ପୁରୀ, ୩୦।୧୨ (ସମିସ): ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ ହୋମ୍‌ଗୁଡିକ ପୂରା ପ୍ୟାକ୍। ବୁଧବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେସନ କରି ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୬କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ମହାପ୍ରଭୁଙ୍କୁ ଅଧା ▶ପୃଷ୍ଠା-୭





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ। ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ। ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଭିତ୍ତିକ ସଞ୍ଚୟ। ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍)। ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଘଣ୍ଟିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ। ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ। ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ। ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ। ଷ୍ଟଣ୍ଟଗୁଡ଼ିକ ଏକ୍‌ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି। ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ। ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ ।

## ଆଜିର ଇତିହାସ

- ୧୭୮୧- ଆମେରିକାରେ ପ୍ରଥମ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା' ଖୋଲିଲା ।
- ୧୯୨୯- ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାହୋରରେ ପୂର୍ଣ୍ଣ ସ୍ୱରାଜ ପାଇଁ ସଂକଳ୍ପ ନେଲେ ।
- ୧୯୬୪- ଇଣ୍ଡୋନେସିଆ ଜାତିସଂଘରୁ ବହିଷ୍କୃତ ।
- ୧୯୯୯- ଆଫଗାନିସ୍ତାନର କାନ୍ଦାହର ବିମାନ ବନ୍ଦରରେ ଅପହୃତ ଭାରତୀୟ ବିମାନ ସହ ୧୯୦ ଯାତ୍ରୀ ମୁକ୍ତ ।
- ୨୦୦୪- ବୁଏନସ୍ ଆଇରିସସ୍‌ର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୧୭୫ ଲୋକଙ୍କ ପ୍ରାଣହାନି ।



## 'ଟକ୍ସିକ୍'ରେ ହୁମାଙ୍କ କିଲର୍ ଲୁକ୍

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍'କୁ ନେଇ ଅନେକ ଦିନରୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । ଏଥିପାଇଁ ଫିଲ୍ମ ନିର୍ମାତା ମଝିରେ ମଝିରେ ଏସମ୍ପର୍କିତ ଅପଡେଟ୍ ସେୟାର୍ କରୁଛନ୍ତି । କିଛି ଦିନ ପୂର୍ବରୁ ଏଥିରେ କିଆରା ଆଡଭାନୀଙ୍କ ଲୁକ୍ ସାମ୍ନାକୁ ଆସିଥିଲା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଏବେ ଏଥିରେ ହୁମା କୁରେସିଙ୍କ ଲୁକ୍ ସାମ୍ନାକୁ ଆସିଛି । ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମ ନିର୍ମାତା ତାଙ୍କ ଲୁକ୍ ସେୟାର୍ କରିଛନ୍ତି । କଳାରଙ୍ଗର ଏକ ଗାଡ଼ି ପାଖରେ ହୁମା ଏକ ମଡର୍ଣ୍ଣ ଗାଉନ୍ ପିନ୍ଧି ଠିଆ ହୋଇଥିବାର ଦେଖାଯାଇଛନ୍ତି । ତାଙ୍କ ପଛପଟରେ ଏକ ପରି ମୂର୍ତ୍ତି ସହ କବରସ୍ଥାନ ଦେଖାଯାଉଛି । ଏହା ଦେଖିବାକୁ ବେଶ୍ ଭୟାନକ ଲାଗୁଛି । ହୁମାଙ୍କ ଲୁକ୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି- 'ପ୍ରସ୍ତୁତ କରୁଛୁ 'ଟକ୍ସିକ୍: ଫ୍ୟାରି ଟେଲସ୍ ଫର୍ ଗ୍ରୋନ୍‌ଅପ୍ସ'ରେ ଏଲିଜାବେଥ୍‌ଙ୍କ ଭୂମିକାରେ ହୁମା କୁ୍ୟରେସି ।' ହୁମାଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେଉଛି । ଗୀତୁ ମୋହନଦାସ 'ଟକ୍ସିକ୍'ର ନିର୍ଦ୍ଦେଶନା ଦେଇଛନ୍ତି । ଏହାକୁ ଇଂରାଜୀ ଓ କନ୍ନଡ଼ ଭାଷାରେ ସୁଟ୍ କରାଯାଇଛି । ଏହା ଆସନ୍ତା ମାର୍ଚ୍ଚ ୧୯ ରେ ପରଦାକୁ ଆସିବ ।



## ଭିଡିଓ ଗେମ୍ ନିଶା
## ହୋଟେଲ ସାଜିଲା ଅଳିଆ ଗଦା

ସାଧାରଣତଃ ବୁଲାବୁଲି କରିବାକୁ ବାହାରକୁ ଗଲେ ଲୋକେ ହୋଟେଲରେ ରହିଥାନ୍ତି । ଅତିବେଶୀରେ ଲୋକେ ସପ୍ତାହେ ଧରି ଏଠାରେ ରୁହନ୍ତି । ଜରୁରି ପରିସ୍ଥିତିରେ ଲୋକେ ହୋଟେଲରେ ମାସେ ଦୁଇମାସ ପର୍ଯ୍ୟନ୍ତ ରହିଥାନ୍ତି । ହେଲେ ଚୀନ୍‌ରୁ ଏକ ବିଚିତ୍ର ମାମଲା ସାମ୍ନା ଆସିଛି । ଏଠାରେ ଜଣେ ବ୍ୟକ୍ତି ଗୋଟିଏ ହୋଟେଲରେ ଦୀର୍ଘ ଦୁଇ ବର୍ଷ ଧରି ରହିଥିଲେ । ଉଲ୍ଲେଖନୀୟ କଥାଟି ହେଲା, ଯେତେବେଳେ ସେ ଏହି ହୋଟେଲ ଭିତରୁ ବାହାରିଲେ ସେ ରହୁଥିବା ରୁମ୍‌ଟିକୁ ଦେଖି କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥଲେ । ଘର ସାରା ଅଳିଆ ଆବର୍ଜନା ସହ ଏହା ଏକ ପରିତ୍ୟକ୍ତ ଘର ଭଳି ଲାଗୁଥିଲା । ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଅଧିକାଂଶ ଏହାକୁ ଭିଡିଓ ଗେମ୍ ନିଶାର ଏକ ବିପଜ୍ଜନକ ଉଦାହରଣ ବୋଲି କହିଛନ୍ତି । ତେବେ ଏହି ହୋଟେଲଟି ଭିଡିଓ ଗେମ୍ ଖେଳାଳିଙ୍କ ପାଇଁ ତିଆରି କରାଯାଇଥିଲା । ହୋଟେଲର ଏକ ରୁମ୍‌ରେ ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦୁଇ ବର୍ଷ ଧରି ରହି ଆସୁଥିଲେ । ଏହି ଦୁଇ ବର୍ଷ ମଧ୍ୟରେ ସେ ଆଦୌ ହୋଟେଲ ବାହାରକୁ ବାହାରି ନ ଥିଲେ । ଏନେଇ ହୋଟେଲ କର୍ମଚାରୀଙ୍କ କହିବା କଥା, ବ୍ୟକ୍ତି ଜଣକ ଦିନରାତି ବସି ରୁମ୍ ଭିତରେ ଭିଡିଓ ଗେମ୍ ଖେଳୁଥିଲେ । ଦୁଇ ବର୍ଷ ପରେ ଏହି ବ୍ୟକ୍ତି ଜଣକ ହୋଟେଲ ଛାଡ଼ିଥିଲେ । ଏହାପରେ ସଫେଇ କର୍ମଚାରୀ ରୁମ୍‌କୁ ସଫା କରିବାକୁ ଯିବାରୁ ଭିତରେ ଖାଇବା ଡବା, ଖାଲି ବୋତଲ, ଅଳିଆ ଆବର୍ଜନା ଘରର ଚଟାଣଠାରୁ ନେଇ ବିଛଣା, ଟେବୁଲ ଚଉକି ସବୁଠି ଏଣେତେଣେ ପଡ଼ିଥିଲା । ଏପରିକି ବ୍ୟବହାର କରାଯାଇଥିବା ଟଏଲେଟ୍ ପେପର୍‌ଗୁଡ଼ିକ ଟଏଲେଟ ସିଟ୍‌ଠାରୁ ଅଧିକ ଉଚ୍ଚାରେ ରହିଥିଲା । ଘର ଦୁର୍ଗନ୍ଧରେ ଫାଟି ପଡୁଥିଲା । ହୋଟେଲ କର୍ମଚାରୀଙ୍କ କହିବାନୁସାରେ, ବ୍ୟକ୍ତି ଜଣକ ଏହି ରୁମ୍‌ରେ ରହିବା ସତ୍ତ୍ୱେ ବି ଖୁବ୍ କମ୍ ନଜର ଆସୁଥିଲେ । ସେ ଜଣେ ହାର୍ଡକୋର ଖେଳାଳି । ସାମାଜିକ ଗଣମାଧ୍ୟମରେ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ ହେବା ପରେ କେହି କେହି ଏଭଳି ନିଶାକୁ ବିପଜ୍ଜନକ ରୂପ କହୁଥିବାବେଳେ ଆଉ କେହି କେହି ହୋଟେଲର ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି ।

## ଜୀବନ ରକ୍ଷା କରିବ ଉଡ଼ନ୍ତା ରୋବଟ୍

କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍) ଏମିତି ଏକ ରୋବଟ୍‌କୁ ପରିଚିତ କରାଇଛି, ଯାହାର ନାଁ 'ଏକ୍ସ ୧' । ତେବେ ଏହା ଗୋଟିଏ ରୋବଟ୍ ନୁହେଁ, ବରଂ ଦୁଇଟି ରୋବଟ୍‌ର ଏକ ଟିମ୍ । ଏହି ଦୁଇଟି ରୋବଟ୍ ପରସ୍ପର ସହିତ ମିଶି କାମ କରିଥାଏ । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିରେ ମଣିଷ ଭଳି ଚାଲୁଥିବା ଏକ ହ୍ୟୁମାନଏଡ୍ ରୋବଟ୍ ଅଛି ଏବଂ ଏହା ପିଠି ଉପରେ ଥିବା ଆଉ ଏକ ରୋବଟ୍ ଆବଶ୍ୟକ ପଡ଼ିଲେ ଡ୍ରୋନ୍‌ରେ ରୂପାନ୍ତରିତ ହୋଇପାରିବ । 'ଏକ୍ସ ୧'କୁ ଉଦ୍ଧାର କାର୍ଯ୍ୟ ଲାଗି ନିର୍ମାଣ କରାଯାଇଛି । ଯେଉଁ ସ୍ଥାନକୁ ମଣିଷ ଯିବା ବିପଜ୍ଜନକ ସେହିସ୍ଥାନଗୁଡ଼ିକୁ ଏହି ରୋବଟ୍‌କୁ ପଠାଇ ହେବ । ସେହିପରି ଏକ୍ସ ୧ ପ୍ରୋଜେକ୍ଟ ଉପରେ କାଲଟେକ୍ ଏବଂ ଆବୁଧାବିର ଟେକ୍ନୋଲୋଜି ଇନୋଭେସନ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ କାମ କରିଛନ୍ତି । ଏହି ସମୟ ମଧ୍ୟରେ ଇଞ୍ଜିନିୟରମାନେ ଦୁଇଟି ରୋବଟ୍‌କୁ ଏମିତି ପ୍ରଶିକ୍ଷିତ କରିଛନ୍ତି ଯେ, ଯେମିତି ଆବଶ୍ୟକ ପଡ଼ିଲେ ଉଭୟ ଉଭୟଙ୍କୁ ଶକ୍ତି ଯୋଗାଇ ପାରିବେ । ଏପ୍ରକାର ସିଷ୍ଟମକୁ 'ମଲ୍ଟି ରୋବଟ୍ ସିଷ୍ଟମ୍' ବୋଲି କୁହାଯାଏ । ତେବେ ଏକ୍ସ ୧ର ମୁଖ୍ୟ ୟୁନିଟ୍ରି ଜି ୧ ହ୍ୟୁମାନଏଡ୍ ରୋବଟ୍ ଦୁଇ ଗୋଡ଼ରେ ଚାଲିବ ଏବଂ ଭାରି ଜିନିଷ ଉଠାଇ ପାରିବ । ସେହିଭଳି ଏହା ଉପରେ ଥିବା ଏମ୍ ୪ ରୋବଟ୍ ଆବଶ୍ୟକତା ଅନୁସାରେ ନିଜର ଆକାର ବଦଳାଇପାରେ । ଏମ୍ ୪ କେତେବେଳେ ଚକ ସଦୃଶ ରୋବଟ୍ ପାଲଟି ଯିବ ତ ପୁଣି ଡ୍ରୋନ୍ ହୋଇ ଉଡ଼ିବ । ଏଥିରେ କ୍ୟାମେରା ତଥା ଅନ୍ୟ ସେନ୍ସର୍‌ଗୁଡ଼ିକ ଲାଗିଛି । ଯଦ୍ୱାରା ଏହା ଆଖପାଖର ସ୍ଥିତି ବିଷୟରେ ଜାଣିପାରିବ । ତେବେ ଆଜିର ସମୟରେ ଅନେକ ରୋବଟ୍ କିଛି କାମ ଲାଗି ସୀମିତ ଥିବାବେଳେ ଏକ୍ସ ୧ ଏବଂ ଏମ୍ ୪ ରୋବଟ୍ ଚାଲିପାରିବ, ଉଡ଼ିପାରିବ, ସନ୍ତୁଳନ ରକ୍ଷା କରିବାକୁ ସକ୍ଷମ । ଏହି କ୍ଷମତାକୁ ବୈଜ୍ଞାନିକମାନେ ଲୋକୋମୋସନ ପ୍ଲାଷ୍ଟିସିଟି ବୋଲି କହିଛନ୍ତି । ପରିସ୍ଥିତି ବଦଳିଲେ ରୋବଟ୍ ବି ତା'ର ତରିକା ବଦଳାଇପାରେ । ଅନ୍ୟପଟେ ଏହି ରୋବଟ୍ ଆବଡ଼ାଖାବଡ଼ା ସ୍ଥାନ, ଶିଡ଼ିରେ ବି କାମ କରିପାରିବ । ତେବେ ଏବେ ଏହା ସ୍କ୍ରିପ୍ଟେଡ୍ ମିଶନରେ କାମ କରୁଛି । ଏହାର ଟିମ୍ ଏହାକୁ ଅଧିକ ବିଶ୍ୱାସଯୋଗ୍ୟ ଓ ସୁରକ୍ଷିତ ଭାବେ ତିଆରି କରିବା ଦିଗରେ ପ୍ରଚେଷ୍ଟା ଚଳାଇଛନ୍ତି । ଭବିଷ୍ୟତରେ ଏହି ରୋବଟ୍ ନିଆଁ ଲାଗିଥିବା ସ୍ଥାନ, ଭୂମିକମ୍ପରେ ଧ୍ୱଂସ ହୋଇଯାଇଥିବା ଅଟ୍ଟାଳିକା ମଧ୍ୟରେ ମଣିଷଙ୍କ ବଦଳରେ ଉଦ୍ଧାର କାର୍ଯ୍ୟ କରିପାରିବ । ଭବିଷ୍ୟତରେ ଏହି ରୋବଟ୍ ରେସକ୍ୟୁ ଅପେରସନ୍ ଦିଗରେ ଏକ କ୍ରାନ୍ତି ଆଣିବ ବୋଲି କୁହାଯାଉଛି ।





## ଏଆଇ ପାଇଁ କୋର୍ସ

**ଦିନକୁ ଦିନ ଏଆଇର ଚାହିଦା ବୃଦ୍ଧି ପାଉଛି । ତେଣୁ ଏହାକୁ ନେଇ ଓପନଏଆଇ ଏଆଇ ସାର୍ଟିଫିକେସନ କୋର୍ସ ଆରମ୍ଭ କରିଛି । ପ୍ରଫେସନାଲଙ୍କୁ ଏଆଇ ସହିତ ପରିଚିତ କରାଇବା ଏହାର ଉଦ୍ଦେଶ୍ୟ । ଏବେ ବଡ଼ ବଡ଼ କମ୍ପାନି ପାଇଲଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା କରୁଛନ୍ତି ।**

**ବଢୁଛି ଏଆଇର ଚାହିଦା :** ଏଆଇ ଯୋଗୁଁ ବିଶ୍ୱରେ ଅନେକ ନିଯୁକ୍ତି ସୁଯୋଗ ବଦଳୁଛି । ଓପନଏଆଇ ଅନୁସାରେ, ୮୦ କୋଟିରୁ ଅଧିକ ଲୋକ ଏବେ ଚାଟ୍‌ଜିପିଟିର ବ୍ୟବହାର କରୁଛନ୍ତି । ତେବେ ସାଧାରଣ କର୍ମଚାରୀଙ୍କ ତୁଳନାରେ ଏଆଇରେ ପ୍ରବୀଣ ଲୋକ ଅଧିକ ରୋଜଗାର କରୁଛନ୍ତି । ତେଣୁ ଓପନଏଆଇର ଲକ୍ଷ୍ୟ ଲକ୍ଷାଧିକ ଲୋକଙ୍କୁ ଏଆଇ ଆଧାରିତ ଅର୍ଥବ୍ୟବସ୍ଥା ଲାଗି ପ୍ରସ୍ତୁତ କରିବା ।

**ସ୍ୱତନ୍ତ୍ର କୋର୍ସ କାହିଁକି:** ଏଆଇ ସାର୍ଟିଫିକେସନ୍‌ରେ ଅଛି ଏଆଇ ଫାଉଣ୍ଡେସନ କୋର୍ସ । ଏହା ମାଧ୍ୟମରେ ବ୍ୟବହାରକାରୀ ଏଆଇ ସହିତ ଜଡ଼ିତ ଅଲଗା ଅଲଗା କାମର ଅଭ୍ୟାସ କରିପାରିବେ । ସେହିପରି ତୁରନ୍ତ ଶିଖିବା ଦ୍ୱାରା ଫିଡ୍‌ବ୍ୟାକ୍ ପାଇପାରିବେ, ଶିଖିବା ଅଭ୍ୟାସକୁ ମଧ୍ୟ ଟ୍ରାକ୍ କରିପାରିବେ । କୋର୍ସ ପୂରା ହେବା ପରେ ବ୍ୟବହାରକାରୀଙ୍କୁ ସାର୍ଟିଫିକେଟ୍ ମିଳିବ, ଯାହାକି ଇଣ୍ଡଷ୍ଟ୍ରି ଲେବଲର ଏଆଇ ସ୍କିଲକୁ ପ୍ରଦର୍ଶନ କରିବ । ଯଦି ଅତିରିକ୍ତ କୋର୍ସ ଏବଂ ପ୍ରୋଜେକ୍ଟ ପୂରା କଲେ, ଏକ ଅଫିସିଆଲ ସାର୍ଟିଫିକେଟ୍ ମଧ୍ୟ ହାସଲ କରିପାରିବେ ।

**ବିଦ୍ୟାର୍ଥୀଙ୍କୁ ପ୍ରଥମ ଅଗ୍ରାଧିକାର :** କଲେଜ ଛାତ୍ରଛାତ୍ରୀଙ୍କୁ ଚାଟ୍‌ଜିପିଟି ଲ୍ୟାବ୍ ମାଧ୍ୟମରେ ଏହି କୋର୍ସ କରିବାର ପ୍ରଥମ ସୁଯୋଗ ମିଳିବ । ଓପନଏଆଇ ଏରିଜୋନା ଷ୍ଟେଟ୍ ୟୁନିର୍ଭସିଟି ଏବଂ କାଲିଫର୍ଣ୍ଣିୟା ଷ୍ଟେଟ୍ ୟୁନିର୍ଭସିଟି ସିଷ୍ଟମ ସହିତ ପାର୍ଟନରସିପ୍ କରିଛି । ଯେଭଳି ଏହି କୋର୍ସ ମାଧ୍ୟମରେ ବିଦ୍ୟାର୍ଥୀ ଉତ୍ତମ ଚାକିରିର ସୁଯୋଗ ପାଇପାରିବେ ।

**ଶିକ୍ଷକଙ୍କ ପାଇଁ କୋର୍ସ :** ଓପନଏଆଇ ସ୍କୁଲ ଶିକ୍ଷକଙ୍କ ଲାଗି 'ଚାଟ୍‌ଜିପିଟି ଫାଉଣ୍ଡେସନ ଫର୍ ଟିଚର' ନାମରେ ଏକ ସହଜ କୋର୍ସ ଆରମ୍ଭ କରିଛି । ଏହା ଦ୍ୱାରା ଶିକ୍ଷକମାନେ ଶିଖିପାରିବେ ଚାଟ୍‌ଜିପିଟି କିଭଳି କାମ କରେ, ଏହାକୁ ଆବଶ୍ୟକତା ଅନୁସାରେ କିଭଳି ସେଟ୍ କରିବା ଏବଂ ଶ୍ରେଣୀଗୃହ ଏବଂ ଆଡମିନିଷ୍ଟ୍ରେଟିଭ୍ ଲାଗି କିଭଳି ବ୍ୟବହାର କରାଯିବ । କମ୍ପାନି ଅନୁସାରେ, ପୂର୍ବରୁ ୬୦ ପ୍ରତିଶତ ଶିକ୍ଷକ ଏଆଇ ଟୁଲ୍‌ର ଉପଯୋଗ ପୂର୍ବରୁ କରିଆସୁଛନ୍ତି । ତା'ସହ ଏହି କୋର୍ସ ସେମାନଙ୍କୁ ଶିଖାଇବ ଯେ, ଏହି ଟୁଲ୍‌ର ବ୍ୟବହାର ସହଜରେ କିଭଳି କରାଯିବ । ଏହି କୋର୍ସ ଏବେ କୋରସେରାରେ ଉପଲବ୍ଧ ।

**ଚାକିରି ଲାଗି ନୂତନ ସୁଯୋଗ :** ଏହି ସମସ୍ତ କୋର୍ସ ଭବିଷ୍ୟତରେ ଓପନଏଆଇ ଜବ୍ ପ୍ଲାଟଫର୍ମ ପାଇଁ ମୂଳଦୁଆ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ଏହି ପ୍ଲାଟଫର୍ମର ଉଦ୍ଦେଶ୍ୟ ଏଆଇ ସାର୍ଟିଫାଇଡ୍ ଲୋକଙ୍କୁ ସିଧା ବାସ୍ତବିକ ଚାକିରି ସହିତ ଯୋଡ଼ିବା । ଏ ଲାଗି ଓପନଏଆଇ ଜବ୍ ସର୍ଚ୍ଚ ପ୍ଲାଟଫର୍ମ ଇନଡିଡ୍ ସହିତ ଏକ ନୂଆ ପାର୍ଟନରସିପ୍ କରୁଛି । ସେହିପରି ଏହା ଅପ୍‌ୱାର୍କ ସହିତ ନିଜର ସହଯୋଗ ବୃଦ୍ଧି କରୁଛି । ଏହା ଦ୍ୱାରା କମ୍ପାନି ପାଇଁ ଏଆଇ କୌଶଳ ଯୁକ୍ତ ଲୋକଙ୍କୁ ଖୋଜିବା ସହଜ ହେବ । ସେହିପରି ଏହି ସମସ୍ତ ପଦକ୍ଷେପ ଚାକିରି ଲାଗି ନୂଆ ସୁଯୋଗ ସୃଷ୍ଟି କରିବ ।

## ପଢ଼ା ବେଳେ ବ୍ରେକ୍ ନେଉଛନ୍ତି...

**ପଢ଼ା ମଝିରେ ବ୍ରେକ ନେବା ଅର୍ଥ ଫଟାଫଟ୍ ଫ୍ରେସ୍ ହୋଇ ପୁଣି ଥରେ ପଢ଼ିବାକୁ ବସିବା । ତେବେ ଏହି ବ୍ରେକ୍ ସମୟରେ ଅନେକ କାର୍ଯ୍ୟ ମଧ୍ୟ ଚାହିଁଲେ କରିପାରିବେ ।**



- ୨୫-୪୫ ମିନିଟ୍ ଲଗାତାର ବସି ପଢ଼ିବା ପରେ ୧୦ ମିନିଟ୍‌ର ଛୋଟ ବ୍ରେକ୍ ନେବା ଭଲ । ଏହାରି ଭିତରେ କିଛି ସମୟ ପାଇଁ ଚଲାବୁଲା ଏବଂ ପ୍ରାଣାୟମ କରିପାରିବେ ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜ ମନପସନ୍ଦର ଗୀତ ଶୁଣିପାରିବେ । ଏହା ଦ୍ୱାରା ଚାପ ଲାଘବ ହୁଏ ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜର କିଛି ଛୋଟ ମୋଟ ଅଧୁରା କାମ ପୂରା କରିପାରିବେ ।
- ପଢ଼ିବା ବେଳେ ବ୍ରେକ୍ ନେଉଥିଲେ କିଛି ହାଲକା ଖାଦ୍ୟ ଖାଇପାରିବେ । ଜୁସ୍, କଫି କିମ୍ବା ଫଳ ଆଦି ଖାଇପାରିବେ ।
- ପଢ଼ା ମଝିରେ ବ୍ରେକ୍ ନେଇ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରନ୍ତୁ । ପଢ଼ା ପ୍ରତି ଅଧିକ ଆଗ୍ରହ ବଢ଼ିବ ।

## ସମ୍ଭାବନା



## ସଫଳତାର ସୂତ୍ର



**ପ୍ରତ୍ୟେକ ବ୍ୟକ୍ତି ସଫଳ ହେବାକୁ ଚାହାନ୍ତି । ତେବେ ପ୍ରଶ୍ନ ଉଠେ ସଫଳ ହେବା ପାଇଁ ପ୍ରଥମେ କ'ଣ କରିବାକୁ ପଡ଼ିବ । ବିଶେଷଜ୍ଞଙ୍କ ଅନୁସାରେ, ବଡ଼ ସଫଳତା ପଛରେ ଛୋଟ ଛୋଟ ଅଭ୍ୟାସ ସାମିଲ ଥାଏ । ମଣିଷ ଯଦି ନିଜ ଭିତରେ କିଛିଦିନ ସକାରାତ୍ମକ ପରିବର୍ତ୍ତନ ଆଣିବ, ତାହାଲେ ନିଜ ଲକ୍ଷ୍ୟପଥରେ ପହଞ୍ଚିପାରିବ ।**

ସକାଳୁ ଉଠି ପ୍ରଥମେ ନିଜ ମନରୁ ସ୍ଥିର କରନ୍ତୁ, ଆଜି କ'ଣ ହାସିଲ କରିବାକୁ ପଡ଼ିବ । ଆଖି ବନ୍ଦ କରି ସେହି ଲକ୍ଷ୍ୟକୁ ହାସିଲ କରିବା ଦିଗରେ ଅଗ୍ରସର ହୁଅନ୍ତୁ । ଏଭଳି କରିବା ଦ୍ୱାରା ସଫଳତା ଦିଗକୁ ଅଗ୍ରସର ହେବାକୁ ଉତ୍ସାହିତ ହେବେ । ତେବେ ଯେଉଁ କ୍ଷେତ୍ରରେ ସଫଳ ହେବାକୁ ଚାହୁଁଛନ୍ତି, ତାହା ସହ ସମ୍ବନ୍ଧିତ ଜିନିଷର ଫଟୋକୁ ନିଜ ଘର ତଥା ମୋବାଇଲ ୱାଲପେପର୍‌ରେ ରଖନ୍ତୁ । ଏହି ଫଟୋ ସବୁଦିନ ମନେ ପକାଇବ ଯେ, କେଉଁ ଦିଗରେ ଆଗକୁ ଯିବାକୁ ପଡ଼ିବ । ଚିନ୍ତାଧାରା ହିଁ ଜୀବନକୁ ସଫଳ କରାଏ । ତେଣୁ ମନକୁ ଯେତେବେଳେ ବି କିଛି ନକାରାତ୍ମକ ଚିନ୍ତାଧାରା ଆସୁଛି, ତାହାକୁ ସକାରାତ୍ମକ ବିଚାରରେ ପରିଣତ କରନ୍ତୁ । ଏହା ଦ୍ୱାରା ମନ ହାଲୁକା ରହିବ ଏବଂ ଆତ୍ମବିଶ୍ୱାସ ବଢ଼ିବ । ନିଜ ପାଖରେ ଥିବା ପ୍ରତ୍ୟେକ ଜିନିଷ ଲାଗି ନିଜକୁ କୃତଜ୍ଞତା ଜ୍ଞାପନ କରନ୍ତୁ । କେବେ ବି ଠିକ୍ ସମୟର ଅପେକ୍ଷା କରନ୍ତୁ ନାହିଁ । ଯାହା ବି କିଛି କରିବାର ଅଛି, ଆଜିଠୁ କରିବାର ନିର୍ଣ୍ଣୟ ନିଅନ୍ତୁ । ଏହିପରି ଛୋଟ ଛୋଟ ପ୍ରୟାସ ଜୀବନରେ ସଫଳତା ଆଣିଥାଏ ।

## ଗୁଗଲ୍‌ର 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍

ଗୁଗଲ୍ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଆରମ୍ଭ କରିଛି । ଏହାର ନାଁ 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍ । ଏହା ହେଉଛି ଏକ ସୁରକ୍ଷାତ୍ମକ ଫିଚର । ଏହା ବ୍ୟବହାରକାରୀଙ୍କୁ ବିପଦଜନ ପରିସ୍ଥିତିରେ ଲାଇଭ୍ ଭିଡିଓ ଷ୍ଟ୍ରିମ୍ କରିବା ସୁବିଧା ପ୍ରଦାନ କରିବ । ଏହି ଗୁଗଲ ଫିଚର ମାଧ୍ୟମରେ କାର୍ ଦୁର୍ଘଟଣା, ନିଆଁ ଲାଗିବା ଭଳି ମେଡିକାଲ ଇମରଜେନ୍ସି ପରିସ୍ଥିତିରେ ଉଦ୍ଧାରକର୍ତ୍ତାଙ୍କୁ ସ୍ପଷ୍ଟ ତଥ୍ୟ ମିଳିପାରିବ । ଏହି ଫିଚର୍‌କୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ । ଏହାକୁ ବ୍ୟବହାର କରିବା ଲାଗି ଫୋନ୍‌ର କୌଣସି ସେଟିଂକୁ ଚାଲୁ କରିବାକୁ ପଡ଼ିବ ନାହିଁ । କୌଣସି ଅସୁବିଧା ପାଇଁ ପୋଲିସ୍, ଆମ୍ବୁଲାନ୍ସ ବା ଫାୟର ବ୍ରିଗେଡ୍‌ଙ୍କୁ ଇମରଜେନ୍ସି କଲ୍ ମେସେଜ କରୁଥିଲେ, ଏହି ପରିସ୍ଥିତିରେ ଉପସ୍ଥିତ ଥିବା ଅଧିକାରୀଙ୍କ ପାଖକୁ ଏକ ଭିଡିଓ ଅନୁରୋଧ ପଠା ଯାଇପାରିବ । ଅନୁରୋଧ ସ୍ୱୀକାର କରିବା ମାତ୍ରେ ଗୋଟିଏ କ୍ଲିକ୍‌ରେ ମୋବାଇଲ କ୍ୟାମେରା ଅନ୍ ହୋଇଯିବ । ଏହା ଦ୍ୱାରା ସୁରକ୍ଷାଦଳ ଭିଡିଓ ମାଧ୍ୟମରେ ସ୍ଥିତିକୁ ସିଧା ଦେଖିପାରିବେ । ଏହା ଦ୍ୱାରା ଏକଥା ବୁଝିବା ସହଜ ହେବ ଜଣେ ବ୍ୟକ୍ତିଙ୍କୁ କେଉଁ ପ୍ରକାର ମେଡିକାଲ ସାହାଯ୍ୟ ଓ ସୁରକ୍ଷା ଉପକରଣ ଆବଶ୍ୟକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଗଲ ଏହାକୁ ଜର୍ମାନୀ, ଆମେରିକା ଏବଂ ମେକ୍ସିକୋରେ ଜାରି କରିବ । ଅନ୍ୟପଟେ ଏହି ଫିଚର୍‌କୁ ଭାରତ ସମେତ ଅନ୍ୟ ଦେଶରେ ବି ଉପଲବ୍ଧ କରାଯିବ ।



# ଭୁବନେଶ୍ୱର ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ

## ପୁରୁଷ ବନ୍ଧୁଙ୍କ ସହ ମହିଳା ଅଟକ

ଭୁବନେଶ୍ୱର,୩୦।୧୨(ସମିସ): ଭୁବନେଶ୍ୱର ଏୟାରପୋର୍ଟରୁ ପୁଣି ମାରିଜୁଆନା ଜବତ ହୋଇଛି। ଏହାର ମୂଲ୍ୟ ୪ କୋଟି ଟଙ୍କା ବୋଲି ଜଣାପଡ଼ିଛି। ବ୍ୟାଙ୍କକ୍‌ରୁ ମାରିଜୁଆନା ଚାଲାଣ ବେଳେ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ଦ୍ୱାରା ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଜଣେ ମହିଳା ଏବଂ ତାଙ୍କ ପୁରୁଷବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଦୁଇ ଅଭିଯୁକ୍ତ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏମାନେ ଭାରତକୁ ଗଞ୍ଜେଇ, ଡ୍ରଗ୍ସ ଭଳି ଏକାଧିକ ନିଶା ସାମଗ୍ରୀ ଚାଲାଣ କରନ୍ତି। ମିଳିଥିବା ସୂଚନା ମୁତାବକ ମାରିଜୁଆନା ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡିଆର୍‌ଆଇ ଜଣେ ମହିଳା ଏବଂ ପୁରୁଷଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହ୍ୟାଣ୍ଡବ୍ୟାଗରୁ ବିପୁଳ ପରିମାଣର ମାରିଜୁଆନା ମିଳିଲା। ଯାହକୁ ଡିଆର୍‌ଆଇର କଷ୍ଟମ ବିଭାଗ ଜବତ କରିବା ସହ ଦୁଇ ଜଣଙ୍କୁ ହେପାଜତକୁ ନେଇ ପଚରାଉଚରା ଚଳାଇଛି। ତେବେ ଏମାନେ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏକାଧିକ ବାର ବ୍ୟାଙ୍କକରୁ ଭାରତ ମାରିଜୁଆନା ସପ୍ଲାଏ କରିଛନ୍ତି। ହେଲେ ଧରାପଡ଼ି ନ ଥିଲେ। ଯାହାଫଳରେ ଏମାନେ ବାରମ୍ବାର ସପ୍ଲାଏ କରି ଚାଲିଥିଲେ। ଏହି ଦୁଇ ଅଭିଯୁକ୍ତ କେରଳର ଜଣେ ସପ୍ଲାୟର୍ସଙ୍କୁ ଦେଇଥାନ୍ତେ। ଅଭିଯୁକ୍ତଙ୍କ ଘର ଗୁଜରାଟରେ ବୋଲି ଜଣାପଡ଼ିଛି।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

ବଅଁରପାଳ,୩୦।୧୨(ସମିସ): ବଅଁରପାଳ ଥାନା ବୁଢ଼ାପଙ୍କ ଗ୍ରାମରେ ଘଟିଛି ଅଘଟଣ। ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଏହି ଦମ୍ପତି ହେଲେ ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ। ସୂଚନା ଯୋଗ୍ୟ ଯେ, ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ ଘର ବାହାରେ ଏକ ଘର ତିଆରି କରୁଛନ୍ତି। ଆଜି ଅପରାହ୍ଣ ସମୟରେ ନୂଆ ଘରେ ପାଣି ପକାଇ ସଫା କରୁଥିଲେ। ସେହି ଘର ଭିତରେ ଏକ ବିଦ୍ୟୁତ୍ ତାର ପଡ଼ିଥିବାବେଳେ ସେଥିରେ ବିଦ୍ୟୁତ୍ ଚାର୍ଜ ହୋଇ ରହିଥିଲା। ଶ୍ରୀ ରଥ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବାବେଳେ ଏହା ଦେଖି କାଗଜ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସସ୍ପର୍ଶରେ ଆସିଥିଲେ। ଯାହା ଫଳରେ ଦୁହେଁ ଗୁରୁତର ହୋଇ ଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବଅଁରପାଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।



ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରୁଛନ୍ତି ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ରଜନତା ଦଳର କର୍ମକର୍ତ୍ତା।

**ସରକାରଙ୍କୁ ଡେଡ୍‌ଲାଇନ ଦେଲା ଓମ୍‌ସା**

# ଦାବି ପୂରଣ ନ ହେଲେ ସମୂହ ଇସ୍ତଫା ଦେବେ ଡାକ୍ତର

ଭୁବନେଶ୍ୱର,୩୦।୧୨(ସମିସ): ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି, ତାହେଲେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ ବୋଲି ଧମକ ଦେଇଛି। ଏପରିକି ଓମସାର ଡାକ୍ତରମାନେ ଆଗାମୀ ଦିନରେ ସମୂହ ଇସ୍ତଫା ଦେବାକୁ ମଧ୍ୟ ବାଧ ହେବେ। ମଙ୍ଗଳବାର ଓମ୍‌ସା ବୈଠକରେ ଏପରି ଚରମ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ନିଜ ଦାବିକୁ ନେଇ ଓମସା ଅଟଳ ଥିବାବେଳେ ଗତ ୨୬ ତାରିଖରୁ ଦୈନିକ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରିଆସୁଛି। ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ମଙ୍ଗଳବାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓମସା ଭବନରେ ହୋଇଥିଲା। ବୈଠକ ପରେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ ସରକାର ଏଯାଏଁ ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଆରମ୍ଭ କରିନାହାନ୍ତି। ବର୍ତ୍ତମାନ ଓମ୍‌ସା ପକ୍ଷରୁ ରାଜ୍ୟବ୍ୟାପୀ ଦିନ ୧୦ଟାରୁ ୧୧ଟା ଯାଏଁ ଓପିଡି ସେବାରେ ସହଯୋଗ କରାଯାଉ ନାହିଁ। ଆମେ ସରକାରଙ୍କୁ ଆସନ୍ତା ୫ ତାରିଖ ଯାଏଁ ସମ ଦେଲୁ। ଏହି ସମୟସୀମା ମଧ୍ୟରେ ଆମ ଦାବି ଯଦି ନଶୁଣାଯାଏ, ତାହେଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା, ଅର୍ଥାତ୍ ସକାଳ ୯ଟାରୁ ଦିନ ୧୧ଟା ଯାଏଁ ଓପିଡି ସେବା ବନ୍ଦ ରଖାଯିବ। ଏହାର ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ପ୍ରତି ସପ୍ତାହରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବଢ଼ିବ ବୋଲି ସେମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଆମ

**ଆସନ୍ତା ୫ରୁ ଦୁଇ ଘଣ୍ଟିଆ ଓପିଡି ବନ୍ଦ**

ଦାବି ପୂରଣ ପ୍ରତି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ବାଧହୋଇ ଆମେ ଚରମ ପଦକ୍ଷେପ ନେବୁ। ନୂଆବର୍ଷ ପରେ ଓମସା ଡାକ୍ତରମାନେ ସମୂହ ଇସ୍ତଫା ପତ୍ର ସଂଘ ପାଖରେ ଦାଖଲ କରିବେ। ପରବର୍ତ୍ତୀ ସମୟରେ ଏହି ଇସ୍ତଫା ପତ୍ର ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏପଟେ ସେମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି।

# ସରକାରୀ ଅଫିସ୍‌ରେ ନୂଆବର୍ଷ ମନା

## ଭେଟଘାଟ୍, ଭୋଜିଭାତ ଉପରେ କଟକଣା

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟ ସରକାର ଇଂରାଜୀ ନବବର୍ଷ ପାଳନ କରିବେ ନାହିଁ। ଅର୍ଥାତ୍ ଜାନୁଆରୀ ପହିଲା ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରାମର୍ଶ ଦେଇଛି।

**ଜାନୁଆରୀ ୧ ସାଧାରଣ କାର୍ଯ୍ୟଦିବସ, ଅଫିସ୍‌କୁ ଅଭିନନ୍ଦନ ଜଣାଇବାକୁ ଆସନ୍ତୁନାହିଁ: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ଏହି ଦିନ ମୋର କାର୍ଯ୍ୟାଳୟ ଗୋଟିଏ ସାଧାରଣ କାର୍ଯ୍ୟଦିବସ ଭଳି ଚାଲିବ ଏବଂ ନିୟମିତ ଭାବେ ସରକାରୀ କାର୍ଯ୍ୟ ହେବ। ତେଣୁ ମୋ କାର୍ଯ୍ୟାଳୟକୁ ନୂଆବର୍ଷର ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଜଣାଇବା ପାଇଁ କେହି ନ ଆସିବାକୁ ଅନୁରୋଧ। ସେହିପରି ସରକାରୀ କର୍ମଚାରୀମାନେ ମଧ୍ୟ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି ଅଫିସ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଅନୁରୋଧ। ମୋର ସରକାରୀ ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, ସମସ୍ତଙ୍କୁ ନିବେଦନ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ଆସିବେ ନାହିଁ। କେବଳ ଆପଣଙ୍କ ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଅତିରିକ୍ତ ତହସିଲଦାରଙ୍କ ଶ୍ୱଶୁରଘରୁ ୭୫ଲକ୍ଷ ଜବତ



କଟକ,୩୦।୧୨(ସମିସ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଏକାଧିକ ଠିକଣାରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ମଙ୍ଗଳବାର ହୋଇଥିବା ଏହି ତଲାସୀ ଅଭିଯାନରେ ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଜିତେନ୍ଦ୍ରଙ୍କ ଶ୍ୱଶୁରଙ୍କ ଘରୁ ଭିଜିଲାନ୍ସ ପ୍ରାୟ ୭୫ ଲକ୍ଷ ଟଙ୍କା ନଗଦ ଅର୍ଥ ଜବତ କରିଛି। ଅତିରିକ୍ତ ତହସିଲଦାର ନିଜର ବେଆଇନ ଉପାର୍ଜିତ ଅର୍ଥକୁ ଶଯ୍ୟାଶାୟୀ ଶାଶୂଙ୍କ ବନ୍ଦ କୋଠରୀରେ ଲୁଚାଇ ରଖିଥିଲେ। ଭିଜିଲାନ୍ସ ଟିମ୍ ଜିତେନ୍ଦ୍ରଙ୍କ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଏକାଧିକ ବହୁତଳ କୋଠା ଠାବ କରିଛି। ବଡ଼ଗଡ଼ ଗୋପାଳୁଣୀ ନଗର ଏବଂ ବ୍ରିଟ୍ କଲୋନୀରେ ଦୁଇଟି ତିନି ମହଲା ବିଶିଷ୍ଟ ପ୍ରାସାଦ ସମେତ ଖୋର୍ଦ୍ଧା ସାନପଲ୍ଲାରେ ଏକ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ଏକ ଆଧୁନିକ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଏହାବ୍ୟତୀତ ଭୁବନେଶ୍ୱର ଓ ଖୋର୍ଦ୍ଧାର ମୁଖ୍ୟ ସ୍ଥାନରେ ୪ଟି ଅତି ମୂଲ୍ୟବାନ ପ୍ଲଟ୍‌କୁ ମଧ୍ୟ ଭିଜିଲାନ୍ସ ଚିହ୍ନଟ କରିଛି। ନଗଦ ୭୫ ଲକ୍ଷ ଟଙ୍କା ବ୍ୟତୀତ, ଘରୁ ଅଲଗା ଭାବେ ୬.୨୦ ଲକ୍ଷ ଟଙ୍କା, ୧୦୦ ଗ୍ରାମର ସୁନା ଅଳଙ୍କାର, ଏକ ବିଳାସପୂର୍ଣ୍ଣ କିଆ ସେଲ୍ଟୋସ କାର୍ ଏବଂ ୪ଟି ଦୁଇଚକିଆ ଯାନ ଜବତ କରିଛି।

## ଭିଜିଲାନ୍ସ ଜାଲରେ ପିଇଓ



ହାଟଡିହୀ,୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ କାର୍ଯ୍ୟରତ ପିଇଓ ଜିତେନ୍ଦ୍ର ଜେନାଙ୍କ ମରେଇଗାଁସ୍ଥିତ ଘର ଓ ବସନ୍ତିଆ ବଜାରରେ ପତ୍ନୀଙ୍କ ନାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଭିଜିଲାନ୍ସ ଚଢ଼ଉ କରିଛି। ମୋଟ ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଯାଞ୍ଚ ଚାଲିଥିଲା ବେଳେ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରେ ୨ଟି ବହୁମହଲା କୋଠା, ଉତ୍ତରା ଭୁବନେଶରରେ ଗୋଟିଏ ଫ୍ଲାଟ ଏବଂ ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁମହଲା କୋଠା ସହ ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ୧୦୦ ଗ୍ରାମ ସୁନା, ନଗଦ ୬.୨୦ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଗାଡ଼ି ଏବଂ ୪ଟି ଦୁଇଚକିଆ ଗାଡ଼ି ରହିଥିବା ନେଇ ସୂଚନା ମିଳିଛି। ଖବର ଲେଖାଯିବା ଯାଏଁ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରସ୍ଥିତ ଏସବିଆଇ ବ୍ୟାଙ୍କରେ ଗୋଟିଏ ଲକର୍ ଏବଂ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ ଆଦିରେ ଜମା ଏବଂ ଅନ୍ୟାନ୍ୟ ନିବେଶ ଇତ୍ୟାଦି ଯାଞ୍ଚ କରାଯାଉଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,୩୦।୧୨(ସମିସ): ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ବାହାରେ କର୍ମରତ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଣେ ନିରୀହ ଓଡ଼ିଆ ପୁଅ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଉଦବେଗ**

# ୨୨ ଆଇଏଏସ୍, ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି

## ପଦୋନ୍ନତି ପାଇଁ ଯୋଗ୍ୟ ସତ୍ତ୍ୱେ ୨ ବରିଷ୍ଠ ଆଇପିଏସ୍‌ଙ୍କ ପାଇଁ ପଦ ନାହିଁ

ଭୁବନେଶ୍ୱର,୩୦।୧୨(ସମିସ): ବିଭିନ୍ନ ବ୍ୟାଚର ୨୨ ଜଣ ଆଇଏସ ଓ ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତେବେ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ପଦ ଖାଲି ନ ଥିବାରୁ ଦୁଇ ବରିଷ୍ଠ ଆଇପିଏସ୍‌ଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

୨୦୧୦ ବ୍ୟାଚର ୬ ଜଣ ଆଇଏଏସ ଯଥା ସୁଧାଂଶୁ ମୋହନ ସାମଲ, ରଶ୍ମିତା ପଣ୍ଡା, ବୃନ୍ଦା ଡି., ଏମ୍‌ଡି ସାଦିକ ଆଲାମ, ମାନସୀ ନିମ୍ଭାଲ ଓ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବର୍ଗ -୧୪କୁ ପଦୋନ୍ନତି ମିଳିଛି। ୨୦୧୩ ବ୍ୟାଚର ୧୧ ଜଣ ଆଇଏଏସ ମଧୁସ୍ମିତା ସାହୁ, ଶୁଭମ ସାକ୍ସେନା, ମନୀଷା ବାନାର୍ଜୀ, ବିଜୟ ଅମୃତା କୁଲାଙ୍ଗେ, କଲ୍ୟାଣ କୁମାର ରଥ, ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, କାଳୀପ୍ରସନ୍ନ ମହାପାତ୍ର, ରଘୁରାମ ଆର୍. ଆୟର, ସତ୍ୟବ୍ରତ ରାଉତ, ଦୀପକ ରଞ୍ଜନ ଦାସଙ୍କୁ ଲେବୁଲ-୧୩କୁ ପଦୋନ୍ନତି ଦିଆଯାଇଛି। ସେହିପରି ୨୦୨୨ ବ୍ୟାଚର ୫ ଜଣ ଆଇଏଏସ ଆକାଭରମ ଏସ୍. ରେଡ୍ଡି, ଅକ୍ଷୟ ପିଲୟ, ଅରୁଗୁଳା ସ୍ନେହା, ସମୀର କୁମାର ଜେନା ଓ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବର୍ଗ-୧୧କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଅନୁରୂପ ଭାବରେ ଡ଼ିଜି ପାହ୍ୟାକୁ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା। ମାତ୍ର ଡିଜି ପଦବୀ ଖାଲି ନ ଥିବାରୁ ସେମାନଙ୍କ ପଦୋନ୍ନତି ସ୍ଥଗିତ ରଖାଯାଇଛି। ସେହିପରି ଡଃ. ସତ୍ୟଜିତ୍ ନାୟକ ଓ ଡଃ. ଉମାଶଙ୍କର ଦାସ ଆଇଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ମଦକର୍ ସନ୍ଦୀପ ସମ୍ପଦ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୁଧାଂଶୁ ଶେଖର ମିଶ୍ରଙ୍କୁ ଡିଆଇଜି ପାହ୍ୟା, ଡେପୁଟେସନ୍‌ରେ ଥିବା ବରିଷ୍ଠ ଆଇପିଏସ୍ ଡଃ. ସୋରୟା ଥାଙ୍ଗପାନ୍ ଏବଂ ସାଇନୀ ଏସ୍‌ଙ୍କୁ ଅତିରିକ୍ତ ଡିଜି ପ୍ୟାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଅନୁରୂପ ଭାବରେ ଜଗମୋହନ ମିନା, ମୁକେଶ କୁମାର ଭାମୋ, ପରମାର ସ୍ମିତ୍ ପରୋଷତମ୍ଭଦାସ, ରାହୁଲ ପିଆର୍, ଅନୁପମା ଜେମ୍ସ ଏବଂ ଏଲ୍. ଦିବ୍ୟା ଭିଙ୍କୁ ଲେବୁଲ୍ ୧୩କୁ ପଦୋନ୍ନତି ମିଳିଛି। ଏମାନଙ୍କ ମଧ୍ୟରୁ କିଛି ଅଧିକାରୀ ବର୍ତ୍ତମାନ ରାଜ୍ୟରେ କାମ କରୁଥିଲା ବେଳେ ଆଉ କିଛି କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି।

# ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩୦।୧୨(ସମିସ): ୧୪ତମ ନିଯୁକ୍ତି ମେଳା ମଙ୍ଗଳବାର ଭୁବନେଶ୍ୱର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ, ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ, ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍‌ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି।





କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଧାନକିଣା; ସମ୍ପୂର୍ଣ୍ଣ ବାଟବଣା: ବିଜେଡି

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ କରି ବାହାବା ନେଉଥିବା ରାଜ୍ୟ ସରକାର ବାସ୍ତବରେ ଚାଷୀଙ୍କ ପ୍ରତି ପ୍ରତାରଣା କରୁଛନ୍ତି ବୋଲି କହିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ବିଜେଡି କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଯେ ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନ କିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ନିକଟରେ କେନ୍ଦ୍ର ସରକାରଙ୍କ ବୈଠକରେ ଧାନ କିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡିଶା ଠାରୁ ଛତିଶଗଡ଼ରେ ଅଧିକ ରହିଛି। ଛତିଶଗଡ଼



ଓଡ଼ିଶାଠାରୁ କମ୍ ଧାନ ଉତ୍ପାଦନ କରୁଛି। ମାତ୍ର ଓଡ଼ିଶା ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନକିଣା ଲକ୍ଷ୍ୟ ଥିବାବେଳେ ଛତିଶଗଡ଼ରେ ଏହି ପରିମାଣ ୮୦ ଲକ୍ଷ ଟନ୍। ଓଡ଼ିଶା ସରକାର ଏ ପ୍ରସଙ୍ଗରେ ନିରବ ରହିଛନ୍ତି। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରାଜ୍ୟ ଯୋଗାଣ ନିଗମ ଉପରେ ଋଣ ଭାର ୧୮,୮୮୬ କୋଟି ଟଙ୍କା ଓ ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ନିକଟରୁ ୮୧୨୧ କୋଟି ଟଙ୍କା ଓଡ଼ିଶା ପାଇବାର ଅଛି। ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ

- **ଛତିଶଗଡ଼ରେ ୪୦%, ଓଡ଼ିଶାରେ ମାତ୍ର ୮ ପ୍ରତିଶତ**
- **ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି**


ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ। ପଞ୍ଜିକରଣ ନହେଲେ ଚାଷୀ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ। ସରକାର ଦାରୁଭୂତ ମୁରାରୀ ହୋଇ ବସି ରହିଛନ୍ତି। ଚାଷୀଙ୍କୁ ଶୋଷଣ କରିବାର ସମସ୍ତ ଉପାୟ ସରକାର ଅବଲମ୍ବନ କରୁଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯେଉଁ ୮୦୦ ଟଙ୍କା ଇନପୁଟ ସବସିଡି କଥା କହିଥିଲେ ତାହା ପ୍ରଦାନ ନକରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତି ରାଜ୍ୟ ସରକାର ଅବଲମ୍ବନ କରୁଛନ୍ତି । ଯୋଗାଣ ମନ୍ତ୍ରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ କିଣା ଯିବ ନାହିଁ ବୋଲି କହିଥିବା ବେଳେ କ୍ୟାବିନେଟ ବୈଠକରେ ସମସ୍ତ ବଳକା ଧାନ କିଣାଯିବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଚାଷୀ ଧାନ ବିକିବା ପାଇଁ ସକ୍ଷମ ହୋଇଥିଲା ବେଳେ ଛତିଶଗଡ଼ରେ ୪୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିସାରିଲେଣି । କିନ୍ତୁ ରାଜ୍ୟ ସରକାର ନିଦ୍ରାବିଷ୍ଟ । ରାଜ୍ୟର କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ବଅଁରପାଳରେ ନକଲି ମଦ କାରଖାନା

ବଅଁରପାଳ, ୩୦।୧୨(ସମିସ) : ବଅଁରପାଳ ବ୍ଲକ ମହୀଧର ପୁର ଗ୍ରାମରେ ଅନୁଗୋଳ ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ ପୁଲିସ ତଳମୂଳ ଗ୍ରାମରେ ଚଢ଼ଉ କରି ୫୦୦ ଲିଟର ନକଲି ମଦ ଜବତ କରିଛି। ନାମୀ ଦାମୀ ମଦ ବ୍ରାଣ୍ଡକୁ ନକଲ କରାଯାଇ ଏଠାରେ ମଦ ପ୍ରସ୍ତୁତ କରାଯାଉଥିଲା। ମଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ୮୦୦ ଲିଟର ସ୍ପିରିଟ୍ ମଧ୍ୟ ଜବତ ହୋଇଛି। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ତଳମୂଳରେ ନକଲି ମଦ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ଚଢ଼ଉ କରିବା ପାଇଁ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ଏବଂ ବଅଁରପାଳ ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ। ଚଢ଼ଉ ବେଳେ ମଦ ପ୍ରସ୍ତୁତିରେ ସଂପୃକ୍ତ ଥିବା ଲୋକମାନେ ପୁଲିସ ଭୟରେ ସ୍ଥାନ ଛାଡ଼ି ପଳାଇଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ନକଲି ମଦ, ନକଲି ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ, ଲେବୁଲ ଲେବଲିଂ ମେସିନ, ଠିପି ଇତ୍ୟାଦି ବିପୁଳ ପରିମାଣର ଜବତ କରାଯାଇଛି। ସଂପୃକ୍ତ ମଦ ବେପାରୀଙ୍କ ଘରେ ଚଢ଼ଉ ଜାରି ରହିଛି। ଆହୁରି ଅଧିକ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହେବା ସମ୍ଭାବନା ରହିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମଦ ଫ୍ୟାକ୍ଟ୍ରି ଏଭଳି ସ୍ଥାନରେ କରାଯାଇଥିଲା, ଯାହା ଉପରେ ପୁଲିସ କି ସାଧାରଣ ଜନତାଙ୍କ ନଜର ପଡ଼ିବା ଅସମ୍ଭବ। ଏଠାକୁ ସାଧାରଣ ଜନତାଙ୍କ ଯାତାୟାତ ନଥିବାବେଳେ କେବଳ ମଦ ପ୍ରସ୍ତୁତକାରୀ, ଫାକ୍ଟ୍ରି କର୍ମଚାରୀ ଏଠାକୁ ଯିବା ଆସିବା କରୁଥିଲେ। ନକଲି ମଦକୁ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ହୋଟେଲ, ଢାବା, ପାନ ଦୋକାନ, ଜଳଖିଆ ଦୋକାନ ଇତ୍ୟାକୁ ଚାଲାଣ କରାଯାଉଥିଲା।

**୫୦୦ ଲିଟର ନକଲି ମଦ, ୮୦୦ ଲିଟର ସ୍ପିରିଟ୍ ଜବତ**



**ଚକଧର ଜଳସେଚନ ପ୍ରକଳ୍ପ ବନ୍ଦ**

# 'ପାଲଲହଡ଼ାବାସୀଙ୍କୁ ଡବଲ୍ ଧୋକା'

ପାଲଲହଡ଼ା,୩୦।୧୨(ସମିସ)




ଗତ ଜୁଲାଇ ମାସରେ ବହୁ ପ୍ରତୀକ୍ଷିତ ସମାକୋଇ ନଦୀ ଚକଧର ଜଳସେଚନ ପ୍ରକଳ୍ପ ଆଗକୁ ବଢ଼ିବା ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିଥିଲେ ମୋହନ ସରକାର। ଆଶା ଥିଲା ରେଙ୍ଗାଳି ଓ ସମଲ ପ୍ରକଳ୍ପ ଦ୍ୱାରା ବାସନ୍ଧ୍ୟୁତ ଜନତା ଏହି ପ୍ରକଳ୍ପରୁ ଲାଭବାନ ହେବେ। ଏଥିସହ ପାଲଲହଡ଼ା ନିର୍ବାଚନମଣ୍ଡଳୀର ୧୨ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଚାଷଜମିକୁ ଜଳସେଚନ ହୋଇପାରିବ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏହାଦ୍ୱାରା ପାଲଲହଡ଼ାବାସୀ ଉପକୃତ ହେବେ କହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରି ନିର୍ବାଚନ ମଣ୍ଡଳୀ ସାରା ପୋଷ୍ଟର ମାରିଥିଲେ। ମାତ୍ର ୬ ମାସ ନଯାଉଣୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ଜିଲ୍ଲାର ତେଲକୋଇ ଅଞ୍ଚଳକୁ ଦୁଇଦିନ ତଳେ ଗସ୍ତରେ ଆସିଥିବାବେଳେ ଏକ ସ୍କୁଲର ବାର୍ଷିକ ଉତ୍ସବରେ ଦେଇଥିବା ବକ୍ତବ୍ୟରେ ପାଲଲହଡ଼ାବାସୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଦେଇଛନ୍ତି। ଗଣମାଧ୍ୟମ ଜରିଆରେ ବୁଲୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମନ୍ତବ୍ୟ ଅନୁସାରେ ତେଲକୋଇବାସୀ ଯେବେଠୁ ମତେ ଦେଖାକରି ପ୍ରକଳ୍ପ ବନ୍ଦ କରିବାକୁ କହିଥିଲେ, ସେବେଠାରୁ ମୁଁ ସମାକୋଇ ନଦୀରେ ଚକଧର ଜଳସେଚନ ପ୍ରକଳ୍ପକୁ ବନ୍ଦ କରି ସାରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ତେଲକୋଇବାସୀଙ୍କୁ ଖୁସି କରିଥିଲାବେଳେ ପାଲଲହଡ଼ାବାସୀଙ୍କ ଛାତିରେ ମାଡ଼ ମାରିବା ପରି ଅନୁଭବ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହି ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ବିଜୁ ଜନତା ଦଳ ପାଲଲହଡ଼ା ପକ୍ଷରୁ ସ୍ଥାନୀୟ ରାଜପଥ ଡାକ ବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏଥିରେ ଏହି ମନ୍ତବ୍ୟର ନିନ୍ଦା କରାଯିବା ସହିତ ତୀବ୍ର ବିରୋଧ କରାଯିବ ବୋଲି ଘୋଷଣା କରାଯାଇଛି। ପାଲଲହଡ଼ା ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ମୁକେଶ ପାଲଙ୍କ ଦ୍ୱାରା ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପାଲଲହଡ଼ା ବିଧାୟକଙ୍କ ପାରିବା ପଣିଆ ଉପରେ ଅଙ୍ଗୁଳି ଉଠାଇ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି ଓ ଏହି ପ୍ରକଳ୍ପ ହୋଇଥିଲେ ଅଞ୍ଚଳର ୧୨ ଟି ପଞ୍ଚାୟତର ୯୯୯୦ ହେକ୍ଟର ଜମିରେ ଜଳସେଚନ ହୋଇଥାନ୍ତା ଏବଂ ରେଙ୍ଗାଳି ନଦୀ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇଥିବା ଜନତା ସିଧାସଳଖ ଉପକୃତ ହୋଇଥାନ୍ତେ ବୋଲି କହିଛନ୍ତି। ତେବେ ସରକାର ତାହାକୁ ହେବାକୁ ଦେଲେନାହିଁ ଓ ସ୍ଥାନୀୟ ବିଧାୟକ ବିଗତ ଦିନରେ ଚକଧର ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇ ନିର୍ବାଚନମଣ୍ଡଳୀ ସାରା ଯେଉଁ ପୋଷ୍ଟର ମାରିଥିଲେ, ସେହି ପୋଷ୍ଟର ଚିରି ନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଡବଲ ଇଞ୍ଜିନ ସରକାରର ଧୋକା ବୋଲି କହିଥିଲେ। ଏଥିସହିତ ବାହାସ୍ଫୋଟ ମାରୁଥିବା ପାଲଲହଡ଼ା ବିଧାୟକଙ୍କ କାଟ୍‌ତି କେତେ ତାହା ଜଣାପଡ଼ିଛି ବୋଲି କହିଥିଲେ। ନବୀନ ପଟ୍ଟନାୟକ ସରକାର ଅମଳରେ ଉଭୟ ନିର୍ବାଚନ ମଣ୍ଡଳୀର ସ୍ୱାର୍ଥକୁ ଦେଖି ଉପର ସମକୋଇ ପ୍ରକଳ୍ପର ପ୍ରସ୍ତୁତି ଜାରିରଖିଥିଲେ ଏବଂ ଚକଧର ପ୍ରକଳ୍ପକୁ ନଦୀବନ୍ଧ ଯୋଜନାରୁ ବ୍ୟାରେଜକୁ ପରିବର୍ତ୍ତନ କରି ପାଞ୍ଚବର୍ଷିଆ ଯୋଜନାରେ ଅନ୍ତର୍ଭୁକ୍ତ କରି ଅର୍ଥ ପ୍ରଦାନ କରାଯାଇଥିଲା। ମାତ୍ର ଏବେର ସରକାର ପ୍ରକଳ୍ପର ବିନ୍ଦୁ ବିସର୍ଗ ନଜାଣି ପ୍ରକଳ୍ପ ଘୋଷଣା କଲେ ଏବଂ ବାହାବା ନେଇସାରିବା ପରେ ବନ୍ଦ କରିଦେଲେ କାହିଁକି ତାହାର ସ୍ପଷ୍ଟୀକରଣ ବିଧାୟକ ରଖନ୍ତୁ, ନଚେତ୍ ପାଲଲହଡ଼ାବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି କହିଥିଲେ। ସେହିପରି ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ତଥା ଅନଗୁଳ ଜିଲ୍ଲା ବିଜେଡି ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ତୀବ୍ର ବିରୋଧ କରାଯିବା ସହ ପାଲଲହଡ଼ା ବାସୀଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ ବୋଲି କହିଥିଲେ। ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଜିଲ୍ଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବରିଷ୍ଠ ନେତା ହେମନ୍ତ ଦାସ ଉପସ୍ଥିତ ଥିବା ବେଳେ ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ।

ଏ ସମ୍ପର୍କରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀ କ'ଣ କହିଲେ ତାହାର ପ୍ରକୃତ ତଥ୍ୟ ମୋ ପାଖରେ ନାହିଁ, କିନ୍ତୁ ସମକୋଇ ନଦୀରେ ବ୍ୟାରେଜ ନିଶ୍ଚିତ ହେବ, କେଉଁଠି ହେବ ତାହା ସମୟ କହିବ। କାରଣ ଚକଧର ପ୍ରକଳ୍ପ ପାଲଲହଡ଼ାବାସୀଙ୍କ ଭାବାବେଗ ସହିତ ଜଡ଼ିତ ଅଛି। ଆଗାମୀ ଦିନରେ ସମ୍ପୂର୍ଣ୍ଣ ତଥ୍ୟ ସହିତ ସାମ୍ବାଦିକ ସମ୍ମିଳନୀରେ ମୁଁ ବିସ୍ତୃତ ବିବରଣୀ ପ୍ରଦାନ କରିବି ବୋଲି ପ୍ରକାଶ କରିଥିଲେ।

## ତାଳଚେର ଅଞ୍ଚଳରେ ଘନ କୁହୁଡ଼ି




ତାଳଚେର,୩୦।୧୨(ସମିସ): ତାଳଚେର ଅଞ୍ଚଳରେ ଶୀତର ପ୍ରକୋପ ସେତେଟା ଦେଖାଯାଇନଥିବା ବେଳେ ଆଜି ସକାଳୁ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଭୋର ସମୟରେ କୁହୁଡ଼ିରେ ମୁହଁକୁ ମୁହଁ ଦେଖାଯାଉନଥିଲା। ଦୂରରୁ ଗାଡ଼ିଟିଏ ଆସୁଥିଲେ ଲାଇଟ୍ ମଧ୍ୟ ସ୍ପଷ୍ଟ ଦେଖାଯାଉନଥିଲା। ଜାତୀୟ ରାଜପଥର ଗାଡ଼ିଗୁଡ଼ିକ ଧୀର ଗତିରେ ଯାତାୟାତ କରିଥିଲେ। ସକାଳ ପ୍ରାୟ ୮ ଘଟିକା ପରେ କୁହୁଡ଼ି ହ୍ରାସ ପରେ ଯାତାୟତ ଓ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଫଳ ବଣ୍ଟନ

ଅନୁଗୋଳ,୩୦।୧୨(ସମିସ): ଆଜି ଅନୁଗୋଳ ମ୍ୟୁନିସିପାଲିଟିସ୍ଥିତ ପଶ୍ଚିମ ବଜାର ପଡ଼ା ନିକଟ ଅଙ୍ଗନବାଡ଼ି କେନ୍ଦ୍ରଠାରେ ପିଲାମାନଙ୍କୁ ଫଳ ବଣ୍ଟନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଗସ୍ତ ସମୟରେ କହିଥିଲେ ଯେ ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା ପିଲାଙ୍କୁ ପ୍ରତ୍ୟେକ ମାସରେ ଥରେ ଫଳ ବଣ୍ଟନ କରାଯାଉ। ଯାହାଦ୍ୱାରା କୁପୋଷଣରୁ ମୁକ୍ତି ମିଳିବ। ତାଙ୍କ ପ୍ରେରଣାରେ ଅନୁଗୋଳ ନଗର ବିଜେପି ସଭାପତି ପୱନ ମାଣ୍ଡୋଠିଆ ତାଙ୍କର ବାପାଙ୍କ ସ୍ମୃତିରେ ପ୍ରତ୍ୟେକ ମାସର ଦ୍ୱିତୀୟ ଏକାଦଶୀ ଦିନ ପଶ୍ଚିମ ବଜାରପଡ଼ା ଅଙ୍ଗନବାଡ଼ିରେ ୧ ବର୍ଷ ପର୍ଯ୍ୟନ୍ତ ଫଳ ବଣ୍ଟନ କରିବେ। ଏଥିରେ ଅନୁଗୋଳ ସିଡିପି ଓ ରୀତାଞ୍ଜଳି ପ୍ରଧାନ ଅତିଥି ରୂପେ ଯୋଗଦେଇ ଫଳ ବଣ୍ଟନ କରିଥିଲେ। ମ୍ୟୁନିସିପାଲିଟିର କାଉନସିଲର ନିରଞ୍ଜନ କର, ସରିତା ମିଶ୍ର, ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଅନୁଗୋଳ ବଜାରର ବରିଷ୍ଠ ନାଗରିକ ଧୀରେନ୍ଦ୍ର ମହାରଣା ପ୍ରମୁଖ ଫଳ ବଣ୍ଟନ କରିଥିଲେ। ଅନୁଗୋଳ ନଗର ବିଜେପି ସଭାପତି ପୱନ ମାଣ୍ଡୋଠିଆ ସମସ୍ତଙ୍କୁ ଆହ୍ୱାନ କରିଥିଲେ କି ନାଗରିକମାନେ ନିଜ ପିଲାଙ୍କ ଜନ୍ମଦିନ, ଏକାଦଶୀ ତିଥି, ଶ୍ରାଦ୍ଧ ଦିବସ ଆଦିରେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କୁ ଫଳ ବଣ୍ଟନ କରନ୍ତୁ। ଆଗକୁ ଅନୁଗୋଳ ନଗରର ସମସ୍ତ ଅଙ୍ଗନବାଡ଼ିରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ପବନ ମଣ୍ଡୋଠିଆ ପ୍ରକାଶ କରି ଥିଲେ।



## ଦୁର୍ଘଟଣାଗ୍ରସ୍ତ ପୂର୍ବତନ ସଫେଇ କର୍ମଚାରୀଙ୍କୁ ସହାୟତା

ଅନୁଗୋଳ,୩୦।୧୨(ସମିସ): ଦୁର୍ଘଟଣାଗ୍ରସ୍ତ ଅବସରପ୍ରାପ୍ତ ସଫେଇ କର୍ମଚାରୀଙ୍କୁ ଆଜି ଅନୁଗୁଳ ପୌରପାଳିକା କର୍ମଚାରୀମାନେ ସହାୟତାର ହାତ ବଢ଼ାଇଥିଲେ। ଲକ୍ଷ୍ମଣ ଗୋଛାୟତ ନାମକ ଜନୈକ ଅବସରପ୍ରାପ୍ତ ସଫେଇ କର୍ମଚାରୀଗତ ୨୮ ତାରିଖରେ ହେମସୁରପଡ଼ା ଦେଇ ଯାଉଥିବା ବେଳେ ଜଣେ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇଥିଲେ।ଏଥିରେ ତାଙ୍କର ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ପରାମର୍ଶ ଦେବା ପରେ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପୌର କର୍ମଚାରୀଙ୍କ ଠାରୁ ଅର୍ଥ ସଂଗ୍ରହ କରି ମୋଟ ୧୩ ହଜାର ଟଙ୍କା ନର୍ସିଂ ହୋମ୍‌ରେ ପହଞ୍ଚି ଲକ୍ଷ୍ମଣଙ୍କୁ ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ସହ ପୌର କର୍ମଚାରୀ ଶ୍ୟାମସୁନ୍ଦର ସାସମଲ, ଦୀପକ ସାହୁ, ପ୍ରକାଶ କୁମାର ପାଳ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କିଛି ମାସ ତଳେ ଲକ୍ଷ୍ମଣ ଅନୁଗୋଳ ପୌରପାଳିକାରୁ ଅବସର ନେଇଥିବାବେଳେ ଲକ୍ଷ୍ମଣଙ୍କୁ ନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀ ଏକ ତାରକା ହୋଟେଲ୍ ନେଇ ଖୁଆଇବା ସହ ଗାଡ଼ିରେ ବସାଇ ଘରେ ଛାଡ଼ି ଦେଇଆସିଥିଲେ। ଜଣେ ସଫେଇ କର୍ମଚାରୀଙ୍କ ଅବସରବେଳେ ଏଭଳି ସମ୍ବର୍ଦ୍ଧନା ସେତେବେଳେ ସାରା ରାଜ୍ୟରେ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା। ଅବସର ପରେ ଜଣେ ଗୁରୁତର କର୍ମଚାରୀଙ୍କ ପାଇଁ ଆଜି ସେ ଯେଭଳି ସମବେଦନା ଓ ମଣିଷପଣିଆ ପ୍ରଦର୍ଶନ କଲେ ତାହା ମଧ୍ୟ ସହରରେ ବେଶ ଚର୍ଚ୍ଚାର ବିଷୟ ହୋଇଛି।



## ରେଙ୍ଗାଳି ଯୋଜନା ହାଇସ୍କୁଲ ଓ କଲେଜର ବାର୍ଷିକ ଉତ୍ସବ

କଣିହାଁ,୩୦।୧୨(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଯୋଜନା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ଏକ ଲକ୍ଷ୍ୟରେ ଅଗ୍ରସର ହେଲେ ସଫଳତା ପାଇପାରିବେ ବୋଲି କହିଥିଲେ। ଦୁଇ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ସହ ପୁନର୍ବିନ୍ୟାସ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଲାଇବ୍ରେରୀ ପାଇଁ ବିଧାୟକ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ବାରିକ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବନ୍ଧ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କରାନନ୍ଦ ରଣା, ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସମରେନ୍ଦ୍ର ରଞ୍ଜନ ବେହେରା, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ସମାଜସେବୀ ଧ୍ରୁବଚରଣ ଧିର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ସାମଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଟିକନ ବିଶି ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଖେଳ ଶିକ୍ଷକ ସନ୍ତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ମହେଶ ଘୋଷ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ସରୋଜ ହେଲେ ବିଜେପି ଜିଲ୍ଲା ସମ୍ପାଦକ



କିଶୋରନଗର,୩୦।୧୨(ସମିସ): କିଶୋରନଗର ବ୍ଲକ୍ ହିମିତିରା ପଞ୍ଚାୟତର ଘୋଷର ଗାଁ'ର ସରୋଜ କୁମାର ସାହୁ ଜିଲ୍ଲା ବିଜେପି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ୍ ପ୍ରତିନିଧି ଅଛନ୍ତି। ସମସ୍ତଙ୍କୁ ନେଇ ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ କହିଛନ୍ତି। ତାଙ୍କୁ ଏହି ପଦ ମିଳିଥିବା ଯୋଗୁଁ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲ୍ଲା ସଭାପତି ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ଏହି ପଦ ମିଳିଥିବା ଯୋଗୁଁ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳକୁ ୨୦ ପଦକ




ଅନୁଗୋଳ,୩୦।୧୨(ସମିସ): ଗତ ୨୬ ତାରିଖରୁ ଅନୁଷ୍ଠିତ ୨୨ତମ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଭଦ୍ରକ ଜିଲ୍ଲା ଚରମ୍ପାସ୍ଥିତ ମହାରାଜ୍ ଅଗ୍ରସେନ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତଯୋଗିତା ରାଜ୍ୟ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତର ତାଇକ୍ୱୋଣ୍ଡୋର ଜନକ (ପ୍ରତିଷ୍ଠାତା ଡ. ଜୀମି ଅର୍ ଜଗଦୀୟାନି) ମୁଖ୍ୟ ଅତିଥି ଭାବେ ଉପସ୍ଥିତି ରହି ଖେଳାଳିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଉକ୍ତ ପ୍ରତଯୋଗିତାରେ ଅନୁଗୋଳ ଜିଲ୍ଲାର ଛାତ୍ରଛାତ୍ରୀ ୭ଟି ସ୍ୱର୍ଣ୍ଣର୍ ପଦକ, ୧୦ଟି ରୌପ୍ୟ ପଦକ ଓ ୩ଟି କାଂସ୍ୟ ଏଭଳି ମୋଟ ୨୦ଟି ପଦକ ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ଛାତ୍ରଛାତୀଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ଜିଲ୍ଲା ଶୀଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ପଦକ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ନାଥ ବିଚାରକ ଯୋଗେନ୍ଦ୍ର ନାଏକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ବିକାଶ ପରିଷଦ ପକ୍ଷରୁ ବାଲ ସଂସ୍କାର ଶିବିର



ଅନୁଗୋଳ,୩୦।୧୨(ସମିସ): ଭାରତ ବିକାଶ ପରିଷଦ, ଅନୁଗୋଳ ଶାଖା ପକ୍ଷରୁ ପିଟିସି ଉଚ୍ଚ ବିଦ୍ୟାଳୟଠାରେ ବାଲ ସଂସ୍କାର ଶିବିର ୨୦୨୫ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ତ୍ରିଦିବସୀୟ ଏହି ଶିବିରକୁ ଅନୁଗୋଳ ଚିନ୍ମୟ ମିଶନର ସ୍ୱାମିନୀ ଅଭିକାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଶିଶୁମାନେ ପ୍ରଥମେ ମନକୁ ଶୁଦ୍ଧପୂତ କରି ସକାରାତ୍ମକ ଢଙ୍ଗରେ କାର୍ଯ୍ୟ କଲେ ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇ ପାରିବେ ବୋଲି ସ୍ୱାମୀନୀ ପ୍ରକାଶ କରିଥିଲେ। ସମ୍ପ୍ରତି ଶିଶୁମାନଙ୍କ ମଧ୍ୟରେ ହିଂସା ବୃଦ୍ଧି ପାଉଥିବାରୁ ସ୍ୱାମିନୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଶାଖାର ସମ୍ପାଦକ ବିଜୟ କୁମାର ମୋଦୀ ସଂସ୍କାର ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କୁ ପ୍ରାର୍ଥନା, ଗୀତା ପାଠ, ଯୋଗ, ନୀତି ଜ୍ଞାନ, ଚିତ୍ରାଙ୍କନ ଶିକ୍ଷା ଆଦି ଦିଆଯିବା ସହ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନର ମୁଖ୍ୟ ସଂଯୁକ୍ତା ପାଲ ଓ ଯୋଗାଚାର୍ଯ୍ୟ ପ୍ରଭାକର ଶତପଥୀ ଯୋଗାସନ ଶିକ୍ଷା ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଦିବସରେ ଉପଦେଷ୍ଟା ଅନୁକୂଳ ନନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ଶିଶୁମାନଙ୍କୁ ଆଦର୍ଶ ଜୀବନଚର୍ଯ୍ୟା ସମ୍ପର୍କରେ ବୁଝାଇଥିଲେ। ପରିଷଦର ସଭ୍ୟ ଭରତ ଚନ୍ଦ୍ର ଗଡ଼ନାୟକ, ହୃଦାନନ୍ଦ ପଣ୍ଡା, ବିଜୟ ରାଉତ, ମାଧବ ସାମଲ, ତ୍ରିନାଥ ଦେହୁରୀ, ସୁଶୀଲ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ଦିଲୀପ ଅଗ୍ରୱାଲ, ମମତାମୟୀ ପତି, ରୀନାରାଣୀ ସ୍ୱାଇଁ, ଅରୁଣା ମିଶ୍ର, ପ୍ରତିମା ତ୍ରିପାଠୀ, ଗୀତାମୟୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଂଘା ବଡ଼ଦେବ ପାଣ୍ଡୁମ୍ ଯାତ୍ରା

କିଶୋରନଗର,୩୦।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡାସ୍ଥିତ ଜଙ୍ଘା ବଡ଼ଦେବଙ୍କ ଶକ୍ତି ପୀଠରେ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ତଥା ଆମ କଳା ସଂସ୍କୃତି, ଭାଷା ସାହିତ୍ୟ ଓ ଭକ୍ତି ଭାବନାର ଅପୂର୍ବ ସମନ୍ୱୟ ପୌଷ ମାସ ଶାମ୍ବଦଶମୀ ତିଥିରେ ଶ୍ରୀଶ୍ରୀ ଜଙ୍ଘା ବଡ଼ଦେବଙ୍କ ବାର୍ଷିକ ପାଣ୍ଡୁମ୍ ଯାତ୍ରା ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଗଙ୍ଗା ମାତାଙ୍କୁ ନିମନ୍ତ୍ରଣ କରାଯାଇ କଳସୀ ଯାତ୍ରା ମାଧ୍ୟମରେ ମାଉସୀ ଘରୁ ପ୍ରକୃତି ଶକ୍ତି ଦାରୁ ଦେବତା ଜଙ୍ଘା ବଡଦେବଙ୍କୁ ଘର ଘର ପୂଜାର୍ଚ୍ଚନା କରି ବିଭିନ୍ନ ନାଚଗୀତ ସହ ନଗର ପରିକ୍ରମା କରି ଶକ୍ତି ପୀଠକୁ ବିରାଜମାନ କରିଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସାରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଣ୍ଡୱାନ ବିକାଶ ପରିଷଦର ସଭାପତି ପ୍ରସନ କୁମାର ନାୟକ, ମହାସଚିବ ସୁରେଶ ଚନ୍ଦ୍ର ନାୟକ, ମନ୍ଦିର ସଭାପତି ରମେଶ ଚନ୍ଦ୍ର ସାଏ, ମହାସଚିବ ଭଜମନ ନାୟକ, ଗଣ୍ଡୋୱାନ ମହାସଭା ଜିଲ୍ଲା ସଭାପତି ସଦାଶିବ ନାୟକ, ସଂଗଠନ ପ୍ୟାରୀମୋହନ ନାୟକ, ଉପଦେଷ୍ଟା ବିରଞ୍ଚି ନାୟକ ସନାତନ ନାୟକ ସମେତ ଷୋଳପଦା ପୁଞ୍ଜାର ସଭାପତି ଓ ମହାସଚିବଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଠାକୁରଗଡ଼ ପୁଲିସ ଓ ଆଠମଲ୍ଲିକ ପୁଲିସ ମିଳିତ ଭାବେ ଶାନ୍ତି ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।



**ବଇଣ୍ଡା ଜନତା ମହାବିଦ୍ୟାଳୟର ବାର୍ଷିକୋତ୍ସବ**

# 'ଗୁଣାତ୍ମକ ଶିକ୍ଷା ଉପରେ ଶିକ୍ଷକ ସମାଜ ଗୁରୁତ୍ୱ ଦିଅନ୍ତୁ'

ବଇଣ୍ଡା,୩୦।୧୨(ସମିସ)




ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରିକି ଅନେକ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟର ବିକାଶ କରୁଛନ୍ତି। କିପରି ସହଜରେ ପାଠପଢ଼ି ପାରିବେ ସେ ନେଇ ଯୋଜନା ପରେ ଯୋଜନା କରୁଛନ୍ତି। ମହାବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ସବୁବେଳେ କଠିନ ପରିଶ୍ରମ କର ସଫଳତା ଶୀର୍ଷରେ ପହଞ୍ଚିବ। ଯେଉଁଠି ଶିକ୍ଷାର ବିକାଶ ହୁଏ, ସେହି ଅଞ୍ଚଳ ମଧ୍ୟ ବିକାଶ ହୋଇଥାଏ। ତେଣୁ ସବୁବେଳ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଶିକ୍ଷକ ସମାଜ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ୍ ବଇଣ୍ଡା ଜନତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଖମାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ ଶର ଯୋଗଦେଇ ଏହି ମହାବିଦ୍ୟାଳୟରୁ ପାଠପଢ଼ି ଅନେକ ଛାତ୍ରଛାତ୍ରୀ ବହୁ ବଡ଼ ବଡ଼ ପଦପଦବୀରେ ଅଛନ୍ତି ବୋଲି କହିଥିଲେ। ଛାତ୍ରଛାତ୍ରୀ ମନ ଦେଇ ପାଠ ପଢ଼ିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକ ଉପ ଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଅଧ୍ୟାପକ କାଳିଆ ସେଠୀ ଯୋଗ ଦେଇଥିଲେ। ଅଧ୍ୟାପକ ଅସିତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ନିରଞ୍ଜନ ଦାସ ମଞ୍ଚ ପରିଚାଳନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ମହାବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ଏଥିସହ ଯୁକ୍ତଦୁଇ କଲେଜର ଶ୍ରେଣୀଗୃହଗୁଡ଼ିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ମଧ୍ୟ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯାଉ ନାହିଁ ଫଳରେ ପାଠ ପଢ଼ାରେ ସମସ୍ୟା ଦେଖାଦେଉଥିବା ବିଧାୟକ ଓ ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଛାତ୍ରୀ ଲିପ୍‌ସା ମାଝୀ ଓ ରାଜେଶ ସେଠୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଜନ କୁମାର ପ୍ରଧାନ, ସୁମିତ୍ରା ସ୍ୱାଇଁ, ଚନ୍ଦ୍ରଶେଖର ସିଂ, ଶୁଭଲକ୍ଷ୍ମୀ ମାଝୀ, ତରଣୀସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଟକଣା ନାମକୁ ମାତ୍ର; ଆବର୍ଜନାରେ ପୂରୁଛି ପର୍ଯ୍ୟଟନସ୍ଥଳୀ

ଢେଙ୍କାନାଳ,୩୦।୧୨(ସମିସ)



ଢେଙ୍କାନାଳ ବନଖଣ୍ଡରେ ଦିନକୁ ଦିନ ଜଙ୍ଗଲ ହ୍ରାସପାଇବାରେ ଲାଗିଛି। ଖଣି, ଖାଦାନ, କାରଖାନା, ବସ୍ତି, କେନାଲ ଯୋଗୁଁ ଜଙ୍ଗଲ ହ୍ରାସପାଉଥିବା ବେଳେ କେବଳ କାଗଜ କଲମରେ ଜଙ୍ଗଲ ବୃଦ୍ଧି ପାଉଛି। ମାତ୍ର ଜଙ୍ଗଲ ଭିତରେ ଥିବା ପରିବେଶ ପଲିଥିନ, ପ୍ଲାଷ୍ଟିକରେ ପୂର୍ଣ୍ଣ ହେଉଛି। ନୂଆବର୍ଷ ଆସିଲେ ଜଙ୍ଗଲ ରାସ୍ତା ବନ୍ଦ କରି ବନବିଭାଗ କାମ ଶେଷ କରିଦେଉଥିବା ବେଳେ କପିଳାସ, ସପ୍ତଶଯ୍ୟା, ସାପୁଆ, ଦଣ୍ଡାଧର, ଦଦରାଘାଟି ସହିତ ବିଭିନ୍ନ ସ୍ଥାନରେ ରହିଥିବା ଜଙ୍ଗଲରେ ଭୋଜି ଭାତ ଯୋଗୁଁ ପରିବେଶ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ସେହି ପ୍ଲାଷ୍ଟିକକୁ ବନ୍ୟଜନ୍ତୁ ଖାଇ ବିପଦରେ ପଡୁଛନ୍ତି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ୍, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡ଼ଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। ବନଖଣ୍ଡରେ ମୋଟ ୨୭୨.୨୮ କିଲୋମିଟର ଜଙ୍ଗଲ ରାସ୍ତା ରହିଛି। ମୋଟ ଜଙ୍ଗଲ ପରିମାଣ ରାସ୍ତା କଟିଗଲେ ମାତ୍ର ୧ହଜାର ୪୬୫ କିଲୋମିଟର ଜଙ୍ଗଲ ରହିଛି। ଜଙ୍ଗଲ ରାସ୍ତା ମଧ୍ୟରେ ମହାବିରୋଡ୍ ରେଞ୍ଜରେ ଶୁଣ୍ଠିଖାଇକାଟେଣୀ ବିଲେଇଶୁଣୀରେ ୬.୨ କିଲୋମିଟର, ଭେଜିଆ ଗେଙ୍ଗୁଟିଆ ୮କିଲୋମିଟର, ଦଦରାଘାଟି ବୁଲାଝରେ ୮.୮୬କିଲୋମିଟର ରାସ୍ତା ରହିଥିବା ବେଳେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ପଥରଗଡ଼ ଗୁଣ୍ଡିଚାନାଳୀ ୨୦ କିଲୋମିଟର, ବସୋଇ କଙ୍କିଳି ୫ କିଲୋମିଟର, ଆଲୁଅଝରଣ ମୁକ୍ତାପଶି ୧୦.୩୦ କିଲୋମିଟର, ଢେଙ୍କାନାଳ ରେଞ୍ଜ ଝରଣ ଛଣବୋଲୁଅ ୧୧.୩୦ କିଲୋମିଟର, ଭାପୁର ଅଭିମନ୍ୟୁପୁର ୨କିଲୋମିଟର, ହାତିଣ୍ଡା ମହୁଲପୁଞ୍ଜି ୧୧.୫୦କିଲୋମିଟର, ଷଡ଼ଙ୍ଗୀ ରେଞ୍ଜ ଅଧୀନରେ ଖଙ୍କିରା ଧନିଆନାଳୀ ୧୨କିଲୋମିଟର, ଛୋଟତେନ୍ତୁଳି ମହିଷାକଡ଼ା ୫ କିଲୋମିଟର, ହିନ୍ଦୋଳ ରେଞ୍ଜର ହିନ୍ଦୋଳ ଫାଶିଗାଁ ୪୨ କିଲୋମିଟର, ବମ୍ପା ପଟାଲୁ ୧୨.୫ କିଲୋମିଟର, ଗୁରୁଜଙ୍ଗ ଫାଶିଗାଁ ୧୯.୨୦ କିଲୋମିଟର, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ବାଟଗାଁ କେନ୍ଦୁଝର ସୀମାପର୍ଯ୍ୟନ୍ତ ୨୦.୯ କିଲୋମିଟର, ଉମେନ୍ଦ୍ର ଏକୁଲ ୧୧.୨କିଲୋମିଟର, ବାଇଗଣପଲି ଏକୁଲ ୧୪.୨୦ କିଲୋମିଟର, ଚିଲଦା ଖିଡିକିଦ୍ୱାର ୧୫କିଲୋମିଟର, ଷେଣ୍ଢସର ଖିଡିକିଦ୍ୱାର ୧୫, ସିଆରିମାଳିଆ ଝିଲ୍ଲୀ ୨୫.୩ କିଲୋମିଟର ରାସ୍ତା ଏଭଳି ମୋଟ ୨୭୨ କିଲୋମିଟର ୨୮ ମିଟର ରାସ୍ତା ରହିଛି। କଳକାରଖାନା, ବସ୍ତି, କେନାଲ, ଖଣି, ଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସହିତ କାଠପାଇଁ ମଧ୍ୟ ଜଙ୍ଗଲ କାଟି ଦିଆଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଚାରାରୋପଣ କରାଯାଉଥିବାର ଜଙ୍ଗଲ ବିଭାଗ ସଫେଇ ଦେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ଗଛ ରହୁନାହିଁ। କ୍ଷୋଭର ବିଷୟ ହେଉଛି ବନବିଭାଗ ଜଙ୍ଗଲ ରାସ୍ତାରେ କଟକଣା ଲଗାଉଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ନୂଆବର୍ଷରେ ଭୋଜିଭାତର ଆସର ଦେଖିବାକୁ ମଳୁଛି। ଜଙ୍ଗଲ ସ୍ଥାନରେ ଭୋଜି ଭାତର ଆସର ଜମୁଥିବାବେଳେ ବହୁଳ ପରିମାଣରେ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର ହେଉଥିବାରୁ ଭୋଜିଭାତ ଶେଷ ହେବା ପରେ ସ୍ଥାନଗୁଡ଼ିକ ସଫା ହେବା ତ ଦୂରର କଥା ପ୍ଲାଷ୍ଟିକ ଦ୍ରବ୍ୟମଧ୍ୟରେ ପଲିଥିନ,ଖଲି,ଚଉପଦୀ ସହିତ ଅନ୍ୟାନ୍ୟ ଦ୍ରବ୍ୟ ପଡିରହୁଛି। ରାତି ହେବା ମାତ୍ରେ ସେହି ଦ୍ରବ୍ୟ ଗୁଡିକୁ ବାରାହା, ହରିଣ, ଠେକୁଆ, ହାତୀ, କୋକିଶିଆଳୀଭଳି ବଣ୍ୟଜନ୍ତୁ ଖାଉଥିବାର ଜଣାପଡ଼ିଛି। ହାତୀଗୁଡ଼ିକ ମଧ୍ୟ ବହୁଳ ଭାବରେ ପଲିଥିନ ଖାଉଥିବାର ଜଣାପଡ଼ିଛି। ଜଙ୍ଗଲରେ ଭୋଜି ଭାତର ନିୟମ ନଥିବା ବେଳେ ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ଏଭଳି କରାଯାଉଛି। ଯାହାକି ପରିବେଶ ପ୍ରତି ବିପଦ ପାଲଟୁଛି।

# ଉନ୍ନୟନକାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ



କଙ୍କଡ଼ାହାଡ଼,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଆକାଂକ୍ଷୀ ବ୍ଲକ୍‌ର ଆକାଂକ୍ଷା ପୂରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ସହିତ ଏହାର ସମୀକ୍ଷା କରିଛନ୍ତି ରାଜ୍ୟ ସରକାରଙ୍କ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। କଙ୍କଡ଼ାହାଡ଼ ବାଟଗାଁରେ ଆଦିସେବା କେନ୍ଦ୍ର ପରିଦର୍ଶନ, ଉର୍ବେଙ୍ଗୀରେ ଏପିସି କ୍ଲଷ୍ଟର, କଙ୍କଡ଼ାହାଡ଼ରେ ପୂର୍ତ୍ତ ବିଭାଗ ବଙ୍ଗଳା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଛି। ଆଗାମୀ ଦୁଇ ବର୍ଷ ଭିତରେ କଙ୍କଡ଼ାହାଡ଼ ବ୍ଲକ୍‌କୁ ରାଜ୍ୟର ଅନ୍ୟ ବ୍ଲକ୍ ଭଳି ଏକ ବିକଶିତ ବ୍ଲକ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ସରକାରରେ ବିକଶିତ ହେବାକୁ ଯାଉଛି ଆକାଂକ୍ଷା କଙ୍କଡ଼ାହାଡ଼ ବ୍ଲକ। ଏହି କାର୍ଯ୍ୟକ୍ରମରେ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଙ୍କଡାହାଡ ବ୍ଲକ ପରିସର ଭିତରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ ପାଇଁ ଦଧିଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୬ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମି ପଟା ମଧ୍ୟ ବଣ୍ଟନ କରାଯାଇଥିଲା।

# ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା





ହିନ୍ଦୋଳ,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସର୍ବପୁରାତନ ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସାତମାଇଲ ନିକଟରେ ପୂର୍ବତନ ସଭାପତି ଦୀପ୍ତି ରଞ୍ଜନ ପ୍ରଧାନ ଓ ପୂର୍ବତନ ସମ୍ପାଦକ ସୁମନ୍ତ ଦେହୁରୀଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଘର ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ସୁମନ୍ତ ଦେହୁରୀଙ୍କୁ ସଭାପତି ଓ ପ୍ରଭାତ ରଞ୍ଜନ ପୃଷ୍ଟିଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି ପ୍ରଶାନ୍ତ ଜେନାମଣି ଉପସଭାପତି, ଜଗନ୍ନାଥ ଦାସଙ୍କୁ ସହ ସମ୍ପାଦକ ଓ ରବିନାରାୟଣ ପଟ୍ଟନାୟକଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। ଉପଖଣ୍ଡରେ ହେଉଥିବା ବିଭିନ୍ନ ବିଭାଗରେ ଦୁର୍ନୀତିକୁ ସଙ୍ଘ ପକ୍ଷରୁ ଦୃଢ଼ ବିରୋଧ କରିବା ସହିତ ଦୁର୍ନୀତି ବିରୁଦ୍ଧରେ ସାମ୍ବାଦିକମାନେ ନିଜର କଲମକୁ ଦୃଢ଼ତାର ସହିତ ଚଳାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଦରକାର ପଡ଼ିଲେ ହେଉଥିବା ଦୁର୍ନୀତି ବିରୋଧରେ ସଙ୍ଘ ସ୍ୱର ଉତ୍ତଳନ କରିବା ସହିତ ସାଧରଣ ଲୋକଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଦରକାର ପଡ଼ିଲେ ସଙ୍ଘ ରାଜରାସ୍ତାକୁ ଓହ୍ଲାଇ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସଙ୍ଘର ସଦସ୍ୟ ସଦା ସର୍ବଦା ଚେଷ୍ଟା କରିବେ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକ ରେ ବରିଷ୍ଠ ସାମ୍ବାଦିକ ବ୍ରହ୍ମାନନ୍ଦ ପଟ୍ଟନାୟକ, ଦିଲ୍ଲୀପ କୁମାର ବେହେରା, ଗୌତମ ମୁଦୁଲି, ସୁଶାନ୍ତ ପତି, ପାତିଆ ସାମଲ, ସୋଭାଗ୍ୟ ସର, ବିଶେଶ୍ୱର ସେଠି, ଶାନ୍ତନୁକୁମାର ସାହୁ, ଦୁଷ୍ମନ୍ତ ମିଶ୍ର, ରମେଶ ଚନ୍ଦ୍ର ସାହୁ, ବିନୟ ବେହେରା, ସରୋଜ କୁମାର ମିଶ୍ର, ତପନ ପରିଡା, ପ୍ରତାପକୁମାର ପଟନାୟକ, ସୁଶାନ୍ତ ସାମଲ, କିଶୋର ଚନ୍ଦ୍ର ପାଲ, ହେମନ୍ତ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ବିନୟ ବେହେରା ସୋଭାଗ୍ୟ ରଞ୍ଜନ ସର, ଦିନେଶ ଦେହୁରୀ, ତ୍ରିଲୋଚନ ପାଲ, ପ୍ରମୁଖ ୪୦ ରୁ ଉର୍ଦ୍ଧ ସାମ୍ବାଦିକ ବୈଠକରେ ଯୋଗ ଦେଇଥିଲେ।

# ଇପିଏଫ ପେନ୍‌ସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ



ଢେଙ୍କାନାଳ,୩୦।୧୨(ସମିସ): ସ୍ଥାନୀୟ କଲେଜ ବଜାର ଆସୋସିଏସନ ଅଫିସ୍ ଗୃହରେ ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏସନ୍ ଜିଲ୍ଲା ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦେଶ ତଥା ରାଜ୍ୟର ଇପିଏଫ୍ ପେନ୍‌ସନର୍ସ ପ୍ରାୟ ୮୨ଲକ୍ଷ ପେନସନ ଭୋଗୀ ଅତି ଦୟନୀୟ ଅବସ୍ଥାରେ ଥାଇ ଅଲ୍ ଇଣ୍ଡିଆ କୋ-ଅର୍ଡିନେସନ୍ କମିଟି ଅଧୀନରେ ଦେଶର ପ୍ରତି ଜିଲ୍ଲାସ୍ତର ଓ ସମସ୍ତ ରାଜ୍ୟମାନଙ୍କରେ ସଂଘ ଗଠନ କରି ସେମାନଙ୍କ ଦାବି ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଉପସ୍ଥାପନ କରି ଆସୁଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ, କେନ୍ଦ୍ର ସରକାର ସେମାନଙ୍କ ଦାବୀକୁ ଅଣଦେଖା କରି ଚାଲିଛନ୍ତି। ଏହି ପେନ୍‌ସନ୍ ଭୋଗୀମାନେ ୫୦୦ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ପାଇ ଅତି ଦୟନୀୟ ଅବସ୍ଥାରେ କୁଟୁମ୍ବ ପ୍ରତିପୋଷଣ କରୁଛନ୍ତି। ସେମାନଙ୍କୁ ଏହି ପେନ୍‌ସନ୍ ୧୯୯୫ ମସିହାରୁ ଦିଆଯାଇଥିଲେ ମଧ୍ୟ ଏଥିରେ ଡି.ଏ. ଦିଆଯାଉ ନାହିଁ। ଏହି ସ୍ୱଳ୍ପ ପେନ୍‌ସନ୍ ଯୋଗୁଁ ସେମାନେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନ ଯେକୌଣସି ସାମାଜିକ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି। ଇପିଏଫ ପେନ୍‌ସନ୍ ଭୋଗୀମାନଙ୍କୁ ସେପ୍ଟେମ୍ବର ୨୦୨୪ରୁ କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ୍ ରାଶିକୁ ବୃଦ୍ଧି କରିବା ପାଇଁ ୨୦୧୩ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତି ଭଗତ ସିଂ ଖୋସିୟାରୀ କମିଟି ସୁପାରିଶ କରିଥିଲେ। ଅତିକମ୍‌ରେ ମାସିକ ୩ ହଜାର ସହ ମହଙ୍ଗା ଭତ୍ତା ପାଇଁ ସୁପାରିଶ୍ କରିଥିଲେ ମଧ୍ୟ ତାକୁ ଫାଇଲ୍ ତଳେ ଅଦ୍ୟାବଧି ଚାପିଦିଆ ଯାଇଛି। ଏକ ସମୀକ୍ଷାରୁ ଜଣାଯାଏ ଯେ ଇପିଏଫ କର୍ପସ ଫଣ୍ଡରେ ତା.୩୧.୦୩.୨୦୨୩ରିଖ ପର୍ଯ୍ୟନ୍ତ ଟ.୭,୮.୩୦୮.୯୩ କୋଟି ଟଙ୍କା ଗଚ୍ଛିତ ଅଛି। ଏହା ସହିତ ଟ.୫୨ ହଜାର କୋଟି ଟଙ୍କା ସୁଧ ବାବଦକୁ ମିଳିଛି। ଏହି ସୁଧ ଟଙ୍କାର ୨୮% ଭାରତର ସମସ୍ତ ପିଏଫ୍ ପେନସନର୍ସଙ୍କୁ ପେନସନ ଦେଉଛନ୍ତି। ତେଣୁ କେବଳ ଆଦାୟ ହେଉଥିବା ସୁଧ ଟଙ୍କାରୁ ୨୮% ପେନସନ ଯାଉଛି। ମୂଳ ଟଙ୍କାକୁ ଏହା ଆଦୌ ଛୁଇଁବାକୁ ପଡୁନାହିଁ। ଯଦି ସର୍ବନିମ୍ନ ୯ ହଜାର ମାସିକ ମହଙ୍ଗା ଭତ୍ତା ସହିତ ପେନସନ୍ ଦିଆଯାଏ ତେବେ ବି ମୂଳ ଗଚ୍ଛିତ ଟଙ୍କାରେ ହାତ ବାଜିବ ନାହିଁ। ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୮ ତାରିଖରେ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକର ଉପ ସଭାପତି ହୃଦାନନ୍ଦ ପ୍ରଧାନ, ସମ୍ପାଦକ ଶଦାଶିବ ମିଶ୍ରଙ୍କ ସହିତ ସଦସ୍ୟ ବାସୁଦେବ ଦେହୁରୀ, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, ଉପଦେଷ୍ଟା ବିରଞ୍ଚି ନାରାୟଣ ମିଶ୍ର, ସଦସ୍ୟ ନିରୋଦ କୁମାର ପଟ୍ଟନାୟକ ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ବୈଠକ

## ବନବିଭାଗ ଟୋଲ ଗେଟରେ ଭକ୍ତଙ୍କୁ ପ୍ରବେଶ ବାରଣ ନେଇ ଉଦ୍‌ବେଗ

ଢେଙ୍କାନାଳ,୩୦।୧୨(ସମିସ):ଢେଙ୍କାନାଳ ଜିଲ୍ଲା ଗଁଦିଆ।। ବ୍ଲକ୍ ମହିମା ତପୋବନ ପୀଠରେ ପବିତ୍ର ପୌଷ ଶୁକ୍ଳଦଶମୀ ଆତ୍ମଯୋଗ ପୀଠ ତପୋବନ ମହିମାବିହାର ଆନୁକୂଲ୍ୟରେ କୌପୀନଧାରୀ ମହିମାସମାଜ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ପରିଚାଳନା ଓ କାର୍ଯ୍ୟକାରିଣୀ କମିଟିର ମାସିକ ବୈଠକ ସଭାପତି ବାବା ରଘୁନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ, ଅନୁଗୁଳ, କଟକ ଜିଲ୍ଲାର ମହାନିତ୍ୟମଣ୍ଡଳୀର ନିଯୁକ୍ତ ହୋଇଥିବା ଆଞ୍ଚଳିକ ବଡ଼ଭାଇ ମାନଙ୍କ ତାଲିକାକୁ ଅନୁଧ୍ୟାନ କରାଯାଇ ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ନିତିଗତ ନିଷ୍ପତ୍ତି ନିଆଯାଇଥିଲା। ଜାନୁଆରୀ ମାସରେ ବାର୍ଷିକ ବୈଠକର ଆୟୋଜନ କରାଯିବା ସହିତ ଉପସଭାପତି ବାବା କରୁଣାକର ଦାସଙ୍କ ତରଫରୁ ଅନୁରୋଧ କରାଯାଇଥିଲା। ମହିମାଧର୍ମର ପ୍ରତିଷ୍ଠାତା ପ୍ରବୃଦ୍ଧ ଗୁରୁ ମହିମାସ୍ୱାମୀଙ୍କ ଉକ୍ରଳ ପ୍ରଦେଶରେ ପଦାର୍ପଣ କରିଥିବା ଦୁଇ ଶହ ବର୍ଷର ପୂର୍ତ୍ତିର୍ ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ମାଘମେଳା ସମୟରେକୌପୁନୀଧାରୀ ମହିମା ଗାଦୀରେହେଉଥିବା ବାର୍ଷିକ ମାଘମେଳା ବୈଠକରେ ଆଲୋଚନା କରାଯିବା ସହିତ ମହୋତ୍ସବର ସ୍ଥାନନିରୂପଣ କରିବାକୁ ଆଲୋଚନା କରାଯାଇଥିଲା। ବିଭିନ୍ନ ମହିମା ଟୁଙ୍ଗି,ଧାମ ଓ ମହିମା ଭକ୍ତାଶ୍ରିତ ଗାଁ ଗହଳିରେ ମହିମାସ୍ୱାମୀଙ୍କ ଦୁଇ ଶତବର୍ଷ ପଦାର୍ପଣ ସମ୍ବତ୍ସରକୁ ନିଜ ନିଜ କ୍ଷେତ୍ରରେ ପାଳନ କରିବାକୁ ନେଇ ଆନନ୍ଦ ପ୍ରକାଶ ପାଇଥିଲା। ତପୋବନ ପ୍ରବେଶ ପଥରେ ବନବିଭାଗ ପକ୍ଷରୁ ଥିବା ତନଖି ଫାଟକରେ ଯୋଗଦାନ କରିବାକୁ ଆସିଥିବା ଭକ୍ତମାନଙ୍କୁ ଓ ପବିତ୍ର ଦଶମୀ ତିଥିରେ ଘୃତାହୁତୀ,ସାଧୁଭିକ୍ଷା,ଅହ୍ଲୋଣିଆ ଧରି ଆସୁଥିବା ଅନେକ ସାଧୁ ଭକ୍ତମାନଙ୍କୁ ବାରଣ କରାଯାଉଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ କରୁଣାକର ଦାସ,ବାବା ଜ୍ଞାନୀ ଦାସ,ବାବା ବିନୋଦ ଦାସ,ବାବା ମନ୍ତ୍ରୀ ଦାସ,ଭକ୍ତ ଲୋକନାଥ ସାହୁ, ଭକ୍ତ ବିଜ୍ଞାନୀ ବେହେରା, ଭକ୍ତ ଅଜୟ ଦେହୁରୀଙ୍କ ସହିତ ଶତାଧିକ ଭକ୍ତ ଯୋଗଦେଇଥିଲେ। ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସଭା ପରିଚାଳନା କରିଥିଲେ।

# କବି କାଳୀଚରଣ ତ୍ରିପାଠୀଙ୍କୁ ଜାତୀୟ ସମ୍ମାନ



ଢେଙ୍କାନାଳ,୩୦।୧୨(ସମିସ): ସଦର ବ୍ଲକ୍ ଛଦେଶ ଅଞ୍ଚଳର ବିଶିଷ୍ଟ କବି କାଳୀ ଚରଣ ତ୍ରିପାଠୀଙ୍କୁ ତାଙ୍କର ସାହିତ୍ୟ କୃତୀ ପାଇଁ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନଠାରେ ସମତା ସାହିତ୍ୟ ଏକାଡେମୀ ଦ୍ୱାରା ଏକ ଜାତୀୟ ଉତ୍ସବରେ ତାଙ୍କୁ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ସମତା ସାହିତ୍ୟ ଏକାଡେମୀ, ମୁମ୍ବାଇର ଜାତୀୟ ସଭାପତି ଡିଏସ ତାଣ୍ଡେକର ଉକ୍ତ ଉତ୍ସବରେ ପୌରହିତ୍ୟ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଉକ୍ତ ସଭାରେ ସଭାପତିତ୍ୱ କରି କହିଲେ ଯେ, ଏଭଳି ଉତ୍ସବ ଆମକୁ ଏକାଠି କରିବାରେ ସହାୟକ ହେଉଛି। ମୁଖ୍ୟ ଅତିଥି ଭାବେ ତ୍ରିପୁରାର କ୍ୟାବିନେଟ୍ ମନ୍ତ୍ରୀ ବିକାଶ ଦେବର୍ମା, ସମ୍ମାନିତ ଅତିଥି ଭାବେ ତ୍ରିପୁରାର ବିଧାୟକ ପିନାକୀ ଦାସ ଚୌଧୁରୀ, ବିଧାୟିକା କଲ୍ୟାଣୀ ଶାହାରାୟ, ଅନୁଷ୍ଠାନର ରାଜ୍ୟ ସଭାପତି କବି ବାହାଦୂର ପାଟ୍ଟସୋହାଣୀ, ମୁଖ୍ୟବକ୍ତା ଭାବେ ଡ. ଜନକ ସିଂ ମୀନା ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇଥିବାରୁ ବହୁ ବନ୍ଧୁ, ଶୁଭେଚ୍ଛୁ ଓ ସାହିତ୍ୟିକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ଇ ଟେକ୍‌ର ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ‘ନିଷ୍ଠାପର ଉଦ୍ୟମ ଓ ନିରନ୍ତର ଅଧ୍ୟବସାୟ ହିଁ ଲକ୍ଷ୍ୟ ସାଧନ କରିଥାଏ’



ଢେଙ୍କାନାଳ,୩୦।୧୨(ସମିସ): ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଙ୍ଗଳପୁର ପକ୍ଷରୁ ଚଳିତବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଜାତୀୟ ତଥା ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥିବା ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ପିତାମାତା ତଥା ସେମାନଙ୍କ ହାଇସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଇ ଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଏବଂ ଇ ଟେକ୍‌ର ଉପାଧ୍ୟକ୍ଷ ଅନୀଲ କୁମାର ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମୟାନୁବର୍ତ୍ତିତା ସହ କଠିନ ପରିଶ୍ରମ ଏବଂ ରୋଗୀ ସେବାକୁ ଜଣେ ଡାକ୍ତର ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କଲେ ସମାଜରେ ଜଣେ ଜଣେ ଶ୍ରେଷ୍ଠ ଡାକ୍ତର ହୋଇପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସାଗରବାଳା ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଦୁଇ ପ୍ରାକ୍ତନ ଡାକ୍ତରୀ ଛାତ୍ରଛାତ୍ରୀ ଡ. ଆଶିଷ ନାୟକ ଏବଂ ଡା. ଅଭିଲିପ୍ସା ସ୍ୱାଇଁଙ୍କୁ ଯଥାକ୍ରମେ ଶିଶୁ ବିଭାଗ ଏବଂ ଭେଷଜ ବିଭାଗରେ ଉଚ୍ଚ ଶିକ୍ଷା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆମ୍ବୁଲାନ୍ସ ଲୋକାର୍ପଣ ଉତ୍ସବ

ଢେଙ୍କାନାଳ,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ଦୁର୍ଗମ ଅପହଞ୍ଚ ଅଞ୍ଚଳରେ ମାନସିକ ଅନଗ୍ରସର, ମସ୍ତିଷ୍କ ପକ୍ଷାଘାତ ଓ ଅଟିଜିମ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ



ସେବା ଯୋଗାଇବା ନିମନ୍ତେ ‘ନବ’ ଲିମିଟେଡ୍, ଖଡ଼୍‌ଗପ୍ରସାଦ ସହାୟତାରେ ଭ୍ରାମ୍ୟମାଣ ଚିକିତ୍ସା ଭ୍ୟାନ ‘ନବ’ର ଏଚଆର ବିଜୟ କୁମାର ସାହୁଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ଏହି ଭ୍ୟାନଟି ୧୬୮ ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ଭୌତିକ ଚିକିତ୍ସା, ଔଷଧ, ପୁଷ୍ଟିକର ଖାଦ୍ୟ ବଣ୍ଟନ ପାଇଁ ଉଦ୍ଦିଷ୍ଟ। ‘ନବ’ର ସିଏସଆର ସଂଯୋଜକ ଅସିତ୍ କୁମାର ବିଶୋଇ ଦିବ୍ୟାଙ୍ଗ ଶିଶୁଙ୍କୁ ଔଷଧ, ବିସ୍କୁଟ ଓ କମ୍ବଳ ବଣ୍ଟନ କରିଥିଲେ। ଅଧ୍ୟକ୍ଷ ରତ୍ନାକର ପ୍ରଧାନ, ନିର୍ଦ୍ଦେଶକ ଟଙ୍କଧର ବାରିକ, ଫିଜିଓଥେରାପିଷ୍ଟ ନିବେଦିତା ନାୟକ, ସାହିଲ ଆଫ୍ରିଡ, ସତ୍ୟପ୍ରକାଶ ନାୟକ ଓ ସମସ୍ତ କର୍ମକର୍ତ୍ତା ଇଲନ ପ୍ରଭା ସେନାପତି, ବର୍ଷା ରାଣୀ ପ୍ରଧାନ, ସୋନାଲି ଧଳ, ଅନ୍ନପୂର୍ଣ୍ଣା ଧଳ, କୁସୁମିତା ବାଗ, ସ୍ୱାଗତିକା ରାଉତ, ସୌଭାଗ୍ୟଲକ୍ଷ୍ମୀ ତରାଇ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ, ପର୍ଶୁରାମ ଦାସ, ପ୍ରକାଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# କପିଳାସ ପୀଠରେ ମହାଶିବରାତ୍ରି ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୩୦।୧୨(ସମିସ)



ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କଜିଉଙ୍କ କପିଳାସ ପୀଠରେ ଆସନ୍ତା ଫେବୃଆରୀ ୧୫ ତାରିଖ ରବିବାର ମହାଶିବରାତ୍ରି ପର୍ବ ପାଳନ କରାଯିବ। ଏଥିପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜାଗର ପର୍ବ ଯେପରି ଶାନ୍ତିଶୃଙ୍ଖଳା ସହିତ ସମାପନ ହେବ ସେଥିପ୍ରତି ଦାୟିତ୍ୱବାନ ହୋଇ କାର୍ଯ୍ୟ ନିର୍ବାହ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଉପ ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ, ଦେବୋତ୍ତର ବିବୁଧ ଗଡ଼ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ନିର୍ଘଣ୍ଟ ଅନୁଯାୟୀ ରାତ୍ର ୩.୫୫ମି. ଠାରୁ ବେଢ଼ା ପୂଜା, ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ପାଳିଆ ସେବକଙ୍କ ଦ୍ୱାରା କରାଯାଇ ରାତ୍ର ୪.୨୦ମି. ମଧ୍ୟେ ଶେଷ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ମନ୍ଦିର ପ୍ରାଙ୍ଗଣ ଭିତର ଓ ବାହାରେ ଆଲୋକ ସଜ୍ଜା ସହିତ ଯାନବାହନ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଦୋକାନ ନିମନ୍ତେ ସ୍ଥାନର ବ୍ୟବସ୍ଥା, ମନ୍ଦିର ପ୍ରାଙ୍ଗଣ ଓ ସଂଲଗ୍ନ ଅଞ୍ଚଳର ପରିଷ୍କାର-ପରିଚ୍ଛନ୍ନତା, ଆଶୁ ଚିକିତ୍ସା ସୁବିଧା ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ ହେବା, ବିଷଧର ସାପ ଧରିବା ପାଇଁ ଟିମ ମୁତୟନ ଓ ଭଜନ ସମାରୋହ ଆୟୋଜନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ), ଲଳିତ ମୋହନ ବେହେରା (ରାଜସ୍ୱ), ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ଜାଗର ପର୍ବ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଉପ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କେହି ରହିନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ, ସର୍ବେ ନିଜନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ

- କବିବର ରାଧାନାଥ ରାୟ

## ପଚିଶର ପୁନରାବଲୋକନ

ହସ-କାନ୍ଦ, ମିଳନ-ବିଚ୍ଛେଦ, ଆଶ୍ୱାସନା-ପ୍ରତାରଣା, ହର୍ଷ-ଉଲ୍ଲାସ, ସଫଳ-ବିଫଳ, ଆଶା-ନିରାଶା, ଲାଭ-କ୍ଷତି, ନ୍ୟାୟ-ଅନ୍ୟାୟର ଅଧ୍ୟାୟକୁ ସମୟର ଇତିହାସ ପୃଷ୍ଠାରେ ଲେଖିଦେଇ ଦୁଇହଜାର ପଚିଶ ଏବେ ଅସ୍ତାଚଳମୁଖୀ। ପ୍ରତିଟି ଅଧ୍ୟାୟର ଚର୍ଚ୍ଚା ସରିଛି ଏବଂ ଭବିଷ୍ୟତରେ ଚର୍ବିତଚର୍ବଣର ଅବକାଶ ସୃଷ୍ଟି ହୋଇଛି। ତେଣୁ ବର୍ଷାନ୍ତରର ବାକି ଥିବା ମୁହୂର୍ତ୍ତମାନଙ୍କରେ ସେ ବିଷୟରେ ଅଧିକ ଆଲୋଚନା ନ କରି ବରଂ ସେଥିରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ କିଭଳି ଭବିଷ୍ୟତରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଅଧିକ ପ୍ରାସଙ୍ଗିକ ହେବ।

ଅନ୍ତର୍ଜାତୀୟସ୍ତରରୁ ଆରମ୍ଭ କରି ଆଞ୍ଚଳିକ ପର୍ଯ୍ୟନ୍ତ ରାଜନୀତିରେ ଅନେକ ଅପ୍ରତ୍ୟାଶିତର ମୂକସାକ୍ଷୀ ହୋଇସାରିଛି ଦୁଇହଜାରପଚିଶ। ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆତୁରତା କିଭଳି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ସୃଷ୍ଟି କରିଛି ଏବଂ ମାତ୍ରାଧିକ ଶୁଳ୍କ ବୃଦ୍ଧି ବିଶ୍ୱର ବାଣିଜ୍ୟ-ଅର୍ଥନୀତିକୁ ବିପନ୍ନ କରିଛି ତାହା ପ୍ରମାଣିତ ହୋଇଛି। ଇରାନ-ଇସ୍ରାଏଲ୍‌ର ଅହେତୁକ ଯୁଦ୍ଧ କେବଳ ଧନଜୀବନ ହାନିରେ ସମାପ୍ତ ହୋଇଛି। ଧର୍ମାନ୍ଧ ଆତଙ୍କବାଦ ଆହୁରି କାୟାବିସ୍ତାର କରି ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଚାଲିଛି। ପ୍ରକୃତିର କୋପ ଆଗରେ ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ର ମଧ୍ୟ କିଭଳି ବିବଶ ତାହା ମଧ୍ୟ ପ୍ରମାଣିତ ହୋଇଛି। ଜଳବାୟୁ ପରିବର୍ତ୍ତନ ସଙ୍କଟର ପଞ୍ଝାରୁ ଉତ୍ତରବିଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ, ସେହି ଚେତାବନୀ ଦେଇଛି ଦୁଇହଜାର ପଚିଶି। ତେଣୁ ବିକଶିତ ଓ ଧନୀ ଦେଶମାନେ ଅକ୍ଷୟଶକ୍ତିର ବିକାଶ ଲାଗି ବିଶ୍ୱ ନେତୃତ୍ୱ ନେବା ସହିତ ପରିବେଶ ପାଣ୍ଠିକୁ ଅଧିକ ଦୃଢ଼ କରିବା ଦିଗରେ ଆହ୍ୱାନ ସୃଷ୍ଟି ହୋଇଛି। ଅଥଚ କୋପ୍‌୩୦ର ନିଷ୍ଫଳ ନିଷ୍କର୍ଷରେ ସମାପ୍ତ ହୋଇଛି।

ଭାରତ ପାଇଁ ଦୁଇହଜାରପଚିଶ ଥିଲା ଅନେକ ଅବାଞ୍ଛିତ ଓ ମର୍ମନ୍ତୁଦ ଘଟଣାର ମୂକସାକ୍ଷୀ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ପାଲଟା ଜବାବରେ 'ଅପରେସନ୍ ସିନ୍ଦୂର'ର ପ୍ରତିକ୍ରିୟାରେ ପାକିସ୍ତାନ ପଟୁ ଆଣବିକ ଯୁଦ୍ଧର ଆଶଙ୍କା ଏବଂ ଚୀନ୍ ଓ ତୁର୍କୀର ପାକିସ୍ତାନକୁ ସାମରିକ ସହାୟତା, ଆମେରିକାର ମଧ୍ୟସ୍ଥିରେ ଯୁଦ୍ଧବିରତିର ଆତ୍ମପ୍ରଚାର ଆଦି ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିବ। ଭାରତର ରାଜନୀତି ମଧ୍ୟ ୨୦୨୫ରେ ଅନେକ ମାତ୍ରାରେ ସରଗରମ ହୋଇ ରହିଥିଲା। ମାଗଣା ଯୋଜନା କିଭଳି ନିର୍ବାଚନକୁ ପ୍ରଭାବିତ କରିପାରେ ତାହା ବିହାର ବିଧାନସଭା ନିର୍ବାଚନରୁ ପୁଣି ଥରେ ପ୍ରମାଣିତ ହୋଇଥିଲା ବେଳେ 'ଭୋଟ ଚୋରି', 'ଏସ୍‌ଆଇଆର' ବିବାଦ ଭାରତୀୟ ଗଣତନ୍ତ୍ର ପାଇଁ ନୂଆ ଆହ୍ୱାନ ଆଣିଥିଲା। ୨୦୨୫ 'ବନ୍ଦେ ମାତରମ୍'ର ରଚନାର ୧୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାକୁ ନେଇ ବିତର୍କ ଆଳରେ ଆରୋପ ପ୍ରତ୍ୟାରୋପ ସଂସଦୀୟ ଇତିହାସରେ ଏକ ଅବାଞ୍ଛିତ ଫର୍ଦ୍ଦ ଲେଖିଦେଇଗଲା। ବର୍ଷର ଶେଷ ଭାଗରେ 'ଏମ୍‌ନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା, ଶ୍ରମ ସଂହିତା ପ୍ରଚଳନ, ଆରାବଳୀର ସଂଜ୍ଞା ପରିବର୍ତ୍ତନ ଆଦି ବିବାଦୀୟ ପ୍ରସଙ୍ଗ ଜାତୀୟ ରାଜନୀତିକୁ ସରଗରମ କରି ରଖିଥିଲା।

ବିଶ୍ୱ ଭୂରାଜନୀତିରେ ପ୍ରଭୁତ୍ୱବାଦ କିଭଳି ଅଯଥା ରକ୍ତପାତ ଓ ନିରୀହ ଜନତାଙ୍କ ବିସ୍ଥାପନ, ଶରଣାର୍ଥୀ ସମସ୍ୟା ବୃଦ୍ଧି କରିପାରେ ତାହା ରୁଷ-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଏବଂ ବାଂଲାଦେଶ, ସିରିଆ ଅରାଜକତାରୁ ସୂଚିତ ହେଉଛି। କ୍ଷୁଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନେ ଚୀନ୍‌ର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ମାଳଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କାକୁ ଉଦାହରଣ ରୂପେ ଆବିର୍ଭାବ ହୋଇଛନ୍ତି। ଯୁଦ୍ଧବିଧ୍ୱସ୍ତ ବିଶ୍ୱ ଅର୍ଥନୀତି ଅସ୍ଥିରତାର କୁହୁଡ଼ି ଭିତରେ କବଳିତ ହୋଇରହିଛି। ଦେଶର ମୋଟ ଘରୋଇ ଉତ୍ପାଦ ବା ଅର୍ଥନୈତିକ ଅଭିବୃଦ୍ଧି ବଢ଼ୁଥିବା ବେଳେ ଖାଉଟିମାନେ ଘାଇଲା ହୋଇଛନ୍ତି। ଭାରତର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ଟଳିଥିବା ବେଳେ ପାକିସ୍ତାନର ଆର୍ଥିକ ଦୁରବସ୍ଥା ଜାରି ରହିଛି ଏବଂ ବାଂଲାଦେଶ ସେହି ଦିଗକୁ ଗତି କରୁଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜନୈତିକ ସ୍ଥିରତା କେତେ ଜରୁରୀ ତାହା ବାଂଲାଦେଶ ଓ ପାକିସ୍ତାନ ଦୃଷ୍ଟାନ୍ତ ହୋଇଛନ୍ତି। ବର୍ଷ ଶେଷ ବେଳକୁ ଭାରତୀୟ ପ୍ରତିଭୂତି ବଜାରରେ ଦ୍ରୁତସ୍ଖଳନ ଦେଖାଦେଇ ନିବେଶକମାନେ ଲକ୍ଷଲକ୍ଷ କୋଟି ଟଙ୍କା ହରାଇଛନ୍ତି। ତେଣୁ ଅତ୍ୟାଶାରୁ ମୂଳନାଶ ଆପ୍ତବାକ୍ୟଟି ପୁଣି ଥରେ ସତ ସାବ୍ୟସ୍ତ ହୋଇଛି।

ଭାରତୀୟ ନ୍ୟାୟିକ ଇତିହାସରେ ପଚିଶ ଏକ ଅଭୁଲା ଅଧ୍ୟାୟ ଲେଖିଦେଇଯାଇଛି। ଦୀର୍ଘବର୍ଷ ଧରି ବିଚାରାଧୀନ ଥିବା ଅନେକ ଜଟିଳ ମାମଲାର ରାୟ ସମ୍ବିଧାନ ଖଣ୍ଡପୀଠ ଶୁଣାଇଥିବା ବେଳେ ବିଚାରପତିଙ୍କ ଘରୁ ଅଧାପୋଡ଼ା ନଗଦ ଉଦ୍ଧାର, ଅବାଞ୍ଛିତ ରାୟ ଆଦି ଜନମାନସରେ ଗ୍ରହଣୀୟ ହୋଇପାରିନାହିଁ। ପ୍ରଧାନବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଉଦ୍ୟମ ମଧ୍ୟ ହୋଇଛି। ଆରାବଳିର ପରିବର୍ତ୍ତିତ ସଂଜ୍ଞା ଗ୍ରହଣ, ଉନ୍ନାଓ ବଳତ୍କାରୀ ବିଧାୟକଙ୍କୁ ଜାମିନ୍ ପ୍ରଦାନ ଓ ଦଣ୍ଡ କୋହଳ ଆଦି ନ୍ୟାୟିକ ବ୍ୟବସ୍ଥାର ନିଷ୍ପକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ଜନମତର ବିରୋଧାଭାସ ପରେ ଉକ୍ତ ପୁନର୍ବିଚାର ପାଇଁ ପୂର୍ବ ରାୟ ଉପରେ ରହିତାଦେଶ ଜାରି ହୋଇଛି।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁଣି ଥରେ ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ମହେନ୍ଦ୍ରଗିରିର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ଅପରପକ୍ଷରେ ଉପଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ସମୟୋପଯୋଗୀ ଯୋଜନା, ଦାୟିତ୍ୱବୋଧ, କଳାଚାତୁରୀ, ସମର୍ପଣ, ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଓ କଳାଚାତୁର୍ଯ୍ୟ, କର୍ମନିଷ୍ଠା କିଭଳି ସଫଳତା ଆଣିପାରେ ତାହା ୨୦୨୫ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଷ୍ଟଲ୍ ସ୍ୱର୍ଣ୍ଣପଦକ ପାଇବାରୁ ପ୍ରମାଣିତ ହୋଇଛି।

ମଧୁର-ତିକ୍ତ ଅଭିଜ୍ଞତା ଓ ତ୍ରୁଟି-ବିଚ୍ୟୁତିରୁ ଶିକ୍ଷା ଲାଭ କରି ଅତୀତର ଅବାଞ୍ଛିତ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଭୁଲି ଭବିଷ୍ୟତର ସୁସଂହତ, ସସମନ୍ୱିତ, ସୁସଂଯତ ସମାଜ ଗଠନ ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ୟବାଦର ଆଧାର ଶିଳା ଉପରେ ସୁନେଲି ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇ ବିଦାୟ ନେଉଛି ୨୦୨୫।

## ଶ୍ରମ କୋଡ୍: କାହା ସ୍ୱାର୍ଥରେ?

କିଶୋର ଜେନା

କେନ୍ଦ୍ର ସରକାର ଗତ ନଭେମ୍ବର, ୧୧ ତାରିଖରେ ଚାରିଟି ଶ୍ରମ କୋଡ୍‌ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି କୋଡ୍‌ଗୁଡ଼ିକର ମୂଳ ବକ୍ତବ୍ୟ ହେଲା ଶ୍ରମର ଦୁନିଆରେ ନମନୀୟତା ଆଣିବା। ଏହାର ପ୍ରତିବାଦରେ ୨୬ ନଭେମ୍ବର ୨୦୨୫ ଦେଶବ୍ୟାପୀ ଶ୍ରମିକ-କୃଷକମାନେ ରାସ୍ତାକୁ ଓହ୍ଲାଇ ଶ୍ରମକୋଡ୍‌ର ପ୍ରତିଲିପିକୁ ପୋଡ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଛନ୍ତି ଶ୍ରମକୋଡ୍ ବାତିଲ ପାଇଁ। କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ବାହାରେ ଥିବା ବହୁ ଶ୍ରମଜୀବୀ ମଧ୍ୟ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ଆଗାମୀଦିନରେ ଶ୍ରମକୋଡ୍‌ର ପ୍ରତ୍ୟାହାର ଦାବିରେ ଦେଶର ଶ୍ରମଜୀବୀ ଜନଗଣ ଆହୁରି ଜୋରଦାର ଆନ୍ଦୋଳନ କରିପାରନ୍ତି ବୋଲି ଆଲୋଚନା ହେଉଛି।

ନୂଆ ଚାରିଶ୍ରମ କୋଡ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଶ୍ରମିକ ସଂଖ୍ୟାର ପ୍ରାପ୍ତ ସୀମା ବଢ଼ାଯାଇଛି, ଯେଉଁଠି ପ୍ରଯୁକ୍ତିଗତ ବିକାଶ ସହ ଏହି ପ୍ରାପ୍ତ ସୀମା କମାଇବା ଉଚିତ ଥିଲା। ଫ୍ୟାକ୍ଟରିଜ ଆକ୍ଟ ପରିବର୍ତ୍ତେ ଅକୁପେସନାଲ ସେଫଟି ଆଣ୍ଡ ଦି ହେଲ୍‌ଥ କୋଡ୍‌କୁ କାରଖାନାଗୁଡ଼ିକରେ ଶ୍ରମିକ ସଂଖ୍ୟାର ସୀମା ବଢ଼ାଇ ୧୦ରୁ ୨୦ (ବିଦ୍ୟୁତ ସହ) ଏବଂ ୨୦ରୁ ୪୦ (ବିଦ୍ୟୁତ୍ ବିହୀନ) କରାଯାଇଛି। ଫଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣ ୟୁନିଟ୍ ଏଥିରୁ ବାଦ୍ ପଡ଼ିବେ। ସେହି କୋଡ୍‌ରେ ଅସ୍ଥାୟୀ ଚୁକ୍ତି ଶ୍ରମିକ ବ୍ୟବହାର କ୍ଷେତ୍ରରେ 'ଲାଇସେନ୍ସ ଓ ରେଗୁଲେସନ' ପ୍ରୟୋଗର ସୀମା ୨୦ରୁ ବୃଦ୍ଧି କରାହୋଇଛି। ଏହାଫଳରେ ୫୦ରୁ କମ୍ ଠିକା ଶ୍ରମିକ ନିଯୁକ୍ତିକାରୀ କଣ୍ଟ୍ରାକ୍ଟର କ୍ଷେତ୍ରରେ ଆଉ କୌଣସି ଧରଣର ଆଇନ କାନୁନ୍ ମାନିବାର ବାଧ୍ୟବାଧକତା ରହିବ ନାହିଁ। ଏହାଛଡ଼ା ଷ୍ଟାଣ୍ଡିଂ ଅର୍ଡର ପ୍ରଣୟନ କ୍ଷେତ୍ରରେ ୧୦୦ରୁ ୩୦୦ ସୀମାକୁ ବଢ଼ାଇ ଦିଆଯାଇଛି। ଫଳରେ କାର୍ଯ୍ୟ ସଂକ୍ରାନ୍ତ ପରିଷ୍କାର ନୀତି ନିୟମ କାର୍ଯ୍ୟର ସର୍ତ୍ତ, ଶାସ୍ତି ମୂଳକ ବିଧି, ଛୁଟି ବା ଅନ୍ୟାନ୍ୟ ସୁବିଧା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରଖିବା ଅଧିକାଂଶ ୟୁନିଟ୍‌ରେ ଆଉ ବାଧ୍ୟତାମୂଳକ ନୁହେଁ। ଛଟେଇ ପାଇଁ ୧୦୦ରୁ ଅଧିକ ଶ୍ରମିକ ଥିଲେ ବାଧ୍ୟତାମୂଳକ ଥିବା ସରକାରୀ ଅନୁମତିକୁ ସଂଶୋଧନ କରି ସଂଖ୍ୟା ୩୦୦କୁ ବଢ଼ାଇ ଦିଆଯାଇଛି। ଏହି ସମସ୍ତ ଧାରାର ଏକମାତ୍ର ଉଦ୍ଦେଶ୍ୟ ହେଲା ଦେଶର ସଙ୍ଗଠିତ କ୍ଷେତ୍ରର ପ୍ରାୟ ୯୦ ପ୍ରତିଶତ ଶ୍ରମିକଙ୍କୁ ଏହି ସମସ୍ତ ଶ୍ରମ ଆଇନର ପରିସରରୁ ବାହାରେ ରଖି ମଧ୍ୟମ ଓ କ୍ଷୁଦ୍ର କାରଖାନାର ଶୋଷଣର ମାତ୍ରା ବଢ଼ାଇବାର ବନ୍ଦୋବସ୍ତ କରାଯାଇଛି।

ସୁରକ୍ଷା ଓ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ପ୍ରୟୋଜନୀୟ ପ୍ରାପ୍ତ ସୀମା ଏଭଳି ଭାବେ ନିର୍ଦ୍ଧାରଣ କରାଯାଇଛି, ଯଦ୍ଦ୍ୱାରା ମାଲିକମାନେ ସହଜରେ ନିଜର ବାଧ୍ୟବାଧକତାକୁ ଏଡ଼ାଇ ଯିବେ। ଉଦାହରଣ ସ୍ୱରୂପ ୫୦୦ରୁ କମ୍ ଶ୍ରମିକ ଥିବା କାରଖାନାର ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସେଫ୍‌ଟି ଅଫିସର ବାଧ୍ୟତାମୂଳକ ନୁହେଁ। ୨୫୦ରୁ କମ୍ ହେଲେ ୱେଲଫେୟାର (ମଙ୍ଗଳ) ଅଫିସରରେ ଆବଶ୍ୟକ ନାହିଁ। ୫୦ରୁ ବେଶି ମହିଳା ଶ୍ରମିକ ଥିଲେ କ୍ରେଚ୍‌ର ସୁବିଧା ଦିଆଯିବ। ୫୦୦ ଶ୍ରମିକ ଥିଲେ ଯାଇ ଆମ୍ବୁଲାନ୍ସ ସେବା ଦିଆଯିବ। ବୃହତ୍ ଅଂଶର ଶ୍ରମିକ ଓ କର୍ମଚାରୀ ଯେଉଁମାନେ ସୁପରଭାଇଜର ପଦରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାସିକ ବେତନ ୧୮୦୦୦ ଟଙ୍କା, ସେମାନେ ଶ୍ରମିକ ସଂଜ୍ଞା ମଧ୍ୟରେ ଆସିବେ ନାହିଁ। ଅନେକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକ ଓ କର୍ମଚାରୀଙ୍କୁ ସୁପରଭାଇଜର/ ମ୍ୟାନେଜର/ ଅଫିସର/ ଏକଜିକ୍ୟୁଟିଭ୍ ରୂପେ ନିଯୁକ୍ତ କରାଯାଏ, ଯଦ୍ଦ୍ୱାରା ସେମାନେ ୟୁନିୟନ କରିବାର ଅଧିକାରରୁ ବଞ୍ଚିତ ରହିବେ। 'କୋଡ୍ ଅନ୍ ଇଣ୍ଡଷ୍ଟ୍ରିଆଲ ରିଲେସନ'ରେ ଏହି ଷଡ଼ଯନ୍ତ୍ରକୁ ବୈଧତା ଦିଆଯାଇଛି।

ନୂତନ ଶ୍ରମ କୋଡ୍‌ରେ ସ୍ଥାୟୀ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ମିଆଦ ବା ଫିକ୍ସଡଟର୍ମ ନିଯୁକ୍ତିକୁ ଆଇନଗତ ବୈଧତା ଦିଆଯାଇଛି। ଏଥିରେ ଭବିଷ୍ୟତରେ ସମସ୍ତ ନିଯୁକ୍ତି ସ୍ଥାୟୀ ନ ହୋଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିରେ କାର୍ଯ୍ୟ କରିବେ। ଚୁକ୍ତିର ମିଆଦ ଶେଷ ହେଲେ ନିଯୋଗକର୍ତ୍ତା ନିଜର ଇଚ୍ଛାନୁସାରେ ଶ୍ରମିକକୁ ଚାକିରିରୁ ବିଦା କରି ଦେଇପାରିବେ। ଫଳରେ ଶ୍ରମିକ ପଦୋନ୍ନତି ଓ ବରିଷ୍ଠତାର ସୁଯୋଗ ହରାଇବ। ଚାକିରି ହରାଇବାର ଭୟଥିବାରୁ ଏହିସବୁ ଶ୍ରମିକ ସଙ୍ଗଠିତ ହେବାର ସମ୍ଭାବନା କମିଯିବ। ବଡ଼ ଅଂଶର ଶ୍ରମିକ, ବିଶେଷକରି ଅସଂଗଠିତ ଶ୍ରମିକଙ୍କର ପ୍ରଚଳିତ ସାମାଜିକ ସୁରକ୍ଷାଗୁଡ଼ିକ ନୂତନ କୋଡ୍‌ରେ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି। ଅଥଚ ସରକାର ଏହି ନୂଆ କୋଡ୍‌ରେ ସମସ୍ତ କ୍ଷେତ୍ରର ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଚଳିତ ସେସ୍ ସଂଗ୍ରହ ସଂକ୍ରାନ୍ତ ବିଧାନ ବାତିଲ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟତଃ ଅନିଶ୍ଚିତ ହୋଇପଡ଼ିବ।

ନୂଆ ଶ୍ରମକୋଡ୍‌ରେ ୟୁନିୟନ ରେଜିଷ୍ଟ୍ରେସନ ଓ ଧର୍ମଘଟ ଦୁଇ ମୌଳିକ ଶ୍ରମିକ ଅଧିକାର ଉପରେ ଆକ୍ରମଣ କରାହୋଇଛି। ୟୁନିୟନ ପଞ୍ଜୀକରଣ ପାଇଁ ଏବେ ପ୍ରତିଷ୍ଠାନର ମୋଟ ଶ୍ରମିକଙ୍କର ୧୦ ପ୍ରତିଶତ ବା ୧୦୦ଜଣ ସଦସ୍ୟ ରହିବା ବାଧ୍ୟତାମୂଳକ, ଯାହା ବଡ଼ ୟୁନିଟ୍ ବା ବିସ୍ତୃତ କର୍ମକ୍ଷେତ୍ରରେ ସଙ୍ଗଠନ ଆରମ୍ଭ କରିବା ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ରେଜିଷ୍ଟ୍ରେସନ ପ୍ରକ୍ରିୟା ମଧ୍ୟ ଜଟିଳ ଓ ଶ୍ରମ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭରଶୀଳ କରିଦିଆଯାଇଛି। ଧର୍ମଘଟକୁ କାର୍ଯ୍ୟତଃ ନିଷିଦ୍ଧ କରିବା ପାଇଁ ସବୁ ଶିଳ୍ପ କ୍ଷେତ୍ରରେ ୧୪ଦିନର ନୋଟିସ ବାଧ୍ୟତାମୂଳକ କରାଯାଇଛି। ଆଉ ଏହାପରେ କୌଣସି ମଧ୍ୟସ୍ଥତା ପ୍ରକ୍ରିୟା ଚାଲୁଥିବା ସମୟରେ ଧର୍ମଘଟ ନିଷିଦ୍ଧ, ନିୟମ ଭାଙ୍ଗିଲେ କଠୋର ଜୋରିମାନା ଓ ଜେଲ ଦଣ୍ଡ ଭଳି ଶାସ୍ତି ବିଧାନର ବ୍ୟବସ୍ଥା ହୋଇଛି। ଏହା ଶ୍ରମିକଙ୍କୁ ଭୟ ଦେଖାଇ ଧର୍ମଘଟକୁ ଅଟକାଇବା ପାଇଁ ତିଆରି କରାଯାଇଥିବା ମନେ ହୁଏ।

ଏ ସମସ୍ତ ଆଇନଧାରା ହିଁ ଶୋଷଣର ମାତ୍ରା ବଢ଼ାଇ ଆହୁରି ଉଦ୍‌ବୃତ୍ତ ଶ୍ରମ ଶ୍ରମିକଙ୍କଠାରୁ ବାହାର କରିନେବା ପାଇଁ ପରିକଳ୍ପିତ। ନୂତନ ଶ୍ରମକୋଡ୍‌ରେ ଶ୍ରମ ସମୟ ବଢ଼ାଇ ୧୨ ଘଣ୍ଟା କରାଯାଇଛି। ଅର୍ଥାତ୍ ମାଲିକ ଚାହିଁଲେ ଶ୍ରମିକଙ୍କ କାର୍ଯ୍ୟ, ବିରତି ଓ ଅପେକ୍ଷାକୁ ମିଳାଇ ପୂରା ୧୨ ଘଣ୍ଟା କର୍ମକ୍ଷେତ୍ରରେ ରହିବାକୁ ପଡ଼ିବ, ଯଦିଓ ତା'ର କାର୍ଯ୍ୟର ସମୟ ୮ ଘଣ୍ଟା ହେବ। ବେତନ ମଧ୍ୟ ସେହି ଅନୁଯାୟୀ। ଏହାଛଡ଼ା ଓଭରଟାଇମ୍ ନିୟମରେ ମଧ୍ୟ ଟାଳଟୁଳ କରାଯାଇଛି। ଏଥିରେ ଶ୍ରମିକଙ୍କ ଇଚ୍ଛା ବିରୁଦ୍ଧରେ ଅତିରିକ୍ତ ସମୟ କାର୍ଯ୍ୟ କରାଇବା ଆହୁରି ସହଜ ହେବ। ନୂଆକୋଡ୍‌ରେ ଚାରି ଦିନର କର୍ମ ସପ୍ତାହର ସୁଯୋଗ ରଖାଯାଇଛି। ଏହାର ଅର୍ଥ ପ୍ରତିଦିନ ଓଭରଟାଇମ୍ ମଜୁରି ଛଡ଼ା ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଇବା ଏକରକମ ବୈଧ ହୋଇଯିବ। ସବୁ ମିଶି ଏସବୁ ପରିବର୍ତ୍ତନ ଶ୍ରମିକଙ୍କର ବିଶ୍ରାମ, ସ୍ୱାସ୍ଥ୍ୟ, ପରିବାର ଜୀବନ ଏବଂ ସଙ୍ଗଠିତ ହେବାର ସୁଯୋଗ ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

ପ୍ରତିବର୍ଷ ଆମ ଦେଶରେ ହଜାର ହଜାର ଶ୍ରମିକ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ନୂଆ ଶ୍ରମକୋଡ୍‌ରେ ଶ୍ରମିକଙ୍କ ସୁରକ୍ଷା ସଂକ୍ରାନ୍ତ ଇନସ୍‌ପେକ୍ସନ ବ୍ୟବସ୍ଥାକୁ ମାରାତ୍ମକ ଭାବେ ଦୁର୍ବଳ କରିଦିଆଯାଇଛି। ପୂର୍ବପରି ହଠାତ୍ ବା ଅନିୟମିତ ପରିଦର୍ଶନର ସୁଯୋଗ ନାହିଁ। ଏବେ ଇନ୍ସପେକ୍ସନ ପାଇଁ ପୂର୍ବରୁ ନୋଟିସ୍ ଦେବାକୁ ହେବ ଏବଂ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହାଫଳରେ ମାଲିକମାନେ ସବୁ ବେନିୟମକୁ ଲୁଚେଇ ଦେଇ ପାରିବେ ଏବଂ କର୍ମକ୍ଷେତ୍ରର ପ୍ରକୃତ ପରିବେଶ ଓ ପରିସ୍ଥିତି ଦେଖାଯିବ ନାହିଁ। ଏହାଛଡ଼ା ଇନ୍ସପେକ୍ଟରମାନଙ୍କ ସ୍ୱାଧୀନତାକୁ କମାଇ ଦିଆଯାଇଛି। ସେମାନଙ୍କୁ କେବଳ ମାତ୍ର ସହାୟକ ବା ଫେସିଲିଟେଟର କରି ଦିଆଯାଇଛି। ଏଣୁ ସେମାନଙ୍କ ପକ୍ଷରେ ଦ୍ରୁତ ଓ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରିବା କଠିନ। ଫଳସ୍ୱରୂପ ଶ୍ରମିକଙ୍କର ଜୀବନ ବିପଦରେ ପଡ଼ିବ।

ଏହା ସହ ଆସିଛି ଶ୍ରମଶକ୍ତି ନୀତି ୨୦୨୫, ଯାହାର ମୂଳ ଉଦ୍ଦେଶ୍ୟ ହେଲା ସାରା ଦେଶରେ ଶ୍ରମଶକ୍ତିକୁ ଏକ ଡିଜିଟାଲ ପ୍ରକ୍ରିୟା ମଧ୍ୟଦେଇ ଆସିଥିବା ପୁଞ୍ଜିର ଚାହିଦା ଅନୁଯାୟୀ ବ୍ୟବସ୍ଥା କରିବା, ସମସ୍ତ ସ୍ଥାୟୀ କାର୍ଯ୍ୟର ବଦଳରେ ଶ୍ରମକୁ 'ଗିଗ୍ ନେଚର' କରିଦିଆଯିବ- ଅର୍ଥାତ୍ ସାରା ଦେଶରେ ଶ୍ରମଶକ୍ତିକୁ ଧୀରେ ଧୀରେ ସମସ୍ତ ରେଗୁଲେସନର ବାହାରକୁ ବାହାର କରିଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି କହିଲେ ଭୁଲ୍ ହେବ ନାହିଁ।

କଟକ, ମୋ: ୯୪୩୭୩୮୪୮୬୭

## କେମିତି ଭୁଲିବୁ - ୨୦୨୫!

ବୈଷ୍ଣବ ମେହେର

ମଣିଷ ହିଁ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ-ମାସ-ଦିନ-ଦଣ୍ଡରେ ବିଭକ୍ତ କରି ଦେଇଛି। ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ନୂଆ ଏକ ବର୍ଷକୁ ସ୍ୱାଗତ କରିବାକୁ ଯାଉଥିବା ବେଳେ ପୁରୁଣା ବର୍ଷଟିକୁ ବିଦାୟ ଦେବାକୁ ସମସ୍ତେ ମାନସିକ ପ୍ରସ୍ତୁତି ନେଇ ସାରିଛେ। ଅନେକ ଭାବନ୍ତି ନୂଆ ବର୍ଷ ୨୦୨୬ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ୨୦୨୫ର ଅନ୍ତ ହୋଇଯିବ। କିନ୍ତୁ ବିଦାୟୀ ବର୍ଷର ୩୬୫ ଦିନର ଅବଧି ମଧ୍ୟରେ ଯାହା ସବୁ ଘଟଣା ଅଘଟଣ ଘଟିଛି ସେସବୁକୁ କ'ଣ ସହଜରେ ପାସୋରି ଦେଇ ହେବ! ମୋ ଭଳି ଅନେକଙ୍କ ମନରେ ଜର୍ଜରିତ ହେଉଥିବା ଗତବର୍ଷର ଅନେକ କ୍ଷତ ଦୀର୍ଘଦିନ ଧରି ତାଜା ଓ ଅଭୁଲା ରହିବ।

ବିଶ୍ୱ ମାନଚିତ୍ରରେ ୨୦୨୫କୁ ଯଦି କେହି ଯୁଦ୍ଧର ବର୍ଷ ଭାବରେ ଅଭିହିତ କରନ୍ତି ତେବେ ଭୁଲ ହେବ ନାହିଁ। ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ-ଏସିଆରେ ଏକାଧିକ ଯୁଦ୍ଧରେ ଲକ୍ଷଲକ୍ଷ ଲୋକ ନିହତ ହେବା ସହ କୋଟିଏରୁ ଅଧିକ ଲୋକ ବିସ୍ଥାପିତ ହେବାର ଦାରୁଣ ଦୁଃଖକୁ କ'ଣ କେବେ ଭୁଲି ଯାଇହେବ? ପରମାଣୁ ଶକ୍ତିସମ୍ପନ୍ନ ଭାରତ ଓ ପାକିସ୍ତାନ ଯୁଦ୍ଧଠାରୁ ଆରମ୍ଭ କରି ଇସ୍ରାଏଲ-ଇରାନର ଯୁଦ୍ଧ ମାନବ ସଭ୍ୟତାକୁ ଅନିଶ୍ଚିତତାର ଘନ କୁହୁଡ଼ି ଭିତରକୁ ଠେଲି ଦେଇଛି। ଅପରପକ୍ଷେ ଦିନକୁଦିନ ପ୍ରକୃତିର ନିର୍ମମ ପ୍ରହାର ମଣିଷ ସମାଜକୁ ନୟାନ୍ତ କରୁଥିବା ବେଳେ ୨୦୨୫ର ପ୍ରାକୃତିକ ବିପର୍ଯ୍ୟୟ ଏବଂ ତତଜନିତ କ୍ଷୟକ୍ଷତି ସମସ୍ତଙ୍କୁ ଦୋହଲାଇ ଦେଇଛି। ଚଳିତ ଗୋଟିଏ ବର୍ଷରେ ଉଭୟ ମରୁଡ଼ି, ବନ୍ୟା, ବାତ୍ୟାକୁ ସାମନା କରିବାକୁ ପଡ଼ିଛି। ଶୀତ ନ ଛାଡ଼ୁଣୁ ଘୋଟି ଆସିଛି ଟାଇଁଟାଇଁ ଖରା। ଶ୍ରାବଣରେ ଚାଷଜମି ଫାଟି ଆଁ କରୁଛି ତ ଆଶ୍ୱିନରେ ଘନଘୋର ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଉଜୁଡ଼ି ଯାଇଛି ଏକର ଏକର ଫସଲ। ବାୟୁମଣ୍ଡଳ କଥା ନ କହିବା ଭଲ। ଦେଶର ରାଜଧାନୀଠାରୁ ରାଜ୍ୟ ରାଜଧାନୀ ଓ ଅନେକ ଛୋଟବଡ଼ ସହରରେ ବାୟୁ ପାଲଟିଛି ବିଷ। ଏତଦ୍‌ବ୍ୟତୀତ ବଜ୍ରାଘାତ, ସାପକାମୁଡ଼ା, ବନ୍ୟଜନ୍ତୁ ଆକ୍ରମଣ, ଅଗ୍ନିକାଣ୍ଡ, ଦୁର୍ଘଟଣା ଅନେକ ଧନଜୀବନକୁ ନଷ୍ଟ କରି ଦେଇଛି।

୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଉଭୟ ଦେଶର ସମ୍ପର୍କ ଚାପଗ୍ରସ୍ତ ହେବା ପ୍ରମୁଖ ଘଟଣା ହୋଇ ରହିବ। ଭାରତରୁ ବିଦେଶୀ ନିବେଶକଙ୍କ ପାଣ୍ଠି ପ୍ରତ୍ୟାହାର ଦୃଷ୍ଟିରୁ ୨୦୨୫ ଏକ ଖରାପ ବର୍ଷ ସାବ୍ୟସ୍ତ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା, ଭୂରାଜନୈତିକ ସଙ୍କଟ, ବାଣିଜ୍ୟ ସମସ୍ୟା, ଆମେରିକୀୟ ଶୁଳ୍କ ବୃଦ୍ଧି ଭଳି ବିଭିନ୍ନ କାରଣ ପାଇଁ ଏହି ବର୍ଷ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିବା ଆଗରୁ କେବେ ଘଟି ନ ଥିଲା।

ଏପ୍ରିଲ ୨୨ରେ ପହଲଗାମ ଠାରେ ଆତଙ୍କବାଦୀମାନେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା ଘଟଣା ମାନବ ସମାଜ ପାଇଁ ଏକ କଳଙ୍କିତ ଫର୍ଦ୍ଦ ହୋଇ ରହିଯିବ। ପରବର୍ତ୍ତୀ ସମୟରେ ଏହାର ଜବାବରେ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ଦେଖାଇଥିବା ପରାକ୍ରମ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏୟାର ଇଣ୍ଡିଆର ବିମାନ ଅହମ୍ମଦାବାଦରୁ ଲଣ୍ଡନକୁ ଉଡ଼ାଣ ଭରିବାର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଏକ ମେଡିକାଲ କଲେଜର ହଷ୍ଟେଲ କୋଠା ଉପରେ ପଡ଼ିଯିବାରୁ ପ୍ରାୟ ୨୬୦ ଜଣଙ୍କ ମୃତ୍ୟୁ ଘଟିବା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ପଡ଼ିଆ ଭିତରେ ଅନେକ ନୂଆ ପୁଲକ ଆଣିଥିବା ୨୦୨୫ ଅନେକ କ୍ଷେତ୍ରରେ ଦେଶକୁ ଋଦ୍ଧିମନ୍ତ କରିଥିବା ବେଳେ ଆରସିବିର ଆଇପିଏଲ ବିଜୟ ଉତ୍ସବରେ ହୃଦୟ ବିଦାରକ ଦଳାଚକଟା କ୍ରୀଡ଼ାଜଗତକୁ ଅନେକ ଦିନ ଯାଏଁ ବ୍ୟଥିତ କରି ରଖିବ।

ଆମ ରାଜ୍ୟରେ ମଧ୍ୟ ଏମିତି କିଛି ଅଘଟଣ ୨୦୨୫କୁ ସରଗରମ କରିଥିଲା। ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହ 'ଫେଭର୍' ମାଗୁଥିବା ଅଭିଯୋଗରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ ଆତ୍ମଦାହ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ଏହି ସମ୍ବେଦନଶୀଳ ଘଟଣା ପରେପରେ ବଲଙ୍ଗା ନାବାଳିକା ଆତ୍ମାହୁତି ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ଜାତୀୟସ୍ତରରେ ଆମ ରାଜ୍ୟକୁ ଅଡୁଆ ସ୍ଥିତିରେ ପକାଇ ଥିଲା। ସେହିଭଳି ଆମେରିକା ତରଫରୁ ମହିଳାଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ଦର୍ଶାଇ ସେଠାକୁ ଯିବାକୁ କଟକଣା କରାଯିବା ଏକ କଳଙ୍କିତ ଅଧ୍ୟାୟ ବୋଲି କୁହାଯିବ। ନିଯୁକ୍ତି କ୍ଷେତ୍ରରେ ଚଳିତ ବର୍ଷ ବଡ଼ବଡ଼ ବିଭ୍ରାଟ ମୁଣ୍ଡ ଟେକିଥିଲା। ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ଆଗକୁ ବଢ଼ୁଥିବା ଛାତ୍ରଛାତ୍ରୀ ଏବର୍ଷ ପରୀକ୍ଷାର ପ୍ରହେଳିକା ମଧ୍ୟରେ ସ୍ଥଳକୂଳ ବିହୀନ ହୋଇ ପଡ଼ିଥିଲେ, ଯାହା ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇ ଅହେତୁକ ହତାଶା ଭିତରକୁ ଠେଲି ଦେଇଥିଲା। ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀଠାରୁ ଆରମ୍ଭ କରି ଆରଆଇ, ଅମିନ ପରୀକ୍ଷା ବିଭ୍ରାଟ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ, ଏଏନଏମ ପ୍ରଶ୍ନପତ୍ର ଭାଇରାଲ୍ ଭଳି ଏକାଧିକ ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଥିଲା। ଗୋଟିଏ ପଟେ ବେକାରୀଙ୍କ ସଂଖ୍ୟା ବଢ଼ୁଥିବା ବେଳେ ନିଯୁକ୍ତିକୁ ନେଇ ଏଭଳି ବ୍ୟାପକ ଅନିୟମିତତା ଉଭୟ ନିଯୁକ୍ତି ଆଶାୟୀ ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ଆମ ରାଜ୍ୟର ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ଚାକିରି ପାଇବାକୁ ହଜାରହଜାର ସଂଖ୍ୟାରେ ଉଚ୍ଚଶିକ୍ଷିତଙ୍କ ଆବେଦନ ବେକାରୀ ସମସ୍ୟାର ଉତ୍କଟ ରୂପକୁ ଦର୍ଶାଇଛି।

ବିଶ୍ୱସ୍ତରରେ ପ୍ରଯୁକ୍ତି ଦୁନିଆରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ୨୦୨୫ ବର୍ଷ ଖରାପ ସମୟ ଆଣିଥିଲା। ବିଶ୍ୱର ଭିନ୍ନଭିନ୍ନ ୨୧୮ ଟି କମ୍ପାନୀରେ କାମ କରୁଥିବା ପ୍ରାୟ ୧ ଲକ୍ଷରୁ ଅଧିକ କର୍ମଚାରୀ ଜୀବିକା ହରାଇଥିଲେ। ଏତତବ୍ୟତୀତ ହତ୍ୟା, ଆତ୍ମହତ୍ୟା ଓ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଭଳି ହୃଦୟ ବିଦାରକ ଅଘଟଣର ହିସାବ ନଥିଲା। ପୁରୁଣା ବର୍ଷରେ ଏମିତି ଅନେକ ଘଟଣା ଘଟିଛି ଯାହା ଘଟୁ ବୋଲି ଆମେ କେହି କେବେ ଚାହୁଁ ନଥିଲୁ। ସେସବୁ ଘଟଣା ପାଇଁ ଆମେ କେବେ ପୁରୁଣା ବର୍ଷକୁ ଭୁଲି ପାରିବୁ ନାହିଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ପାଞ୍ଚପା ମଠ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଖଣ୍ଡପଡ଼ା ଗାଆଁରେ ଗୋଟିଏ ଅନାଥ ପିଲା ଥିଲା। ପିଲାଟି ସ୍ୱଭାବରେ ସରଳ, ନିଷ୍କପଟ ଓ କର୍ମଠ ଥିଲା। କିନ୍ତୁ ଖାଇବାରେ ପେଟୁ ଥିଲା। ଗାଆଁର ପ୍ରଧାନଙ୍କ ଅନୁରୋଧରେ ଜଣେ ଗୁମାସ୍ତା ପିଲାଟାକୁ ନେଇ ଏକ ମଠରେ ରଖିବାର ବ୍ୟବସ୍ଥା କଲେ। କି କାମ ପରିପାରିବ ଏବଂ ସେ ବାବଦରେ ପାଉଣ କ'ଣ ନେବ ବୋଲି ମହନ୍ତ ପଚାରନ୍ତେ ପିଲାଟି କହିଲା, 'ଦୁଇ ଓଳି ପାଞ୍ଚପା ଲେଖାଏଁ ଚାଉଳର ଭାତ ଖାଇବା ଛଡ଼ା ଆଉ କିଛି ପାଉଣା ନେବ ନାହିଁ।' ପାଞ୍ଚପା ଚାଉଳ ଆଜିର ୬୨୫ ଗ୍ରାମ ସଂଗେ ସମାନ। ମହନ୍ତ ଭାବିଲେ ମଠରେ ଖାଇବାକୁ କୋଉ ଅଭାବ ଅଛି ଯେ ଚିନ୍ତା ପଡ଼ିଛି। ମହନ୍ତଙ୍କ ଅନୁମତିକ୍ରମେ ସେ ସେଠାରେ ରହି ମଠର ସବୁକାମ କଲା। ମଠର ଅନ୍ତେବାସୀମାନେ ତାକୁ ସ୍ନେହରେ 'ପାଞ୍ଚପା' ବୋଲି ଡାକିଲେ।

ଦିନେ ଏକାଦଶୀ ପଡ଼ିଲା। ମହନ୍ତ ମହାରାଜ ପିଲାକୁ ପଚାରିଲେ, 'ଆଜି ମଠରେ ରୋଷେଇ ହବ ନାହିଁ। ଫଳମୂଳ ଖାଇ ଚଳେଇ ଦେବୁ?' କିନ୍ତୁ 'ପାଞ୍ଚପା' ରାଜି ହେଲା ନାହିଁ। ତେଣୁ ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ମଠରୁ ପାଞ୍ଚପା ଚାଉଳ ଓ ପରିବା ନେଇ ମଠ ବାହାର ତୋଟାରେ ରାନ୍ଧି ଖାଇବାକୁ ସେ ବାହାରିଲା। ତୋଟାକୁ ଯିବା ବେଳେ ତାକୁ ପଛରୁ ଡାକି ମହନ୍ତ କହିଲେ, 'ଆମେ ଯାହା ସବୁ ଖାଉଛେ ସେ ସବୁର ମାଲିକ ହେଲେ ଜଗନ୍ନାଥ। ଖାଇବା ପୂର୍ବରୁ ତାଙ୍କୁ ସମର୍ପଣ କରି ଖାଇବୁ।' 'ପାଞ୍ଚପା' ତୋଟାରେ ରୋଷେଇ ସାରି ଖାଇବା ଆଗରୁ ମହନ୍ତଙ୍କ କଥା ମନେପଡ଼ିଲା। ସେ ବଡ଼ ପାଟିରେ ଡାକିଲା, 'ଆରେ ହେ! ଜଗନ୍ନାଥ ବୋଲି କିଏ କୋଉଠି ଅଛ? ତୁମକୁ ଭାତ ସମର୍ପଣ କଲେ ଖାଇବି ବୋଲି ମହନ୍ତ କହିଛନ୍ତି। ଜଲ୍‌ଦି ଆସ। ଭୋକରେ ପେଟ ଜଳିଲାଣି।' ତା'ର ସରଳ ନିଷ୍କପଟ ସ୍ୱଭାବରେ ମୁଗ୍ଧ ହୋଇ ମହାପ୍ରଭୁ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭାବ ହୋଇଗଲେ। ମନ୍ଦ ମନ୍ଦ ହସି ମହାପ୍ରଭୁ କହିଲେ, 'ଚଞ୍ଚଳ ଦୁଇଟା ପତ୍ରରେ ବାଢ଼, ଖାଇ ଦେବା।' ତହୁଁ 'ପାଞ୍ଚପା' କହିଲା, 'ତମେ ଖାଇବ ନା କ'ଣ? ମହନ୍ତ ତ କହିଥିଲେ ସମର୍ପଣ କରି ତୁ ଖାଇବୁ। ତମେ ଖାଇବା କଥା ଜାଣିଥିଲେ, ଅଧିକା ଚାଉଳ ଆଣିଥା'ନ୍ତି। ହଉ ତମେ ଆଜି ଅଳପ ଖାଅ, ଆର ଏକାଦଶୀକୁ ତମ ପାଇଁ ଆଉ ପାଞ୍ଚପା ଚାଉଳ ଆଣିବି। ସେ ଦିନ ପେଟ ପୂରା ଖାଇବ।' ମହାପ୍ରଭୁ ହସହସ ମୁହଁରେ ତା' ରନ୍ଧା ଭାତ ଖାଇ ଚାଲିଗଲେ।

ପନ୍ଦର ଦିନ ପରେ ପୁଣି ଏକାଦଶୀ ପଡ଼ିଲା। ସେ ଦିନ ସକାଳେ 'ପାଞ୍ଚପା' ମହନ୍ତଙ୍କୁ ଆଉ ପାଞ୍ଚପା ଚାଉଳ ମାଗି ତୋଟାକୁ ରାନ୍ଧିବାକୁ ଗଲା। ରାନ୍ଧିସାରି ଡାକିଲା, 'ହଇହୋ' ଏ ଜଗନ୍ନାଥ। ଆସ। ଆଜି ତମ ପାଇଁ ବି ପାଞ୍ଚପା ଚାଉଳ ପକେଇଛି। ଜଲଦି ଆସ।' 'ପାଞ୍ଚପା'ର ଡାକ ଶୁଣି ମହାପ୍ରଭୁ ଆସିବାକୁ ବାହାରିବା ବେଳକୁ ମାଆ ଲକ୍ଷ୍ମୀ ପଚାରିବାରୁ ମହାପ୍ରଭୁ ତାଙ୍କର ଅଦ୍ଭୁତ ଭକ୍ତ ବିଷୟରେ କହିଲେ। ଏଥର ମାଆ ଲକ୍ଷ୍ମୀ ମଧ୍ୟ ମହାପ୍ରଭୁଙ୍କ ସାଙ୍ଗରେ ଆସି ତୋଟାରେ ପହଞ୍ଚିଲେ। ସେମାନଙ୍କୁ ଦେଖି ପାଞ୍ଚପା କହିଲା, 'ଗଲା ଥର ତମେ ଆସିଥିଲ ବୋଲି ତମ ପାଇଁ ଆଉ ପାଞ୍ଚପା ଚାଉଳ ମାଗି ଆଣିଥିଲି। ମାଗଣା ମିଳୁଛି ବୋଲି ଆଜି ଜଣେ ମାଇପି ଲୋକକୁ ଧରି ଆଣିଛ। ମୋ ପାଞ୍ଚପା ମୁଁ ଖାଇବି। ବାକି ଯାହା ରହିଲା, ତମେ ଦି ଜଣ ଖାଅ।' ସେ ତିନିଖଣ୍ଡ ପତ୍ର ପକେଇ ଯାହା ରାନ୍ଧିଥିଲା ସେଥିରୁ ଅଧା ନିଜେ ନେଲା ଓ ବାକି ଅଧା ସେମାନଙ୍କ ପତ୍ରରେ ବାଢ଼ି ଦେଲା। ଜଗନ୍ନାଥ ଓ ଲକ୍ଷ୍ମୀ ମହାଆନନ୍ଦରେ ପାଞ୍ଚପା ରାନ୍ଧଣା ଖାଇ ଚାଲିଗଲେ।

ତୃତୀୟ ଏକାଦଶୀ ଦିନ ପାଞ୍ଚପା ମହନ୍ତଙ୍କୁ କହିଲା, 'ମହାରାଜ! ସେଇ ଯୋଉ ଜଗନ୍ନାଥ ଗଲାଥର ତା' ଭାରିଯା ହବ କି କ'ଣ, ଗୋଟେ ମାଇପିକୁ ନେଇକି ଆସିଥିଲା। ମୋ ପାଞ୍ଚପା ମୁଁ ଖାଇଲି, ବାକି ପାଞ୍ଚପା ସେମାନଙ୍କୁ ବାଣ୍ଟି ଦେଲି। ସେଥିରେ ତାଙ୍କ ପେଟ ପୂରି ନ ଥିବ। ଆଜି ଆଉ ପାଞ୍ଚପା ଚାଉଳ ଅଧିକା ଦିଅନ୍ତୁ।' ଏ କଥା ଶୁଣି ମହନ୍ତଙ୍କ ମନରେ କୌତୁହଳ ଜାତ ହେଲା। ପିଲାଟା ଚାଉଳ ନେଇ ରୋଷେଇ କରୁଛି, ତା' ଠୁ ଖାଉଛି କିଏ? ଏହି ରହସ୍ୟ ଜାଣିବା ପାଇଁ ସେ ଗୋଟେ ଗଛ ପଛପଟେ ଲୁଚି ରହିଲେ। ସେ ଦିନ ମାଆ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ସହିତ ବଡ଼ଠାକୁର ମଧ୍ୟ ତୋଟାରେ ଆସି ପହଞ୍ଚିଲେ। ସେମାନଙ୍କୁ ଦେଖି 'ପାଞ୍ଚପା' କହିଲା, 'ପ୍ରଥମେ ଏକା ଆସିଲ, ତା' ପରେ ଗୋଟେ ମାଇପି ଲୋକକୁ ନେଇକି ଆସିଲ, ଆଜି ଜଣେ ଭାଇ ବତାସିଆକୁ ଆଣି ଆସିଛ। ମୋ ଭାଗ ପାଞ୍ଚପାରୁ ଗୋଟେ ଦାନା କମ ହବନି। ବାକତକ ତମ ତିନି ଜଣକୁ ବାଣ୍ଟି ଦେବି। ଯେତିକି ହେଲା ସେତିକି।' ପାଞ୍ଚପା ପ୍ରଥମେ ନିଜ ଖାଇବା ବାଢ଼ି ନେଇ ବାକି ଭାତକୁ ତିନି ପତ୍ରରେ ବାଢ଼ି ଦେଲା। ତିନି ଠାକୁର 'ପାଞ୍ଚପା' ହାତ ରନ୍ଧା ଖାଇ ଚାଲି ଗଲେ।

ମଠର ମହନ୍ତ ଗଛ ଆଢୁଆଳରୁ ବାହାରି 'ପାଞ୍ଚପା'ର ଗୋଡ଼ ତଳେ ପଡ଼ିଗଲେ। କହିଲେ, 'ପାଞ୍ଚପା! ଯେଉଁ ମହାପ୍ରଭୁମାନଙ୍କ ଦର୍ଶନ ଦେବତାମାନଙ୍କ ପାଇଁ ଦୁର୍ଲଭ, ଯାହାର ଦର୍ଶନ ପାଇଁ ମୁନିଋଷିମାନେ ସାରା ଜୀବନ ସାଧନା କରି ମଧ୍ୟ ପାଆନ୍ତି ନାହିଁ, ସେ ଆଜି ତୋତେ ପ୍ରତ୍ୟକ୍ଷ ଦର୍ଶନ ଦେଇଛନ୍ତି ଏବଂ ତୋ ହାତରନ୍ଧା ପ୍ରସାଦ ଭୋଜନ କରିଛନ୍ତି। ତୁ ଧନ୍ୟ, ତୋର ପିତାମାତା ଧନ୍ୟ। ତୋ ଯୋଗୁଁ ମୁଁ ମହାପ୍ରଭୁମାନଙ୍କର ପ୍ରତ୍ୟକ୍ଷ ଦର୍ଶନ ପାଇ ନିଜକୁ ଧନ୍ୟ ମନେ କରୁଛି। ଆଜିଠାରୁ ତୋ ନାମାନୁସାରେ ଆମ ମଠ 'ପାଞ୍ଚପା ମଠ' ନାମରେ ଜଣାଯିବ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଅଫିସ୍‌ରେ ଆପ୍ ନେତାଙ୍କୁ ନିସ୍ତୁକ ମାଡ଼



ଭୁବନେଶ୍ୱର,୩୦।୧୨(ସମିସ): ଧାନ ଚାଷୀଙ୍କ ଦୁର୍ଦ୍ଦଶା ଜଣାଇବାକୁ ଯାଇଥିବା ଆପ୍ ନେତାଙ୍କୁ ବିଜେପି ବିଧାୟକଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣ କରାଯାଇଛି । ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ର ଧାନ ଚାଷୀଙ୍କ ପ୍ରତି ମିଲର ମାଲିକମାନଙ୍କର ଅହେତୁକ ଶୋଷଣ, ଚାଷୀଙ୍କୁ ଧାନ ବିକ୍ରି ନିମନ୍ତେ ଦୀର୍ଘ ଦିନ ଧରି ଟୋକନ୍ ନ ମିଳିବା ଏବଂ କଟନି ଛଟନି ଭଳି ପ୍ରମୁଖ ସମସ୍ୟା ଜଣାଇବା ନିମନ୍ତେ ଯାଇଥିବା ଆମ୍ ଆଦମୀ ପାର୍ଟିର ବରଗଡ଼ ଜିଲ୍ଲା ଯୁବ ସଭାପତି ଶାହରୁଖ ଲୋଧିଆଙ୍କ ଏହି ଆକ୍ରମଣ କରାଯାଇଛି ବୋଲି ଆପ୍ ଅଭିଯୋଗ କରିବା ସହ ସରକାରଙ୍କ ଉପରେ ଦଳ ବର୍ଷିଛି । ଦଳ କହିଛି ଯେ, ଉଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟକୁ ସେ ଅଭିଯୋଗ ପାଇଁ ଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଶୁଣିବା ପରିବର୍ତ୍ତେ ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକମାନେ ଶ୍ରୀ ଲୋଧିଆଙ୍କୁ ଧମକ ଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳତଃ ଆପ୍ ନେତା ଶାହରୁଖଙ୍କର ଶରୀରର ବିଭିନ୍ନ ଅଙ୍ଗ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା । ମରଣାନ୍ତକ ଆକ୍ରମଣ କରିଥିବା ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଲୋଧିଆଙ୍କୁ ପୁଲିସ ଗିରଫ କରି ସଙ୍ଗୀନ ଦଫା ଲଗାଇଛି ବୋଲି ଆପ୍ କହିଛି । ଏଭଳି ସଙ୍ଗୀନ ଅପରାଧରେ ଲିପ୍ତ ଥିବା ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କର ସହଯୋଗୀମାନଙ୍କୁ କ୍ଲିନ୍ ଚିଟ୍ ଦେଇ ଚାଷୀଙ୍କ ସ୍ୱରକୁ ଉତ୍ଥାପନ କରିବାକୁ ଯାଇଥିବା ଯୁବ ନେତା ଶାହରୁଖଙ୍କ ପ୍ରତି ପୁଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସାରା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଶ୍ରୀ ଲୋଧିଆଙ୍କୁ ତୁରନ୍ତ ଖଲାସ କରିବାକୁ ଆମ୍ ଆଦମୀ ପାର୍ଟି ତରଫରୁ ଦାବି କରାଯିବା ସହ ବିଜେପି ସରକାରର ଏଭଳି ଗୁଣ୍ଡା ଓ ଅସାମାଜିକ ତତ୍ତ୍ୱଙ୍କୁ ପ୍ରୋତ୍ସାହନ ଦେବା ନୀତିକୁ ଦଳ ନିନ୍ଦା କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ସଭାପତି ରୁଚିର ରୁଦ୍ର ରଥ, ରାଜ୍ୟ ଯୁବ ଉପସଭାପତି ସାଇ ଗୋପୀନାଥ ପଣ୍ଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରାକେଶ କୁମାର ରାଉତ ଏବଂ ସୁପ୍ରାଜ ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଏସ୍‌ଡି ଓ ସ୍ମାର୍ଟ ମିଟର ନିଷ୍ପତ୍ତି ବିରୋଧରେ ଜନସ୍ୱାର୍ଥ ମାମଲା

କଟକ,୩୦।୧୨(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଉଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସାମାଜିକ ସଂଗଠନ ଭଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ଦାୟର ଏହି ପିଟିସନରେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନ ବିରୋଧୀ ବୋଲି ଦର୍ଶାଯାଇଛି । ପିଟିସନରେ ଉଲ୍ଲେଖ କରାଯାଇଛି ଯେ ଓଇଆରସି ନିଜେ ସ୍ୱୀକାର କରିଛନ୍ତି ଯେ ଟାଟା ପାୱାର ୨୦୧୮ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛନ୍ତି । ଯେତେବେଳେ ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନାହିଁ, ସେତେବେଳେ ଗ୍ରାହକଙ୍କ ଉପରେ ଏହି ଅତିରିକ୍ତ ବୋଝ ଲଦିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠାଯାଇଛି । ଏହି ମାମଲାରେ ରାଜ୍ୟରେ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ମଧ୍ୟ ବିରୋଧ କରାଯାଇଛି । ଆବେଦନକାରୀମାନେ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଯେ ବେଆଇନ ଭାବେ ଜାରି ହୋଇଥିବା ସମସ୍ତ ଏଡିଏସ ନୋଟିସକୁ ତୁରନ୍ତ ରଦ୍ଦ କରାଯାଉ, ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ବ୍ୟାପକ ଜନସଚେତନତା ଓ ଆଇନଗତ ପ୍ରକ୍ରିୟା ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉ, ଏଡିଏସ ପୈଠ ନ କଲେ ବିଦ୍ୟୁତ୍ କାଟ କରିବା ଭଳି କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଯାଉ । ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## ଅଧ୍ୟାପିକାଙ୍କୁ ନିର୍ଯାତନା; ପ୍ରାଧ୍ୟାପକ ନିଲମ୍ବିତ

ବାରିପଦା,୩୦।୧୨(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ/ଅତିଥି ଅଧ୍ୟାପିକା ନିର୍ଯାତନା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇଣ୍ଟରନାଲ କଂପ୍ଲେନ କମିଟି (ଆଇସିସି) ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ହୀରାଲାଲ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଏଥିସହ ତାଙ୍କଠାରୁ ସମସ୍ତ ଦାୟିତ୍ୱକୁ ଅପସାରଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ପ୍ରମୋଦ କୁମାର ଶତପଥି ପ୍ରକାଶ କରିଛନ୍ତି । ତେବେ ଅନ୍ୟଏକ ଘଟଣାରେ ଅନ୍ୟ ୩ ଛାତ୍ରୀଙ୍କୁ ନିର୍ଯାତନାକୁ ନେଇ ଓଡ଼ିଆ ବିଭାଗ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ କମିଟିରେ ବିଚାରାଧୀନ ଥିବାବେଳେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି ।

ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଜଣେ ପିଜି ଛାତ୍ରୀ ତଥା ଅତିଥି ଅଧ୍ୟାପିକାଙ୍କୁ ନିର୍ଯାତନା ଦେବା ନେଇ ଡ. ଦାଶଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଆଇସିସି କମିଟି ପକ୍ଷରୁ ଅଭିଯୋଗର ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ତାଙ୍କ ବିରୋଧରେ କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ସମସ୍ତ ଦାୟିତ୍ୱକୁ ଅବ୍ୟାହତି ଦିଆଯାଇଥିଲା । ନୋଟିସର ଉତ୍ତର ୧୦ଦିନ ମଧ୍ୟରେ ଦେବାକୁ ଥିବାବେଳେ ୨୯ ତାରିଖ ଅବଧି ଶେଷ ହୋଇଥିଲା । ପ୍ରାଧ୍ୟାପକ ଜଣଙ୍କ କମିଟି ନିକଟରେ ହାଜର ହୋଇ ନୋଟିସର ଉତ୍ତର ଦେବା ପରେ କମିଟିର ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୁଳାଧିପତିଙ୍କୁ ଅବଗତ କରାଯାଇଛି । ଅପରପକ୍ଷରେ ଓଡ଼ିଆ ବିଭାଗର ୩ ପିଜି ଛାତ୍ରୀଙ୍କ ଅଭିଯୋଗକୁ ନେଇ ଆଇସିସି ପକ୍ଷରୁ ତଦନ୍ତ ଜାରି ରହିଛି ।

## ସିବିଏସ୍‌ଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୩୦/୧୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଦଶମ ଶ୍ରେଣୀ ପରୀକ୍ଷା ମଧ୍ୟରୁ କେବଳ ମାର୍ଚ୍ଚ ୩ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରି ମାର୍ଚ୍ଚ ୧୧ ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ୩ ତାରିଖରେ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ହେବ । ପ୍ରଶାସନିକ କାରଣରୁ ଏହି ପରିବର୍ତ୍ତନ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଆସନ୍ତା ଫେବୃୟାରୀ ୧୭ ତାରିଖରୁ ପରୀକ୍ଷା ଆରମ୍ଭ ହେବ । ସଂଶୋଧିତ ତାରିଖକୁ ପରିବର୍ତ୍ତନ କରି ଖୁବ ଶିଘ୍ର ନୂଆ ଆଡମିଟ କାର୍ଡରେ ଉଲ୍ଲେଖ ରହିବ ବୋଲି ସିବିଏସଇ ପକ୍ଷରୁ କୁହାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀ କ୍ଷତିଗ୍ରସ୍ତ...

ଅଞ୍ଚଳରୁ ଭାରତକୁ ପ୍ରବାହିତ ହେଉଥିବା ଶୁଷ୍କ ସ୍ଥଳଭାଗ ବାୟୁ ଆଗରେ ଆରାବଳୀ ପର୍ବତମାଳା ଏକ ପ୍ରାଚୀର ସଦୃଶ ଠିଆ ହୋଇ ଏହି ବାୟୁକୁ ପ୍ରତି ମୁହୂର୍ତ୍ତରେ ଭାରତ ପ୍ରବେଶକୁ ବାଧା ଦେଉଛି । ଫଳସ୍ୱରୂପ ଭାରତରେ ମୌସୁମୀ, ଗ୍ରୀଷ୍ମ ପ୍ରବାହ ଏବଂ ଶୀତ ଲହରୀ ପ୍ରଭୃତି ପାଣିପାଗ ପ୍ରକ୍ରିୟାରେ ଏହି ବାୟୁର ବିଶେଷ ନକରାତ୍ମକ ପ୍ରଭାବ ପଡ଼ିପାରୁ ନାହିଁ । ବିଶେଷଜ୍ଞଙ୍କ ମତରେ ଭାରତରେ ସାଧାରଣତଃ ମୌସୁମୀ ନିମ୍ନଚାପ ରେଖା ରାଜସ୍ଥାନର ଗଙ୍ଗାନଗରରୁ ବାହାରି ବଙ୍ଗୋପସାଗର ପର୍ଯ୍ୟନ୍ତ ପଡ଼ିଥାଏ । ଏହା ତେର୍ଚ୍ଛା ହୋଇ ପଡ଼ି ରହିବା କାରଣରୁ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥାଏ । ମାତ୍ର ଆରାବଳୀ ପର୍ବତମାଳା ହଟିଗଲେ ବିଭିନ୍ନ ବାୟୁର ଦିଗ ପରିବର୍ତ୍ତନ ହେତୁ ଏହି ମୌସୁମୀ ନିମ୍ନଚାପରେଖା ସିଧା ହୋଇଯିବ । ଏହାଦ୍ୱାରା ଓଡ଼ିଶା ସମେତ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ବଢ଼ିବ । ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ପ୍ରଥମେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟରେ ବର୍ଷା କରାଇ ଧୀରେ ଧୀରେ ଏହି ନିମ୍ନଚାପ ରେଖା ଦେଇ କେନ୍ଦ୍ରୀୟ ଭାରତ ଓ ପଶ୍ଚିମ ଭାରତକୁ ଅଗ୍ରସର ହୋଇଥାଏ ଓ ସେଠାରେ ବର୍ଷା କରାଏ । ମାତ୍ର ଆରାବଳୀ ନ ରହିଲେ ଅପରପଟୁ ପ୍ରଚୁର ମାତ୍ରାରେ ଶୁଷ୍କ ବାୟୁ ପ୍ରବାହ ବଢ଼ିବା ଯୋଗୁଁ ଲଘୁଚାପଗୁଡ଼ିକ ଆଗକୁ ବଢ଼ିବାକୁ ଶକ୍ତି ପାଇବେ ନାହିଁ । ଏହାଫଳରେ ବର୍ଷାର ପ୍ରଭାବ ଓଡ଼ିଶା ଛତିଶଗଡ଼ ଓ ଅତିବେଶୀରେ ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ରହିବ । ଓଡ଼ିଶା ଦେଇ ବହିଥିବା ପ୍ରମୁଖ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ । ଏହାସହିତ ବଙ୍ଗୋପସାଗର ଆଡ଼କୁ ପ୍ରଚୁର ଶୁଷ୍କ ବାୟୁ ପ୍ରବାହ ପରେ ବଙ୍ଗୋପସାଗରୀୟ ଆର୍ଦ୍ର ବାୟୁ ସଂସ୍ପର୍ଶରେ ଆସିବା ଫଳରେ ବଜ୍ରପାତର ତୀବ୍ରତା ମଧ୍ୟ ବୃଦ୍ଧି ପାଇବ । ଏହା ଶକ୍ତିଶାଳୀ ବଜ୍ରପାତ କରାଇବାରେ ମଧ୍ୟ ସହାୟକ ହେବ ।

ମୌସୁମୀ ଭଳି ଗ୍ରୀଷ୍ମ କାଳରେ ମଧ୍ୟରେ ଓଡ଼ିଶା ଉପରେ ଅନେକ ପ୍ରଭାବ ପଡ଼ିବ । କାରଣ ଆରାବଳୀ ପର୍ବତଶ୍ରେଣୀ ଗରମ ମହାଦେଶୀୟ ବାୟୁକୁ ଭାରତର ପୂର୍ବ ଦିଗକୁ ବିସ୍ତାର ହେବାରୁ ଅନେକାଂଶରେ ରୋକିଥାଏ । ଏହାର ଅନୁପସ୍ଥିତି, ରାଜସ୍ଥାନର ଥର ମରୁଭୂମିରୁ ଆସୁଥିବା ଗରମ ବାୟୁ ଓଡ଼ିଶା ପର୍ଯ୍ୟନ୍ତ ପହଞ୍ଚିବ । ଫଳତଃ ଏଠାରେ ଅଧିକ ଏବଂ ଦୀର୍ଘକାଳୀନ ଗ୍ରୀଷ୍ମ ପ୍ରବାହ ଦେଖାଦେବ । ସାଧାରଣତଃ ଖରାଦିନେ ରାଜସ୍ଥାନ ଆଦି ଅଞ୍ଚଳରେ ୫୦-୫୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଯାଇଥାଏ । ଏହି ହାରରେ ଓଡ଼ିଶାରେ ୪୦-୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥାଏ । ପୂର୍ବରୁ ରହି ଆସୁଥିବା ଏହି ୧୦ ଡିଗ୍ରୀର ତାପମାତ୍ରା ଅନ୍ତର ହ୍ରାସ ହୋଇ ଓଡ଼ିଶାରେ ମଧ୍ୟ ତାପମାତ୍ରା ୫୦ ଡିଗ୍ରୀ ନିଟତର ହେବାର ଆଶଙ୍କାକୁ ଏଡ଼ାଯାଇ ନ ପାରେ ।

ଶୀତ ଋତୁରେ ମଧ୍ୟ ଓଡ଼ିଶାରେ କୁପ୍ରଭାବ ଦେଖାଦେଇପାରେ । ଭାରତରେ ସାଧାରଣତଃ କେନ୍ଦ୍ରୀୟ ଏସିଆ ଇରାନ ଆଫଗାନିସ୍ତାନ ଅଞ୍ଚଳରୁ ଆସୁଥିବା ଥଣ୍ଡା ବାୟୁ ଦ୍ୱାରା ଶୀତ ଲହରୀ ପଡ଼ିଥାଏ । ଆରାବଳୀ ପର୍ବତମାଳା ଏହି ବାୟୁ ପ୍ରବାହ ଉପରେ ଏକ ଆଂଶିକ ବାଧା ଭାବେ କାର୍ଯ୍ୟ କରି, ଉତ୍ତରପଶ୍ଚିମ ଭାରତରୁ ଆସୁଥିବା ଶୀତଳ ଏବଂ ଶୁଷ୍କ ବାୟୁକୁ ପୂର୍ବ ଦିଗକୁ ଅଗ୍ରସର ହେବାରେ ପ୍ରତିହତ ସୃଷ୍ଟି କରେ । ଫଳସ୍ୱରୂପ ଉତ୍ତରପଶ୍ଚିମ ଭାରତ ମୁଖ୍ୟତଃ ପଶ୍ଚିମ ହିମାଳୟ ପଞ୍ଜାବ, ରାଜସ୍ଥାନ ହରିୟାନ, ଦିଲ୍ଲୀ ପ୍ରଭୃତି ଅଞ୍ଚଳରେ ଶୀତ ଲହରୀ ପ୍ରଭାବ ଦେଖାଦେଉ ଥିବା ବେଳେ ଏହାର ତୀବ୍ରତା ଓଡ଼ିଶା ସମେତ ପୂର୍ବ ଓ ଦକ୍ଷିଣ ଭାରତରେ କିଛି ପରିମାଣରେ କମିଯାଏ । କିନ୍ତୁ ଆରାବଳୀ ପର୍ବତମାଳାର ଅନୁପସ୍ଥିତି ଫଳରେ ଶୀତ ଲହରୀର ପ୍ରଭାବ ଆହୁରି ଅଧିକ ରହିବା ସହ ଅଧିକ ଦିନ ଶୀତ ଅନୁଭୂତ ହୋଇପାରେ ।

### ବାଂଲାଦେଶରେ ଆଉ ଜଣେ ...

କାରଣ ଜଣାପଡ଼ିନାହିଁ । ଗତ ଦୁଇ ସପ୍ତାହ ମଧ୍ୟରେ ଏହାକୁ ମିଶାଇ ହିନ୍ଦୁ ସଂପ୍ରଦାୟର ତିନି ଜଣଙ୍କୁ ହତ୍ୟା କରାଗଲାଣି । ଗତ ୧୮ ତାରିଖରେ ଦୀପୁ ଦାସ ନାମକ ଜଣେ ଯୁବକଙ୍କୁ କେତେକ ଲୋକ ପିଟିପିଟି ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ । ଏହାକୁ ନେଇ ଦେଶ ଭିତରେ ଓ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାର କିଛି ଦିନ ପରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ମଧ୍ୟ ପିଟିପିଟି ହତ୍ୟା କରାଯାଇଥିଲା । ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଭାରତଏହି ଘଟଣା ନେଇ ପ୍ରତିବାଦ ଜଣାଇଥିଲା । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଲାଗି ଭାରତ ସରକାର ପରାମର୍ଶ ଦେଇଥିଲା । ତଥାପି ଗତକାଲି ପୁଣି କିଛି ହିନ୍ଦୁ ସଂପ୍ରଦାୟର ଲୋକଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା ।

ଏହିସବୁ ଘଟଣା ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଛି । ବାଂଲାଦେଶରେ ହିଂସା ନେଇ ଭାରତ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବାଂଲାଦେଶ ସରକାର ଓଲଟା ଭାରତ ବିରୋଧରେ ଅଭିଯୋଗ କରୁଛି । ଢାକାରେ ଭାରତର ହାଇକମିସନ ଅଫିସ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବିଭିନ୍ନ ଚରମପନ୍ଥୀ ସଂଗଠନ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣର ବିରୋଧ କରି ଦିଲ୍ଲୀରେ ମଧ୍ୟ ବାଂଲା ହାଇକମିସନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବିଭିନ୍ନ ସଂଗଠନ । ଏଥିପାଇଁ ଉଭୟ ଭାରତ ଓ ବାଂଲାଦେଶ ପରସ୍ପର ଦେଶର ହାଇ କମିସନରଙ୍କୁ ସମନ୍ କରି ନିଜ ନିଜର ଉଦବେଗ ଜଣାଇଛନ୍ତି । ଏଭଳି ପରିସ୍ଥିତି ମଧ୍ୟରେ ବାଂଲାଦେଶ ସରକାର ନୂଆଦିଲ୍ଲୀ ସ୍ଥିତ ଏହାର ହାଇକମିସନରଙ୍କୁ ଗତକାଲି ଡାକିନେଇଛି । ଦୁଇ ଦେଶ ମଧ୍ୟରେ ବିଗୁଡୁଥିବା ସଂପର୍କ ନେଇ ବିଚାର ଆଲୋଚନା ପାଇଁ ବାଂଲାଦେଶ ଏହାର କମିସନର ରିଆଜ ହମିଦୁଲ୍ଲାଙ୍କୁ ଡାକିଥିବା ଜଣାପଡ଼ିଛି । ଡକରା ପାଇଁ ରିଆଜ ଗତକାଲି ସନ୍ଧ୍ୟାରେ ଢାକା ଯାଇଛନ୍ତି ।

### କଳି-କନ୍ଦଳ...

ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି । ଗତ ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପଛରେ ନିଜ ସାଙ୍ଗଠନିକ ଶକ୍ତି ଅପେକ୍ଷା ପ୍ରତିପକ୍ଷ ବିରୋଧରେ ଅସନ୍ତୋଷ ପ୍ରମୁଖ କାରଣ ଥିବା ଏବେ ବି ଦଳର ଶୀର୍ଷ ନେତୃତ୍ୱ ବିଶ୍ୱାସ କରନ୍ତି । ରାଜ୍ୟର ପ୍ରମୁଖ ନେତାମାନେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି । ତୃଣମୂଳସ୍ତରରେ ବିଜେପି ଏଯାଏ ପହଞ୍ଚି ପାରିନାହିଁ ଓ ସଙ୍ଗଠନ ମଧ୍ୟ ସେତେ ସୁଦୃଢ଼ ନାହିଁ । ଯାହା ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ । ଏହା ସହ ରାଜ୍ୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଜନିତ ରୋଷ ଶାସକ ଦଳକୁ ଅଡୁଆ ପରିସ୍ଥିତିରେ ପକାଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

ବିଜେପି ପରି ବିଜେଡି ପାଇଁ ମଧ୍ୟ ୨୦୨୬ ଆହ୍ୱାନର ବର୍ଷ ହେବ । ୨୦୨୪ ସାଧାରଣ ନିର୍ବାଚନ ଓ ୨୦୨୫ ନୂଆପଡ଼ା ପରାଜୟ ସତ୍ତ୍ୱେ ବିଜେଡି ସାରା ରାଜ୍ୟରେ ପ୍ରାଧାନ୍ୟ ରଖିଛି । ୨୦୨୫ରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସାମାନ୍ୟ ମନ୍ଥର ହୋଇଥିଲେ ବି ବର୍ଷ ଶେଷ ବେଳକୁ ପୁନର୍ବାର ଦଳ ସକ୍ରିୟ ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦଳର ମଙ୍ଗ ଧରିବା ସହ ଜିଲ୍ଲାସ୍ତରରେ କମିଟି ପୁନର୍ଗଠନ ଆରମ୍ଭ କରିଛନ୍ତି । ଜଣେ ବା ଦୁଇଜଣ ନେତାଙ୍କୁ ନେଇ ବିଜେଡି ଗଠିତ ନୁହେଁ ବୋଲି ଦଳର ସୁପ୍ରିମୋଙ୍କ ଇଙ୍ଗିତ ଅନେକ ଗୁରୁତ୍ୱ ବହନ କରୁଛି । ଦୁଇ ଛାମୁଆ ସଙ୍ଗଠନ ଯୁବ ଓ ଛାତ୍ର ବିଜେଡିର ପୁନର୍ଗଠନ ପରେ ଖୁବଶୀଘ୍ର ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ପରିବର୍ତ୍ତନ ଆରମ୍ଭ ହେବ । ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦୀୟ ୧୮ ମାସର ବିଜେପି ସରକାର ବିରୋଧରେ ଜନସାଧାରଣଙ୍କ ରୋଷକୁ ନିଜ ସପକ୍ଷକୁ ନେବାକୁ ବିଜେଡି ପୁରା ଉଦ୍ୟମ କରିବ ବୋଲି କୁହାଯାଉଛି । ସାରା ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିଥିବା ବିଜେଡି ଦୀର୍ଘ ୨୪ ବର୍ଷ ଶାସନ ଓ ସଙ୍ଗଠନର ଅଭିଜ୍ଞତାକୁ ଉପଯୋଗ କରି ଆଗକୁ ବଢ଼ିବାକୁ ଉଦ୍ୟମ କରିବ । ଦ୍ୱିତୀୟ ପିଢ଼ି ଓ ତୃତୀୟ ପିଢ଼ି ନେତାଙ୍କ ମଧ୍ୟରେ ଦଳ ଯଦି ଉପଯୁକ୍ତ ସମନ୍ୱୟ ରଖିପାରିଲା, ତେବେ ୨୦୨୭ରେ ଦଳର ସଫଳତାକୁ କେହି ରୋକି ପାରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଭକ୍ତଚରଣ ଦାସ ପିସିସି ମୁଖିଆ ହେବା ପରେ କଂଗ୍ରେସ ମଧ୍ୟରେ ଦେଖିବାକୁ ମିଳିଥିବା ନୂଆ ଉତ୍ସାହରେ ଏବେ ଭଟ୍ଟା ପଡ଼ିଛି । ୨୦୨୫ ପ୍ରଥମାର୍ଦ୍ଧରେ ଦଳ ଯେପରି ଏକାଠି ଦେଖାଯାଉଥିଲା, ବର୍ଷ ଶେଷ ବେଳକୁ ତାହା ସେପରି ସ୍ଥିତିରେ ନାହିଁ । କିଛି ମାସ ମଧ୍ୟରେ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୀତି ଓ କନ୍ଦଳ ଅଧିକ ତୀବ୍ର ହୋଇଛି । ଯାହା ଉଭୟ ଭକ୍ତ ଏବଂ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିଶେଷକରି କଂଗ୍ରେସର ପୁରୁଣା ବିରୋଧ ଓ ମେଳି ରୋଗ ଦଳକୁ ପୁଣି ପଛୁଆ କରି ଦେଇଛି । ବିଦାୟୀ ବର୍ଷରେ ଦଳୀୟ ନେତାଙ୍କୁ ସମାଲୋଚନା କରି ମୋକିମ୍‌ଙ୍କ ପରି ଟାଣୁଆ ନେତା ବିତାଡ଼ିତ ହୋଇଛନ୍ତି । ଏହି କ୍ରମରେ ୨୦୨୬ କେବଳ ଦଳର ସଭାପତି ନୁହନ୍ତି, କଂଗ୍ରେସ ପାଇଁ ବି ସବୁଠାରୁ ବଡ଼ ଆହ୍ୱାନର ବର୍ଷ ହେବ । କଂଗ୍ରେସକୁ ମଜବୁତ କରିବାକୁ ପିସିସି ସଭାପତିଙ୍କ ଏକଲା ଚଲୋ ନୀତି କେତେ ସଫଳ ହେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶାସକ ଦଳର ବିରୋଧରେ ଅସନ୍ତୋଷ ପରୋକ୍ଷରେ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ମନରେ ଦରଦ ସୃଷ୍ଟି କରିଥିଲେ ହେଁ ଏହାକୁ କେତେମାତ୍ରାରେ କଂଗ୍ରେସ ନିଜ ସପକ୍ଷକୁ ନେଇପାରିବ, ତାହା ୨୦୨୬ ସ୍ଥିର କରିବ ।

### ମହାପ୍ରଭୁ ଶୋଇବେ...

ଅନିଦ୍ରା ହେବେ । ବୁଧବାର ଅର୍ଥାତ ଡ଼ିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହେବ ଓ ରାତି ୨ଟାରେ ଦ୍ୱାରଫିଟା ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ନୂଆବର୍ଷ ପାଇଁ ଅର୍ଦ୍ଧରାତ୍ରିରୁ ମନ୍ଦିର ଖୋଲି ମହାପ୍ରଭୁଙ୍କୁ ଅନିଦ୍ରା ନ ରଖିବା ଲାଗି ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ ଗଜପତି ମହାରାଜା, ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । କିନ୍ତୁ ଛତିଶା ନିଯୋଗ ପୂର୍ବରୁ ନିର୍ଘଣ୍ଟ କରିଥିବା ନୀତିକାନ୍ତି ଅନୁଯାୟୀ ନୀତି କରାଯିବ ବୋଲି ଜଣାପଡିଛି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR.
No.6835/RWDBNJ/Dated 24.12.2025 — O-1894

1ST CORRIGENDUM TO TENDER CALL NOTICE
IDENTIFICATION NO.21/RWDBNJ/2025-2026 T.O.LETTER NO. 6076 DATED.09.12.2025

The following modifications to the Online Tender/21/SERWBNJ/2025-2026 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding — From | To | Last date & Time of Seeking Tender clarification | Date of opening Technical BID |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/21/RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 Upto 5.00 P.M. | 03.01.2026 upto 3.00 P.M. | 07.01.2026 at 12.30 P.M. |
| | | As per 1ST Corrigendum | | | |
| | | 31.01.2025 at 10.00 AM | 12.01.2026 up to 5.00 PM | 10.01.2026 Upto 3.00 P.M. | 13.01.2026 at 12.30 P.M |

All other terms and conditions of the said tender call notice shall remain unchanged.

Executive Engineer
Rural Works Division, Bhanjanagar

OIPR-25174/11/0059/2526



MM-443

OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION
AT- Haridanali, PO/PS-Athmallik, Dist.-Angul, Pin-759125
Email – dfo.kl.alk@gmail.com, Mob No.8280342716

Order No.183/ Date 30.12.2025

NOTICE INVITING TENDER
Bid Identification No. DFO (KL) ALK-04 (online) 2025-26

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work "**Construction of Forester Quarter at Kadaligarh (KL) Range office Campus under Athmallik (KL) Division for the year 2025-26**".
2. No. of Works : 1 No.
3. Nature of Works : Building works
4. Class of Contractor : 'C or D' Class
5. Estimated Cost : 16,53,040/-
6. Completion period : 2.5 Calendar Months
7. Availability of Bid documents : 31.12.2025 (5.00 PM) to 12.01.2026 (05.00 PM)
8. Last date for Receipt of Bids : 12.01.2025 up to 05.00 PM
9. Opening of Bids : 13.01.2025 at 11.00 AM.

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik (KL) Division

OIPR-08155/11/0007/2526



OFFICE OF THE PANCHAYAT SAMITI: KALYANSINGHPUR
DIST.- RAYAGADA, PIN-765016, ODISHA — i-444
Email: ori-kalyansinghpur@nic.in

INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- KAL, No. 02 of 2025-26
Tender Notification No. 3605, Dated 29.12.2025

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

Block Development Officer
Kalyansinghpur

OIPR-19432/11/0003/2526



OFFICE OF THE REGULATED MARKET COMMITTEE
AT/PO-ATTABIRA, DIST-BARGARH (ODISHA), PIN-76
Email-ID- attabirarmc@gmail.com

➤ ନିୟନ୍ତ୍ରିତ ବଜାର କମିଟି, ଅତାବିରା ଜିଲ୍ଲା ବରଗଡ ଅଧିନସ୍ଥ ଚାଷୀ, ବ୍ୟବସାୟୀ ତଥା ଶ୍ରେଣ୍ଡ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏହି ବଜାର କମିଟିର ୧୯ ଗୋଟି ସ୍ଥାୟି ବଜାର ପ୍ରାଙ୍ଗଣ ଯଥା- ଅତାବିରା, ଭେଡେନ, ଗୋଚରଗା, ଗୌରଟିକିରା, ଜାଙ୍ଗେଡ, କାଠତେରା, ଖରମୁଣ୍ଡା, କାଦେବାହାଲ, ଖୁଣ୍ଟଲିପାଲି, ଲରମ୍ବା, ମହୁଲପାଲି, ପାହାଡଶ୍ରୀଗିଡା, ପଦଙ୍ଗା, ପଡ଼ାପାଲି, ରେଶମ, ରୁସୁଡା, ସହରାଟିକିରା, ଟେଲୁଟିକିରା ଓ ଝରାପାଲି ଏବଂ ୩୧ ଗୋଟି ଅସ୍ଥାୟି କେନ୍ଦ୍ର- ଅର୍ଦ୍ଧଣ୍ଡା, ଅରେଇଗୁଡି, ଚିଚିଣ୍ଡା, ରେମୁଣ୍ଡା, ସାୟଲ ଜେ. ଏଫ. ସି. ଏସ, ସିଆଲଖଣ୍ଡତା, ସାଲେପାଲି, ପଧାନପାଲି, ବରପଦର, ସିଘେନପାଲି, ବସେଇକେଲା, ଜାମପାଲି, ହାତିପାଲି ସୁନାଲରମ୍ବା, ଟାଙ୍ଗପାଲି, କନ୍ଧପଡା, ଝିଲମିଣ୍ଡା, କୁଲୁଣ୍ଡା, ଲପଲା, ଲହଣ୍ଡା, ମନାପଡା, ସିଙ୍ଗପାଲି, ଟାଙ୍ଗରପାଲି, ତାଲପତରଟିକିରା, ଟୋପ, ବଡପିପଲିପାଲି, ବଡ୍ଡି, ଗୁରଖାପାଲି, ଲଟିଡା, କୁଦୋପାଲି ଓ କୁବେରତେଗା ଗୁଡିକରେ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଅଛି । ଏଣୁ ଚାଷୀ ଭାଇମାନେ ଏହିସବୁ ଧାନ ସଂଗ୍ରହ କେନ୍ଦ୍ରଗୁଡିକୁ ଧାନ ଆଣି ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରାପ୍ତ କରି ଲାଭବାନ ହୋଇ ନିୟନ୍ତ୍ରିତ ବଜାର କମିଟି, ଅତାବିରା କୁ ଏକ ଉନ୍ନତ ସମୃଦ୍ଧ ନିୟନ୍ତ୍ରିତ ବଜାର କମିଟି ଭାବରେ ଗଢି ତୋଳିବା ପାଇଁ ଏହି ଅଂଚଳର ସମସ୍ତ ଚାଷୀ ଭାଇମାନଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ କାମନା କରୁଅଛି ।

➤ ଇ-ନାମ ମାଧ୍ୟମରେ ପନିପରିବା ବିକ୍ରୟ କରି ଲାଭବାନ ହୁଅନ୍ତୁ ।

ଉପରୋକ୍ତ ଦର କେବଳ ଗ୍ରହଣ ଉପଯୋଗୀ ହୋଇଥିବା ସୁସ୍ଥ, ଶୁଖିଲା, ସୁସ୍ଥ ଏବଂ ଏକବର୍ଣ୍ଣ ସମାନ ଆକାରର ଧାନ ପାଇଁ ଏବଂ ସେଥିରେ ମଳିନତା, ପୋକିଲା, ଦୁର୍ଗନ୍ଧ ଓ ବୈଷମ୍ୟ ଧାନ ନଥିବା ଉଚିତ । ଏକ କିସମର ଧାନରେ ଅନ୍ୟ ନିକୃଷ୍ଟ ଧାନର ମିଶ୍ରଣ ନଥିବା ଉଚିତ । ପୁନଷ୍ଚ ଧାନର ଆର୍ଦ୍ରତା (ଜଳୀୟ ଅଂଶ) ଶତକଡା ୧୭ ଭାଗରୁ ଅଧିକ ନଥିବା ଉଚିତ । ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଯେ ଧାନକୁ ଭଲ ଭାବେ ଶୁଖାଇ ସଫା କରି କ୍ରୟ କେନ୍ଦ୍ର କୁ ବିକ୍ରୟ ପାଇଁ ଆଣିବେ ।

| କ୍ର.ନଂ | ଧାନରେ ମିଶ୍ରଣ ଥିବା ଅପରିଷ୍କୃତ ଆଦି | ସର୍ବୋଚ୍ଚ ପରିମାଣ | କ୍ୱି. ପ୍ରତି |
|---|---|---|---|
| ୧ | ବାହ୍ୟ ବସ୍ତୁ<br>(କ) ଅଜୈବିକ (ମାଟି. ଗୁଣ୍ଡ, ଗୋଡି, ବାଲି, ପଥର , ଧୂଳି | ୧% | ୧ କି.ଗ୍ରା |
| | (ଖ) ଜୈବିକ (ପୋଲ, ଅଗାଡି, କାଠି, କୁଟା ଏବଂ ଧୂଷ | ୧% | ୧ କି.ଗ୍ରା |
| ୨ | ନଷ୍ଟ, ବେରଙ୍ଗୀ ଗଜା ଉଠିଥିବା, ପୋକିଲା | ୫% | ୫ କି.ଗ୍ରା |
| ୩ | ଅପରିପକ୍ୱ, ସଙ୍କୁଚିତ, କଂଚା ସବୁଜ, ବଂଷା | ୩% | ୩ କି.ଗ୍ରା |
| ୪ | ସରୁ ଧାନରେ ମିଶିଥିବା ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ୬ କି.ଗ୍ରା |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | |

ଶ୍ରୀ ଅଙ୍କିତ ପଣ୍ଡା, ଓ.ଆର.ସ, ସବ-ରେଜିଷ୍ଟ୍ରାର, ଅତାବିରା
ତଥା-ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, OAS Gr. A(SB)
ଉପ-ଜିଲ୍ଲାପାଳ, ବରଗଡ-ତଥା ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଅତାବିରା



**NOTICE**

By virtue of an affidavit sworn before the Executive Magistrate, Balangir, dated 29.12.2025 , Kailasha Mutkia, s/o. Dasharath Mutkia, Address- At: Beherapali, Ward No.9, Balangir, PO/PS. Balangir, Dist. Balangir- 767001 (Odisha), declare that I have changed my name from Kailash Mujhkia, Slo. Dasarath Mujhakia to Kailasha Mutkia, s/o. Dasharath Mutkia. Henceforth, I shall be known as Kailasha Mutkia, s/o. Dasharath Mutkia for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, vide no 1133, dated. 29.12.2025 I, SABHAN GARADA , S/o - Gagan Bihari Garada, At Village- Amalabhata, PO. - Tentulikhunti, PS.- Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from SHOVAN GARADA to SABHAN GARADA. Henceforth, I shall be known as **SABHAN GARADA** for all purposes.
Sd/- SABHAN GARADA

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1131, dated 29.12.2025 I, KAMALA MAJHI, W/o - Chaitanya Majhi , Resident of Village - Mundagada, PO- Bhatigam, PS - Kodinga, Dist- Nabarangpur, Odisha, Pin - 764063, declare that I have changed the name of my Daughter from M.BATI MAJHI to HEMABATI MAJHI. Henceforth, She shall be known as **HEMABATI MAJHI** for all purposes.
Sd/- Kamala Majhi

**AFFIDAVIT**

I, Namita Patra, Vill: Orada, P.O. Tusar, P.S. Kiakata, Dist.: Angul, Odisha - 759126, hereby declare that I have changed my minor daughter's name from Priyanka Patra to Ankita Patra vide affidavit No. 1008 before the Executive Magistrate, Rairakhol on 30.12.2025. Henceforth, she shall be known as **Ankita Patra** for all purposes.
Sd/- Namita Patra

**NOTICE**

By virtue of an affidavit sworn before Executive Magistrate, Bhubaneswar vide Serial No. 80 dt.24.09.2025 I,SAIKH JUNED resident of At-Singada, PO- Barimunda, P.S.- Mancheswar, Dist.: Khordha, Odisha declare that I have changed my name from SEKHA JUNETH to SAIKH JUNED.Henceforth I shall be known as **SAIKH JUNED** for all purposes.
(SAIKH JUNED)

**AFFIDAVIT**

By virtue of an affidavit (SL No. 10274, dt- 18/12/2025) sworn before The Executive Magistrate, Cuttack. I, **Yagnaseni Panda,** W/o- Ansuman Tripathy, permanent resident of At- Nuapada New Colony, PO- Nayabazar, PS- Madhupatana, Dist- Cuttack, PIN- 753004, Odisha declare that I have changed my name from **Jagyanseni Panda** to **Yagnaseni Panda.** Henceforth, I shall be known as **Yagnaseni Panda** (new name) for all purposes.
**Yagnaseni Panda**

**DOCUMENTS LOST**

Notice is hereby given that Mr. Rabinarayan Sarangi has purchased the full plot from Mr. Prafulla Kumar Mishra and had collected the original ROR (Khata No. 535/127) and Sale Deed from him.The said original ROR and Sale Deed standing in the name of Mr. Prafulla Kumar Mishra have been lost/misplaced at Dhenkanal. **If found, please contact: Mob: +91 99371 52416**

**AFFIDAVIT**

By virtue of an affidavit (CF No. 01, dtd- 30/12/2025) sworn before the Executive Magistrate, Padampur. I, **Pratapsing Jagat,** S/o- Bidyadhar Jagat, permanent & current resident of AT- Bilaspir, PO- Bilaspur, PS- Jharbandh, Dist- Bargarh, PIN- 768042, Odisha declare that I have changed my name from **Chandan Jagat to Pratapsing Jagat.** Henceforth, I shall be known as **Pratapsing Jagat** (new name) for all purposes.
**Pratapsingh Jagat**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 09, dated 30-12-2025 I, **KARALA SUNITA CHOUDHARY,** Permanent resident of At- Krushnacharan pur, Gundura Po- Gundra, PS- Jarada, Dist- Ganjam, State- Odisha, PIN- 761005, declare that I have changed my name from **SUNITA SISTU** (Old name) to **KARALA SUNITA CHOUDHARY** (New name), Henceforth, I shall be known as **KARALA SUNITA CHOUDHARY** for all purposes.
Sd- KARALA SUNITA CHOUDHARY

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/12/2025. I, **Haripriya Chhatar** (new name), formerly called as **Haripriya Kata** (old name), W/o- Jayanta Kata, permanent resident of C/o Jayanta Kata, Ward No.6, Gauntiapada, VTC: Kesinga, PO: Kesinga, Sub District: Kesinga, Dist: Kalahandi, PIN: 766012, Odisha now residing at the same place declare that I have changed my name from **Haripriya Kata** to **Haripriya Chhatar.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Haripriya Chhatar** (new name) for all future purposes.
**Haripriya Chhatar**

**ହଜିଛି**

ମୁଁ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତି,** ପିତା: ଶ୍ରୀ ପିତାମ୍ୱର ମହାନ୍ତି, ଗ୍ରାମ: ଦହିସଡ଼ା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଘୋଷଣା କରୁଅଛି କି ମହେଶ୍ୱର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସର୍ବେଶ୍ୱର ମହାନ୍ତି, ସମସ୍ତଙ୍କ ପିତା: ଶ୍ରୀ ପିତାମ୍ବର ମହାନ୍ତିଙ୍କ ନାମରେ ମିଳିତ ରେକର୍ଡଭୁକ୍ତ ସମ୍ପତ୍ତିର ପଟ୍ଟା ଯାହାର ଖାତା ନଂ: ୧୦୨/୬୦, ପ୍ଲଟ୍ ନଂ: ୨୩୨, ୨୩୩, ୨୩୪, ମୋଟ କ୍ଷେତ୍ର: ୦.୩୪୦ ଏକର ଅଟେ । ଏହି ସମ୍ପତ୍ତିର ମୂଳ ଲିଙ୍କ୍ ଦଲିଲ ନଂ: ୧୦୧୪୧୧୦୨୯୧୨ ତା୨୬.୦୮.୨୦୧୧ରିଖ ଯାହାକି କାଳନ୍ଦୀ ଚରଣ ମାଝୀ (ପୂର୍ବତନ ବିକ୍ରେତା) ଙ୍କ ନାମରେ ଅଛି ତାହା ତା୨୧.୦୭.୨୦୨୨ରିଖରେ ମୋର ନିଜ ଗ୍ରାମରୁ ସୋରୋ ଯିବା ସମୟରେ କେଉଁଠାରେ ହଜିଯାଇଛି । ବର୍ତ୍ତମାନ ମୁଁ ଖାତା ନଂ: ୧୦୨/୬୦, ପ୍ଲଟ ନଂ: ୨୩୨, ୨୩୩, ୨୩୪, ମୌଜା: ନାୟକବନ୍ଧ, ଥାନା: ସୋରୋ, ନଂ: ୨୭୧, ତହସିଲ: ବାହାନଗା, କଲେକ୍ଟରେଟ-ବାଲେଶ୍ୱର ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ବନ୍ଧକ ରଖି ଋଣ ନିମନ୍ତେ ଆବେଦନ କରିଛି । ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖିପାରିବେ ।

**AFFIDAVIT**

By virtue of an affidavit before the Notary Public, Khordha vide Sl. No. 2827, dtd- 24/12/2025. I **Kamalinee Swain,** W/o- Akshaya Kumar Samantsinghar, resident of Vill- Goudaput, Po- Sarua, Ps/Dist- Khordha, Odisha have changed my name from **Kamalinee Swain to Kamalinee Samantsinghar.** Henceforth, I shall be known as **Kamalinee Samantsinghar** for all purpose.
**Kamalinee Samantsinghar**

# ରାଜନଗରରେ ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ଦାବି

**ରାଜନଗର,୩୦।୧୨(ସମିସ):** ଧାମରା ମୁହାଣରୁ ବରୁଣେଇ ଯାଏ ଲମ୍ବିଥିବା ଦୀର୍ଘ ବେଳାଭୂମି ଓ ବ୍ରାହ୍ମଣୀ, ବୈତରଣୀ ତଥା ଖରସ୍ରୋତାର ନଦୀ ଅବବାହିକା ଅଞ୍ଚଳ ଭାବେ ପରିଚିତ ରାଜନଗରରେ ଏକ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି। ସ୍ଥାନୀୟ ଶିକ୍ଷାବିତ ତଥା ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପ୍ଲାଣ୍ଟ ନିର୍ମାଣର ଅନୁକୂଳ ଭିତ୍ତିଭୂମି ଥିବା ଦର୍ଶାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ତଥା ନଦୀନାଳ ଘେରା ରାଜନଗରର ଆର୍ଥିକ ପ୍ରଗତିର ଆଧାର ଭାବେ ଧାନ ଓ ମତ୍ସ୍ୟ ସମ୍ପଦକୁ ଗ୍ରହଣ କରାଯାଏ। ପ୍ରଚୁର ମାଛ ଏ ଅଞ୍ଚଳରେ ମିଳୁଥିବା ଦୃଷ୍ଟିରୁ ବାହାର ରାଜ୍ୟ ତଥା ବାହାର ଦେଶର ବ୍ୟବସାୟୀ ପ୍ରତ୍ୟେହ ଏହି ଅଞ୍ଚଳରୁ ମାଛ ସଂଗ୍ରହ କରି ଚାଲାଣ କରୁଥିବା ଦେଖାଯାଉଛି। ମାଛ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ତଥା ସାମୟିକ ଭାବେ ମାଛ ଧରୁଥିବା ଲୋକ ଏହି ବେପାରୀଙ୍କୁ ଉଚିତ ଦରରେ ବିକ୍ରି କରିପାରନ୍ତିନାହିଁ। କମ୍ପାନୀ ଏଜେଣ୍ଟ ଅଳ୍ପ ଦର ଦେଇ ବହୁ ମୁନଫାର ମାଲିକ ହୁଅନ୍ତି। ଦୀର୍ଘଦିନରୁ ଏହି ବେସରକାରୀ ବ୍ୟବସ୍ଥା ଚାଲୁ ରହିଥିବାବେଳେ ଓ ଅଳ୍ପ କିଛି ମୁନଫାଖୋର ଏହାର ଲାଭ ଉଠାଉଥିବାବେଳେ ଏଠାକାର ସଂଗୃହୀତ ମାଛକୁ ନେଇ ରାଜନଗରରେ ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରାଗଲେ ଅନେକ କ୍ଷୁଦ୍ର ଓ ବୃହତ ମତ୍ସ୍ୟଜୀବୀ ଉପକୃତ ହୋଇପାରିବେ ଓ କିଛି କର୍ମସଂସ୍ଥାନ ମଧ୍ୟ ସୃଷ୍ଟି ହୋଇପାରିବ। ଏଥିସହିତ କ୍ଷୁଦ୍ର ମତ୍ସ୍ୟଜୀବୀ ସେମାନଙ୍କ ଶ୍ରମର ଉଚିତ ମୂଲ୍ୟ ପାଇପାରିବେ ଓ ସରକାର ମଧ୍ୟ ରାଜସ୍ୱ ପାଇପାରିବେ। ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ କର୍ମସଂସ୍ଥାନର ପଥ ପ୍ରସ୍ତୁତ ପାଇଁ ସରକାର ଏ ଦିଗରେ ଆନ୍ତରିକତା ସହିତ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଅନୁରୋଧ କରିଛନ୍ତି।

### ନୂଆବର୍ଷ ଓ ମକର ଭିଡ଼ ନିୟନ୍ତ୍ରଣ ପାଇଁ ମାଷ୍ଟର ପ୍ଲାନ

# ଶ୍ରୀବଳଦେବଜିଉଙ୍କ ମନ୍ଦିରରେ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା

କେନ୍ଦ୍ରାପଡ଼ା,୩୦।୧୨(ସମିସ)



ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜିଉଙ୍କ ମନ୍ଦିରରେ ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ନବବର୍ଷ ଦିନ ଭକ୍ତଙ୍କ ଭିଡ଼ ବଢ଼ିବାର ଆଶଙ୍କା ଥିବାରୁ ଅରୁଣ ସ୍ତମ୍ଭ ନିକଟରୁ ଜଗମୋହନ ପର୍ଯ୍ୟନ୍ତ ବ୍ୟାରିକେଡ୍ କରି ଭକ୍ତମାନଙ୍କୁ ଧାଡ଼ିରେ ଦର୍ଶନ କରିବାର ବ୍ୟବସ୍ଥା କରାଯିବ। ମନ୍ଦିର ବେଢ଼ା ଭିତରେ ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଦର୍ଶନ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ମନ୍ଦିର ବେଢ଼ା ବାହାରେ ମଧ୍ୟ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଚପଲ ରଖିବା ପାଇଁ ଷ୍ଟାଣ୍ଡ ଓ ଶୃଙ୍ଖଳିତ ପାର୍କିଂ ବ୍ୟବସ୍ଥା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରସଙ୍ଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସମେତ ଦେବୋତ୍ତର ଅଧିକାରୀ ଓ ସେବାୟତମାନେ ମନ୍ଦିର ପରିସରରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପର୍ବପର୍ବାଣି ଓ ବିଶେଷ ଦିନମାନଙ୍କରେ ମନ୍ଦିର ଆଖପାଖରେ ଟ୍ରାଫିକ୍ ସମସ୍ୟା ଜଟିଳ ରୂପ ଧାରଣ କରୁଥିବାରୁ ଏବେ ପୁଲିସ ପକ୍ଷରୁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିରରେ ୩ ପ୍ଲାଟୁନ୍ ପୁଲିସ ମୁତୟନ ହେବା ସହ ୬ ଜଣ ଇନ୍ସପେକ୍ଟର ଓ ୨ ଡିଏସ୍‌ପି ର‌୍ୟାଙ୍କ ଅଧିକାରୀ ନିୟୋଜିତ ହେବେ। ମନ୍ଦିର ନିକଟସ୍ଥ ସର୍ବସାଧାରଣ ରାସ୍ତାରେ ତିନି ଓ ଚାରିଚକିଆ ଯାନବାହନ ଯାତାୟାତ ଉପରେ କଟକଣା ଲାଗୁ ହେବ। ଚୋରି ଓ ଛିନ୍‌ତାଇ ଭଳି ଅପରାଧ ରୋକିବା ପାଇଁ ସାଦା ପୋଷାକରେ ପୁଲିସକର୍ମୀ ନିୟୋଜିତ ହେବେ ଓ ସିସିଟିଭି କ୍ୟାମେରା ମାଧ୍ୟମରେ ଅସାମାଜିକ ତତ୍ତ୍ୱମାନଙ୍କ ଉପରେ କଡ଼ା ନଜର ରଖାଯିବ। ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତମାନଙ୍କୁ ସଚେତନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମଧ୍ୟରେ ବିଶେଷ ଦିନମାନଙ୍କରେ ଗର୍ଭଗୃହରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପ୍ରସ୍ତାବ ପ୍ରଶାସନ ପକ୍ଷରୁ ଆସିଥିବା ବେଳେ, ସେବାୟତ ଏହାକୁ ଅଗ୍ରାହ୍ୟ କରିଥିବା ଜଣାପଡ଼ିଛି। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି ଜଣାଇଛନ୍ତି ଯେ, ଭକ୍ତଙ୍କ ସୁବିଧା ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ରାଜକନିକା,୩୦।୧୨(ସମିସ):** ସାମ୍ବାଦିକ ସତ୍ୟଜିତ ସାହୁଙ୍କ ପିତା ରାମଚନ୍ଦ୍ର ସାହୁ(୬୭)ଙ୍କ ପରଲୋକ ହୋଇଯାଇଛି। ବିଗତ ୫ବର୍ଷ ହେବ ଏକ ଦୁର୍ଘଟଣା ପରେ ସେ ଶଯ୍ୟାଶାୟୀ ଥାଇ ଗତକାଲି ଭୋର ସମୟରେ ରାଜକନିକା ବ୍ଲକ୍ ଘରଭଞ୍ଜା କୋହ୍ଲାସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରାମଚନ୍ଦ୍ର ସମଗ୍ର ଅଞ୍ଚଳରେ ଜଣେ କର୍ମଠ, ନିଷ୍ଠାବାନ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗ ଖବର ମିଳିବା ପରେ ଆତ୍ମୀୟ ସ୍ୱଜନଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହା ପରେ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରିବା ସହ ସେ କାର୍ଯ୍ୟକରିଥିବା ନରେନ୍ଦ୍ର ଗୁଞ୍ଜାରୀ ବିଦ୍ୟାପୀଠକୁ ନିଆଯାଇଥିଲା। ଏହାପରେ ପୈତୃକ ସ୍ଥାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସତ୍ୟଜିତ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା



**କେନ୍ଦ୍ରାପଡ଼ା,୩୦।୧୨(ସମିସ):** ଜିଲ୍ଲାର ସାମଗ୍ରିକ ଉନ୍ନତି, ପ୍ରଶାସନିକ ପାରଦର୍ଶିତା ଓ ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟର କହିଛନ୍ତି। ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାକ୍ଷାତକାରରେ ସେ ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାରୁ ବ୍ଲକ୍ ପର୍ଯ୍ୟନ୍ତ ଓସ୍ୱାସ ଫାଇଲ କାର୍ଯ୍ୟ ପ୍ରଣାଳୀ, ନଭେମ୍ବରରୁ ଆରମ୍ଭ ହୋଇଥିବା ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର ଓ ପ୍ରତ୍ୟେକ ସୋମବାର ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କରେ ତଥ୍ୟ ରଖିଥିଲେ। ପୂର୍ବ ଅଭିଯୋଗ ଶୁଣାଣିରେ ଆସିଥିବା ଅଭିଯୋଗଗୁଡ଼ିକର ସମୀକ୍ଷା ପୂର୍ବକ ନୂତନ ଶିବିର ଆୟୋଜନ କରାଯାଉଥିବା ମଧ୍ୟ ସେ କହିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜିଲ୍ଲାବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ, ଆସନ୍ତା ୧ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୦ଟି ନୂତନ ବେଡ୍‌ର ସୁବିଧା ଆରମ୍ଭ କରାଯିବ। ସେହିପରି ଜିଲ୍ଲାର ଶିଳ୍ପ ଉନ୍ନତି ଦିଗରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଥିଲେ। ଏଥିସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ବିରୋଧରେ ବିକ୍ଷୋଭ



**କେନ୍ଦ୍ରାପଡ଼ା,୩୦।୧୨(ସମିସ):** ଓଡ଼ିଶା ଟାଟା ପାୱାର ଅଗ୍ରୀମ ଅତିରିକ୍ତ ଅମାନତ ଜମା ଦାଖଲ ପାଇଁ ବିଜ୍ଞାପନ ଜାରି କରିବା ପରଠାରୁ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ଚଡ଼କ ପଡ଼ିଲା ଭଳି ହୋଇଛି। ଏହି ଅମାନତ ଜମା ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ନ କଲେ ବିଦ୍ୟୁତ ସଂଯୋଗ କାଟି ଦିଆଯିବାର ଧମକ ମଧ୍ୟ ଦିଆଯାଇଛି। ଏହା ଟାଟା ପାୱାରର ସ୍ୱେଚ୍ଛାଚାରୀ ମନୋଭାବ ଓ ଏକଛତ୍ରବାଦର ପରିଚୟ। ପର୍ଯ୍ୟାୟକ୍ରମେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରି ଓ ସ୍ମାର୍ଟ ମିଟର ବାଧ୍ୟତା ମୂଳକ ଭାବେ ବସାଇ ନିରୀହ ଜନସାଧାରଣଙ୍କୁ ଶୋଷଣ କରୁଥିବା ବେଳେ ପ୍ରତିବାଦ କଲେ ମଧ୍ୟ ଡବଲ ଇଞ୍ଜିନ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ଫଳରେ ଉପଭୋକ୍ତାମାନେ ନିର୍ଯାତନାର ଶିକାର ହେଉଛନ୍ତି। ସମଗ୍ର ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ମାସରେ ୩ଶହ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ଼ କରାଯିବା ଓ କୃଷି କାର୍ଯ୍ୟପାଇଁ ମାଗଣାରେ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ଆମ ଓଡ଼ିଶାରେ ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ବିଜେପି ସରକାର ପୁଞ୍ଜିପତି ଓ କମ୍ପାନୀମାନଙ୍କୁ ପରିପୁଷ୍ଟ କରିବା ପାଇଁ ଗରୀବ ଚାଷୀ ଓ ଉପଭୋକ୍ତା ମାନଙ୍କ ରକ୍ତ ଶୋଷଣ କରିବାକୁ ପଛାଉନାହାନ୍ତି। ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରତିକାନ୍ତ କାନୁନଗୋ, ଅଶୋକ ପ୍ରତିହାରୀ, ବିଭ୍ରାଂଶୁ ଲେଙ୍କା, ସସ୍ମିତା ପଣ୍ଡା, ପ୍ରମିଳା ସାହୁ, ଭାଗିରଥୀ ଜେନା, ଆକବର ଅଲ୍ଲୀ, ମଙ୍ଗୁଳି ଚରଣ ବେହେରା, ରବିନାରାୟଣ ବେହେରା, ମାନଗୋବିନ୍ଦ ଦାସ, ନୀଳମଣି ସେଠୀ, ଜଗନ୍ନାଥ ସେଠୀ, ଦର୍ପନାରାୟଣ ସାହୁ, ରଙ୍ଗଲାଲ ମଲିକ, ବିଧାନ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ଦାସ, ଅଶୋକ ମୋହନ ଜେନା, ବିଧୁଭୂଷଣ ମହାପାତ୍ର, ହରିଶ ପଟ୍ଟନାୟକ, ନିରଞ୍ଜନ ରାଉତ, ଗୋଲଖ ପ୍ରସାଦ ସ୍ୱାଇଁ, ତରୁଣ ରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ରାଉତ, ଉମେଶ ପାଢୀ ପ୍ରମୁଖ ଶତାଧିକ କଂଗ୍ରେସ ଦଳର କର୍ମୀ ଉପସ୍ଥିତ ଥିଲେ।

## ଚିତ୍ରଶିଳ୍ପୀ ଅଜୟ ପଣ୍ଡା ସମ୍ବର୍ଦ୍ଧିତ



**ଡେରାବିଶ, ୩୦।୧୨(ସମିସ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମର ବରିଷ୍ଠ ଚିତ୍ରଶିଳ୍ପୀ ଅଜୟ କୁମାର ପଣ୍ଡାଙ୍କୁ ତାଙ୍କର ଅନବଦ୍ୟ କଳାକୃତି ଓ ସମାଜ ପ୍ରତି ସମର୍ପିତ ଭାବ ପାଇଁ ଡେରାବିଶ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଡେରାବିଶ ମହୋତ୍ସବର ସାନ୍ଧ୍ୟାକାଳୀନ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଶ୍ରୀ ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଓ ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ ଯୋଗ ଦେଇଥିଲେ।

## ରଘୁନାଥ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୩୦।୧୨(ସମିସ):** ପଟ୍ଟାମୁଣ୍ଡାଇ ବଣିକ ସଂଘର ପୁରାତନ କର୍ମଚାରୀ ରଘୁନାଥ ଚୌଧୁରୀଙ୍କ ଏକାଦଶାହ ଅବସରରେ ନୂଆଗାଁ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଗୀତା ଚାରଣ ସମିତି ସଭାପତି ପ୍ରମୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମଦନପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଉମେଶ ପରିଡ଼ା ବଣିକ ସଂଘ ଉପସଭାପତି ମୋହନ ଦାସ (ନମି), କବି ବ୍ରଜସୁନ୍ଦର ସାହୁ, ଶିକ୍ଷାବିତ ରାମଚନ୍ଦ୍ର ମିଶ୍ର, ଥାନାପତି ରବୀନ୍ଦ୍ର ସାହୁ, ସଞ୍ଜୟ ବର୍ମା, ପ୍ରତାପ ସାହୁ (ବାବୁଲି), ଧୀରେନ୍ଦ୍ର ବାରିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ପଟ୍ଟାମୁଣ୍ଡାଇ ବଣିକ ସଂଘର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ୱର୍ଗତ ଚୌଧୁରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ମଳ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ● ବିଦ୍ୟୁତ୍ ବିଭାଗର ଅବହେଳା

## ବିପଦସଙ୍କୁଳ ଖୁଣ୍ଟରେ ଦିନରେ ଜଳୁଛି ଲାଇଟ୍

**ପଞ୍ଚୁପାଣ୍ଡବ,୩୦।୧୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମ ସାହୁ ସାହିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଏହି ବିଦ୍ୟୁତ୍ ଖୁଣ୍ଟର ମୂଳ ଖାଇ ଯାଇଥିବାବେଳେ ଖୁଣ୍ଟରେ ଲାଗିଥିବା ଲାଇଟ୍ ଦିନରେ ଜଳୁଥିବା ଦେଖିବାକୁ ମିଳୁଛି। ଛତା ବିଦ୍ୟୁତ୍ ସେକ୍ସନରେ ଥିବା ବିଭିନ୍ନ ପଞ୍ଚାୟତର ବିଭିନ୍ନ ସ୍ଥାନରେ କେଉଁଠି ଖୁଣ୍ଟ ମୂଳ ଭଙ୍ଗା ଦଦରା ଥିବାବେଳେ କେତେକ ସ୍ଥାନରେ ଖୁଣ୍ଟ ବଙ୍କା ଥିବାରୁ ତାକୁ ଆଉଏକ ଖୁଣ୍ଟ ସାହାଯ୍ୟରେ ରଖାଯାଇଛି। ଏମିତିକି କେତେକ ସ୍ଥାନରେ ତାର ଝୁଲି ରହିଥିବା ଅଭିଯୋଗ ହେଉଛି। ଏହି ଦଦରା ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଲୋକେ ଭୟରେ ଯିବାଆସିବା କରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗର ତଦାରଖ ନ ହେବାରୁ ବିଭିନ୍ନ ଜାଗାରେ ଦିନ ସାରା ଲାଇଟ୍ ଜଳୁଥିବା ଦେଖିବାକୁ ମିଳୁଥିବାବେଳେ କେତେକ ଜାଗାରେ ଲାଇଟ୍ ଅଚଳ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗ ଅବହେଳା ଯୋଗୁଁ ଲୋକେ ବିଭିନ୍ନ ସମସ୍ୟାରେ ପଡ଼ୁଛନ୍ତି। ଏହାର ତଦନ୍ତ କରାଯାଇ ଭଙ୍ଗା ଦଦରା ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଗୁପ୍ତି ସ୍ଲୁଇସ ଗେଟ୍ ନିକଟରୁ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୩୦।୧୨(ସମିସ):** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କଚେରୀ ନିକଟ ସ୍ଲୁଇସ ଗେଟ୍ ପାଖରୁ ଏକ ୧୦ ଫୁଟ ୬ ଇଞ୍ଚ ଲମ୍ବର ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର ହୋଇଥିବା ଜଣାପଡିଛି। ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକର ସ୍ଲୁଇସ ନିକଟରେ ଥିବା ନାଳରେ କୁମ୍ଭୀର ପଶିଯାଇଥିଲା। ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନେତୃତ୍ୱରେ ବନପାଳ ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱରଞ୍ଜନ ତରାଇ, ବନ ସୁରକ୍ଷାକର୍ମୀ ନିତାଇ ମଣ୍ଡଳ, ଦିବାକର ମଲିକ, ସହଦେବ ପ୍ରଧାନ, ମାଣିକ ଗୁଡିଆ, ହେମନ୍ତ ମହାରଣା ପ୍ରମୁଖ ନାଳରୁ ଜାଲ ସାହାଯ୍ୟରେ କୁମ୍ଭୀରକୁ ଧରିଥିଲେ। ପରେ ଏହି କୁମ୍ଭୀରକୁ କୃଷ୍ଣପ୍ରିୟାପୁର ବିଟ ନିକଟ ବାଉଁଶଗଡ ନଦୀରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିବା ନେଇ ବନପାଳ ଶ୍ରୀ ତରାଇ ସୂଚନା ଦେଇଛନ୍ତି।



### ● ବ୍ୟବସାୟୀଙ୍କୁ ପୋଡ଼ି ହତ୍ୟା ଘଟଣା

## କେନାଲରୁ ମିଳିଲା ମୃତକଙ୍କ ଷ୍ଟିଲ୍ ଗାଞ୍ଜୁଲା, ପ୍ଲାଷ୍ଟିକ୍ ଟ୍ରେ'

**କେନ୍ଦ୍ରାପଡ଼ା,୩୦।୧୨(ସମିସ):** ବ୍ୟବସାୟୀ ସୁବାସ ମଲିକଙ୍କୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପୋଡ଼ି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ ଜୋରଦାର କରିଛି ପୁଲିସ। ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନେଇ ପୁଲିସ ତଦନ୍ତ କରିଥିବାବେଳେ କେନାଲରୁ ମୃତ ସୁବାସଙ୍କ ଷ୍ଟିଲ୍ ଗାଞ୍ଜୁଲା ଓ ପ୍ଲାଷ୍ଟିକ୍ ଟ୍ରେ' ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ତଦନ୍ତ ସମୟରେ ଦୁର୍ବୃତ୍ତ କେନାଲ ଭିତରୁ ଲେମ୍ବୁ, ଲଙ୍କା ରହୁଥିବା ୩ରୁ ୪ଟି ଷ୍ଟିଲ ଗାଞ୍ଜୁଲା ଓ ୫ରୁ ୬ ପ୍ଲାଷ୍ଟିକ ଟ୍ରେ ମିଳିଥିବା ପୁଲିସ ସୂଚନା ଦେଇଛି କ୍ଷ ଏହି ସମସ୍ତ ସାମଗ୍ରୀ ମୃତ ସୁବାଷ ମଲିକଙ୍କ ବ୍ୟବସାୟରେ ବ୍ୟବହୃତ ହେଉଥିବା ଓ ଘଟଣା ପରେ ଦୋକାନରୁ ହଟାଇ କେନାଲକୁ ଫିଙ୍ଗାଯାଇଥିବା ସନ୍ଦେହ କରାଯାଉଛି କ୍ଷ ଏହାସହ ଘଟଣା ସମୟରେ ସୁବାଷ ମଲିକ ଯେଉଁ ଦୋକାନରେ ଶୋଇଥିଲେ, ସେହି ଦୋକାନଟି ବାହାରପଟୁ ବନ୍ଦ କରାଯାଇଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଘଟଣା ପୂର୍ବ ରାତିରେ ନିକଟସ୍ଥ ଏକ ମଣ୍ଡପରେ ଭୋଜିଭାତର ଆୟୋଜିତ ହୋଇଥିଲା। ସେଠାରେ କିଏ କିଏ ସାମିଲ ଥିଲେ, ସେ ନେଇ ପୁଲିସ ତଥ୍ୟ ସଂଗ୍ରହ କରୁଛି। ଏହାପୂର୍ବରୁ ବିଳମ୍ବିତ ରାତିରେ ସୁବାସଙ୍କ ଦୋକାନକୁ ଗୋଇଠା ମରାଯାଇଥିବା ଏବଂ ଏହାକୁ ନେଇ ପଚାରିବାରୁ କିଛି ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏପରିକି ଏହା ରାଜନୈତିକ ଶତ୍ରୁତାରୁ ହୋଇଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି।



### ଜିଲ୍ଲାସ୍ତରୀୟ ଖଡୁରା ସମ୍ମିଳନୀ

# 'ପ୍ରାଚୀନ ପରମ୍ପରା ଓ ସଂସ୍କୃତି ରୁଦ୍ଧିମନ୍ତ କରିବାରେ ଖଡୁରାଙ୍କ ଭୂମିକା ଅନନ୍ୟ'

କେନ୍ଦ୍ରାପଡ଼ା,୩୦।୧୨(ସମିସ)



ଉତ୍କଳର ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ରୁଦ୍ଧିମନ୍ତ କରିବାରେ ଖଡୁରାଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି ଜିଲ୍ଲାସ୍ତରୀୟ ଖଡୁରା ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖଡୁ, ବାଙ୍କିଆ, ବଟଫଳ, କଂସ୍ୟ ଓ ପିତ୍ତଳରେ ନିର୍ମିତ ବିଭିନ୍ନ ପ୍ରାଚୀନ କୀର୍ତ୍ତିରାଜିରେ ଖଡୁରାଙ୍କ କାରିଗରୀ କୌଶଳର ପ୍ରତିଛବି ଦେଖିବାକୁ ମିଳେ ବୋଲି ସେମାନେ କହିଛନ୍ତି। ଖଡୁରାମାନେ ପ୍ରାଚୀନ କାଳରେ ଜାଭା, ସୁମିତ୍ରା ସହ ଦେଶବିଦେଶରେ ବ୍ୟବସାୟ ଓ ବାଣିଜ୍ୟ ଜରିଆରେ ଉତ୍କଳର ରାଜକୋଷକୁ ସମୃଦ୍ଧ କରିଥିବା ଇତିହାସ ରହିଛି। କିନ୍ତୁ ଆଧୁନିକ ସମୟରେ ଖଡୁରା ସମ୍ପ୍ରଦାୟ ଅବହେଳିତ ହୋଇପଡ଼ିଥିବା ସହ ନିଜର କୌଳିକ ବୃତ୍ତି ଅସ୍ତମିତ ହେବାର ସଙ୍କଟ ସମ୍ମୁଖୀନ ହେଉଛି ବୋଲି ଅତିଥିମାନେ ଚିନ୍ତା ପ୍ରକାଶ କରିଥିଲେ। ଏଣୁ ସମସ୍ତ ଖଡୁରାମାନେ ସଂଗଠିତ ହୋଇ ପ୍ରାଚୀନ ପରମ୍ପରା ଓ କୌଳିକ ବୃତ୍ତିକୁ ପୁନର୍ଜୀବିତ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଖସାପଡ଼ିଆ-ବାଲିପାଟଣା ଗ୍ରାମର କ୍ଷେତ୍ରପଳୀ ମନ୍ଦିର ପରିସରରେ ଜଗନ୍ନାଥ ଉତ୍କଳ ଖଡୁରା ସମାଜ ପକ୍ଷରୁ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜିଲ୍ଲାସ୍ତରୀୟ ଖଡୁରା ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଜଗନ୍ନାଥ ଉତ୍କଳ ଖଡୁରା ସମାଜର ସଭାପତି ପ୍ରସନ୍ନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସମ୍ପାଦକ ହାଡ଼ିବନ୍ଧୁ ସାହୁ, ରାଜ୍ୟ ଉପସଭାପତି ସୁଦର୍ଶନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ନାରାୟଣ କମଲା, ଅବସରପ୍ରାପ୍ତ ସେନା ଅଧିକାରୀ ସନାତନ ସାହୁ, ଉପଦେଷ୍ଟା ବିଜୟ ବେହେରା, ରାଜୀବଲୋଚନ ବେହେରା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଚନ୍ଦନ ମହାରଣା, ସାମ୍ବାଦିକ ଦେବ ପ୍ରସାଦ ସାହୁ, ଭାରତ ସାହୁ ପ୍ରମୁଖ ଯୋଗଦେଇ ଖଡୁରା ସମାଜର ବିକାଶ ସହ ରକ୍ତଦାନ, ଦୁରାରୋଗ୍ୟର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଭଳି ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରଞ୍ଜନ ପାତ୍ର, ଅଲେଖ ସାହୁ ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ହୋଇଥିବାବେଳେ ଖଡୁରା ସମାଜର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛୁଆଳିଆ ପୀଠରୁ ଚୋରି ସାମଗ୍ରୀ ଉଦ୍ଧାର; ଜଣେ କୋର୍ଟଚାଲାଣ

**ପଟ୍ଟାମୁଣ୍ଡାଇ,୩୦।୧୨(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ଶକ୍ତି ପୀଠ ଭାବେ ପରିଚିତ ଗଙ୍ଗାରାମପୁର ପଞ୍ଚାୟତ ଲୋକନାଥପୁରସ୍ଥିତ ମା' ଛୁଆଳିଆ ପୀଠରୁ ଗତକାଲି ରାତିରେ ହୋଇଥିବା ଘଟଣାର ପର୍ଦ୍ଦାଫାସ କରିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୁଲିସ ବଡ଼ ମୂଳବସନ୍ତ ଗ୍ରାମର ରଞ୍ଜିତ ସେଠୀକୁ ଗତକାଲି ଥାନାରେ ଅଟକ ରଖିଥିଲା। ଗତକାଲି ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ଅଭିଯୁକ୍ତ ରଞ୍ଜିତ ସେଠୀଠାରୁ ମା'ଙ୍କର କେତେକ ସୁନା ଓ ରୁପା ଅଳଙ୍କାର ଉଦ୍ଧାର କରିଥିବା ବେଳେ ଆଜି ଗ୍ରାମାଞ୍ଚଳ ପୁଲିସ ରଞ୍ଜିତକୁ ଜେରା କରିବା ପରେ ସେ ମା'ଙ୍କ ଅଳଙ୍କାର ଓ ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ପୁଲିସ ଟିମ ଅଭିଯୁକ୍ତର ଘରେ ଚଢ଼ଉ କରି ଚୋରି ଅଳଙ୍କାର ଓ ନଗଦ ୮,୯୮୧ ଟଙ୍କା ଜବତ କରିଥିଲେ। ପୁଲିସ ଜବତ କରିଥିବା ସୁନା ରୁପା ଅଳଙ୍କାରକୁ ମା' ଛୁଆଳିଆ ପୀଠ ପରିଚାଳନା କମିଟି ସଦସ୍ୟ ଚିହ୍ନଟ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଥାନା କେଶ ନଂ ୫୩୪/୨୫ରେ ଚୋରି ମୋକଦ୍ଦମା ରୁଜୁ କରିଥିବା ବେଳେ ଅଭିଯୁକ୍ତ ରଞ୍ଜିତକୁ ଆଜି କୋର୍ଟ ଚାଲାଣ କରା ଯାଇଛି।

## ମଦ ଜବତ

ପାରାଦୀପ,୩୦ା୧୨(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଅଞ୍ଚଳ ପାରାଦୀପଗଡ଼ରୁ ଆଜି ସନ୍ଧ୍ୟାରେ ଜଣେ ମଦ ବେପାରୀକୁ ପୁଲିସ ଗିରଫ କରିଛି। ସେ ହେଉଛନ୍ତି ପାରାଦୀପ ଗଡ଼ର ସୁର ବେହେରା। ତାଙ୍କ ନିକଟରୁ ୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ମୃତ

ବାଲିକୁଦା,୩୦ା୧୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ଅରିଲୋ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଗତସିଂହପୁର ଥାନା ଅନ୍ତର୍ଗତ ବଡ଼ବାଗ ଅଞ୍ଚଳର କଳ୍ପତରୁ ମଣ୍ଡଳ (୫୨)ଙ୍କ ମୃତ୍ୟୁ ହୋଇଯାଇଛି। କଳ୍ପତରୁ ବାଲିକୁଦାରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ କାର୍ଯ୍ୟ କରୁଛନ୍ତି। ରାତିରେ ଦୋକାନ ବନ୍ଦ କରି ସେ ଜଗତସିଂହପୁରରେ ତାଙ୍କ ମାଲିକଙ୍କ ନିକଟକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ଅରିଲୋ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ବିଳମ୍ବ ହେବାରୁ ଦୋକାନ ମାଲିକ ତାଙ୍କ ଘରକୁ ଫୋନ୍ କରି ନ ପାଇବାରୁ ଖୋଜାଖୋଜି କରିଥିଲେ। ଅରିଲୋ ନିକଟରେ ରାସ୍ତା କଡ଼ରେ ତାଙ୍କ ଗାଡି ଓ ତାଙ୍କୁ ଦେଖି ଉଦ୍ଧାର କରି ଜଗତସିଂହପୁର ମେଡିକାଲ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲିକୁଦା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ଆଇନଜୀବୀଙ୍କୁ ଘାସଫୁଲ ସମ୍ବର୍ଦ୍ଧନା




ବାଲିକୁଦା,୩୦ା୧୨(ସମିସ): ବାଲିକୁଦା ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଘାସଫୁଲ ତରଫରୁ ଏକ ସାହିତ୍ୟ ଆଲୋଚନାଚକ୍ର ସାମ୍ବାଦିକ ପ୍ରଣବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁରର ବରିଷ୍ଠ ଆଡଭୋକେଟ ବୀରନାରାୟଣ ପାତ୍ରଙ୍କୁ ଘାସଫୁଲ ସାହିତ୍ୟ ଅନୁଷ୍ଠାନ ତରଫରୁ ସମାଜସେବୀ ତଥା ଡ. ଶଶାଙ୍କ ଶେଖର ସାହାଣୀ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

## ପଙ୍କପାଳରେ ଶିକ୍ଷକଙ୍କ ସ୍ମୃତିସଭା

କୁଜଙ୍ଗ,୩୦ା୧୨(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମରେ ଦିବଂଗତ ଶିକ୍ଷକ ବିଜୟ ଚନ୍ଦ୍ର ରାୟଗୁରୁଙ୍କ ଦ୍ୱାଦଶାହରେ ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିସଭା ଶିକ୍ଷକ ନେତା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଶିକ୍ଷକ ନେତା ବାବୁରାମ ଚୌଧୁରୀ ଯୋଗ ଦେଇ ସ୍ୱାଧୀନତା ପରେ ପରେ ପ୍ରଥମିକ ବିଦ୍ୟାଳୟ ଶିକ୍ଷକ ମାନଙ୍କ ସଂଘର୍ଷ ଓ ବୃତ୍ତିଗତ ନିଷ୍ଠାସ୍ମରଣ କରି ଶିକ୍ଷକ ନିଜର ସେବା ଓ କାର୍ଯ୍ୟ ପାଇଁ ସବୁଠି ପ୍ରଶଂସା ପାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ନବୀନ ପ୍ରଧାନ କବିତା ପାଠ ସହ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ପଣ୍ଡା, କୁଳମଣି ମିଶ୍ର, ବିଭୂତି ଆଚାର୍ଯ୍ୟ , କସ୍ତୁରି ଚରଣ ସିଂହ, ବିନୋଦିନୀ ତ୍ରିପାଠୀ, ରବୀନ୍ଦ୍ର ନାଥ ଚୌଧୁରୀ, ପ୍ରିୟତମା ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଉପଭୋକ୍ତା ସଙ୍ଘର ବିକ୍ଷୋଭ



କୁଜଙ୍ଗ,୩୦ା୧୨(ସମିସ): କୁଜଙ୍ଗ ବ୍ଲକ୍ ବିଦ୍ୟୁତ ଉପଭୋକ୍ତା ସଙ୍ଘ ପକ୍ଷରୁ ଆଜି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଟାଟା ପାୱାର ବିଦ୍ୟୁତ କମ୍ପାନୀର ମନମାନୀ ଓ ଜୋର୍ ଜୁଲମ ବିରୋଧରେ କୁଜଙ୍ଗ ବ୍ଲକ୍ ବିଦ୍ୟୁତ ଉପଭୋକ୍ତା ସଙ୍ଘ ବିକ୍ଷୋଭ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସଙ୍ଘର ସଭାପତି ବାବୁରାମ ଚୌଧୁରୀଙ୍କ ନେତୃତ୍ୱରେ ଶତାଧିକ ବିଦ୍ୟୁତ ଉପଭୋକ୍ତାମାନେ କୁଜଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। କୃଷକ ନେତା ବିଭୂତି ଭୂଷଣ ଜେନା, ହୃଷୀକେଶ ନାଥ, ନଟବର ସେଣ, ରଜନୀକାନ୍ତ ଦାସ, ନବୀନ କୁମାର ପ୍ରଧାନ, ହରେକୃଷ୍ଣ ସେଠୀ, ପହଲି ସ୍ୱାଇଁ, ଜପହରୀ ବାରିକ, ଉତ୍ତମ ସେଠୀ, କେଦାରନାଥ ସ୍ୱାଇଁ, ଦୁର୍ଲଭ ପ୍ରଧାନ, ଗୋପିନାଥ ପ୍ରଧାନ, ନରହରୀ ସ୍ୱାଇଁ, ଦୟାନିଧି ଦଳାଇ, ପଦ୍ମନାଭ ଦାଶ, ଦାମୋଦର ଦାସ, ରବୀନ୍ଦ୍ର କୁମାର ସାହୁ, ସୁବାସ ସାମନ୍ତରାୟ, ବିଜୟ କୁମାର ଖଟେଇ ପ୍ରମୁଖ ଶତାଧିକ ବିଦ୍ୟୁତ ଉପଭୋକ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଜଗତସିଂହପୁର ଜିଲ୍ଲା ଗସ୍ତରେ ପ୍ରମୁଖ ଶାସନ ସଚିବ

# ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଜଗତସିଂହପୁର/ରଘୁନାଥପୁର/ତିର୍ତ୍ତୋଲ,୩୦ା୧୨(ସମିସ)




ରାଜ୍ୟ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଆଜି ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା କାର୍ଯ୍ୟକ୍ରମରେ, କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଥମେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରିତା ସହ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଓ ବାୟୋବନ୍ଦନା କାର୍ଡର ବଣ୍ଟନ ତଥା ସ୍ୱାସ୍ଥ୍ୟସେବାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଏହାପରେ ଅଙ୍ଗନବାଡ଼ି କେନ୍ଦ୍ର, ଅନ୍ତ୍ୟୋଦୟ ଗୃହ ଯୋଜନା, ଓଡ଼ିଶା ଜୀବିକା ମିଶନ ସହ ଓରମାସର ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୟନ ଗ୍ରାମର କାରିଗରମାନଙ୍କୁ ପ୍ରୋତ୍ସାହନ ଦେବା ଦିଗରେ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଶିକ୍ଷାକ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଜିଲ୍ଲାର ପିଏମ୍‌ଶ୍ରୀ ବିଦ୍ୟାଳୟ ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାରେ ପ୍ରସ୍ତାବିତ ସମସ୍ତ ବସ୍‌ଷ୍ଟାଣ୍ଡ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ ବର୍ଣ୍ଣନା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଓ ଏସ୍‌ଆର୍‌ଟିସିର ଜିଏମ୍ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ ବାଲିକୁଦା ବ୍ଲକର ଅଟଳ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ପରେ କୁଜଙ୍ଗ ବ୍ଲକ୍ ଓ ପାରାଦୀପ ପୌର ପରିଷଦ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିମନ୍ତେ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଥିଲେ। ପାରାଦୀପ ବେଳାଭୂମି ପରିଦର୍ଶନ କରି ପର୍ଯ୍ୟଟନ ବିକାଶ ଦିଗରେ ଆଲୋଚନା କରିଥିଲେ। ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା ମେଗା ପାଇପ୍ ୱାଟର ପ୍ରୋଜେକ୍ଟ, ତରତଙ୍ଗା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ଏହାର ସାମଗ୍ରୀକ ବିକାଶ ନିମନ୍ତେ ଆଲୋଚନା କରିଥିଲେ। ମଣିଜଙ୍ଗା ମହାନଦୀ ବେଳାଭୂମିରେ କେନ୍ଦ୍ର ସରକାରର ଜଳ ଜୀବନ ହର ଘର ଜଳ ଯୋଜନାରେ ନିର୍ମାଣାଧୀନ୍ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରି ଏହାର ରୂପରେଖ ଓ ପାନୀୟ ଜଳ ବିଶୋଧନ ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ରଘୁନାଥପୁରରେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ଓ ଶିଳ୍ପୀମାନଙ୍କ ନିମନ୍ତେ ରୋଜଗାର ସୃଷ୍ଟି ପାଇଁ ହସ୍ତଶିଳ୍ପ, କାଫେ ଓ ହସ୍ତତନ୍ତ ବଜାର ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ରଘୁନାଥପୁର ବ୍ଲକ ତାରପୁର ଗ୍ରାମପଞ୍ଚାୟତର ଖଣ୍ଡତରୀ ଠାରେ ଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନକୁ ସଚିବ ପରିଦର୍ଶନ କରି ଏହାକୁ ଚାଲୁ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛପଡ଼ାଠାରେ ପୂର୍ତ୍ତବିଭାଗ ଅଧୀନରେ ଚାଲୁରହିଥିବା ରେଲୱେ ଓଭରବ୍ରିଜ କାର୍ଯ୍ୟକୁ ସଚିବ ସମୀକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ବିଡିଓ ବିରଞ୍ଚି ନାରାୟଣ ବେହେରା, ଓରମାସର ଡେପୁଟି ସିଓ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘ ଜିଲ୍ଲା ଶାଖା — ସାଧାରଣ ପରିଷଦ ବୈଠକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ଜଗତସିଂହପୁର,୩୦ା୧୨(ସମିସ): ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ରାଜ୍ୟ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ମହାରଣା ଯୋଗଦେଇ ଜିଲ୍ଲାରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ କାର୍ଯ୍ୟକରିବା ସହିତ ଆଗାମୀ ଦିନରେ ସଂଘକୁ ଜିଲ୍ଲାରେ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂପାଦକ ସରୋଜକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଜିଲ୍ଲାର ଆଠଟି ବ୍ଲକ ଓ ୨ଟି ମ୍ୟୁନିସିପାଲଟିରେ ଥିବା ଓଜେୟୁ ସଂଘର କର୍ମକର୍ତ୍ତା ତଥା ସମସ୍ତ ସଦସ୍ୟ ସଦସ୍ୟାମାନେ ନିଜ ଭିତରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଘର ନୂତନ ଭାବେ ଦାୟିତ୍ୱ ନେଇଥିବା କାର୍ଯ୍ୟକାରୀ ସଭାପତି ଡ. ମାନସ ମହାନ୍ତି ଓ କୋଷାଧ୍ୟକ୍ଷ ଗୟାଧର ମହାରଣାଙ୍କୁ ରାଜ୍ୟ ସମ୍ପାଦକ ଶ୍ରୀ ମହାରଣା ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲାର ୩ ଜଣ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ପ୍ରମୋଦ କୁମାର ନାୟକ ଏବଂ ଶଶାଙ୍କ ଶେଖର ପଣ୍ଡାଙ୍କୁ ସଙ୍ଘ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ, ସଂପାଦକ ସମୀର କୁମାର ମହାନ୍ତି, ଉପଦେଷ୍ଟା ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ଦାସ, ରାଜଦୀପ ବିଶ୍ୱାସ, ଏରସମା ବ୍ଲକର ସଭାପତି ହିସ୍ତୀରଞ୍ଜନ ଖଣ୍ଡୁଆଳ, କୁଜଙ୍ଗ ବ୍ଲକର ସଭାପତି ସୁବ୍ରତ ମଲ୍ଲିକ, ଜିଲ୍ଲାର ମୁଖ୍ୟ ସଂଯୋଜକ ଗିରିଜାପ୍ରସାଦ ମହାନ୍ତି, ସହ ସଂଯୋଜକ ସନ୍ତୋଷ ବେହେରା, ବିଚିତ୍ରାନନ୍ଦ ପ୍ରଧାନ, ସଂଗଠନ ସଂପାଦକ ବିପିନ ସେଠୀ, ପବିତ୍ର ମଙ୍ଗରାଜ, ମନୋଜ ସାହୁ, ସଦସ୍ୟ ରୀତା ସାହୁ, ବିରିଡିର ସୁବାସ ସ୍ୱାଇଁ, ରଘୁନାଥପୁର ଅମୂଲ୍ୟ ମହାପାତ୍ର, ମିଳନ ଜେନା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଜିଲ୍ଲା ସଂଘ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଜିଲ୍ଲା ଉପସଭାପତି ରଞ୍ଜନ ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୁନିଅର ବ୍ୟାଚ୍ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

ବାଲିକୁଦା,୩୦ା୧୨(ସମିସ): ବାଲିକୁଦା ବ୍ଲକ ବୋରିକିନା ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୩ ମସିହା ଜୁନିଅର ବ୍ୟାଚ୍‌ଙ୍କର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ଏକାଠି ହୋଇ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନ ପକାଇ ରୋମନ୍ଥନ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ବିଜୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ଦାସ, ବିଷ୍ଣୁଚରଣ ମହାନ୍ତି, ଜ୍ଞାନରଞ୍ଜନ ପଣ୍ଡା, ପ୍ରଭାତୀ ମହାରଣା, କ୍ଷେତ୍ରବାସୀ ସାହୁ, ରୋଜାଲିନ ମହାନ୍ତି, ଉର୍ମିଳା ଶତପଥି, ତପନ କୁମାର ବେହେରା, ଅକ୍ଷୟ ସାହୁ, ଜ୍ଞାନେନ୍ଦ୍ର ଶତପଥି, ନିରଞ୍ଜନ ପାଢ଼ୀ, ସବିତା ନାୟକ, ବାସୁଦେବ ଜେନା, ନିତ୍ୟାନନ୍ଦ ପାତ୍ର, ସଂଯୁକ୍ତା ସାହୁ, କାଦମ୍ବିନୀ ମହାନ୍ତି, ବଷ୍ଣୁ ଚରଣ ଛାଟୋଇ, ପ୍ରମୋଦ କୁମାର ଦାଶ ପ୍ରମୁଖଙ୍କ ସହିତ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତଥିଲେ।

## ମେରାଇନ ଥାନା ପକ୍ଷରୁ କ୍ରିକେଟ ମ୍ୟାଚ୍




ପାରାଦୀପ,୩୦ା୧୨(ସମିସ): ପାରାଦୀପ ନେହରୁ ବଙ୍ଗଳାଠାରେ ପୁଲିସ କମ୍ୟୁନିଟି ପକ୍ଷରୁ ଏକ କ୍ରିକେଟ୍ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଡିଙ୍କିଆ ପଞ୍ଚାୟତ କ୍ରିକେଟ ଟିମ୍ ଓ ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଡିଙ୍କିଆ ପଞ୍ଚାୟତ କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା। ଅତିଥି ଭାବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିରଞ୍ଜନ କର ଓ ମେରାଇନ ଥାନାର ଭାରପ୍ରାପ୍ତ ଅଧିକାରୀ ବବିତା ଦେହୁରୀ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ଗହଳି ରହିଥିଲା।

## ସଂଗଠିକା ଆରତୀ ଦାସଙ୍କ ପରଲୋକ



ଜଗତସିଂହପୁର,୩୦ା୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ସତ୍ୟସାଇ ସେବା ସଂଗଠନର ବରିଷ୍ଠ ସଦସ୍ୟା ତଥା ସୁସଂଗଠିକା ଆରତୀ ଦାସ (୯୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଏବଂ ପରୋପକାରୀ ମହିଳା ଥିଲେ। ପୁନଙ୍ଗ ସାଇମନ୍ଦିର ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ୧୯୯୧ ମସିହାରେ ସାଇ ମନ୍ଦିର ନିର୍ମାଣ କରିବା ତାଙ୍କର ମୁଖ୍ୟ ପରିକଳ୍ପନା ଥିଲା। ଆଜି ତାଙ୍କ ବିୟୋଗରେ ଏକ ବିରାଟ ଶୂନ୍ୟସ୍ଥାନ ହୋଇ ରହିଗଲା ବୋଲି ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆବାହକ କବିଚନ୍ଦ୍ର ବେହେରା, ରଜନୀକାନ୍ତ ଚୌଧୁରୀ, ପ୍ରତାପ ମହାନ୍ତି, ମହେନ୍ଦ୍ର ମଲ୍ଲିକ, ସ୍ମୃତିରଞ୍ଜନ ବେହେରା, ଶଶିରେଖା ବେହେରା, ଗୌରୀ ବେହେରା ଶ୍ରଦ୍ଧାଞ୍ଜଳି ପ୍ରଦାନ କରି କହିଛନ୍ତି।

## ମୁମ୍ବାଇରେ ଭାଗବତ କଥା ଆୟୋଜିତ




ଜଗତସିଂହପୁର,୩୦ା୧୨(ସମିସ): ଜୟ ଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ତତ୍ତ୍ୱାବଧାନରେ ମୁମ୍ବାଇର ମୀରାରୋଡ୍ ସ୍ଥିତ ଇଡେନ୍ ରୋଜ୍ ପରିସରର ଥିବା ଶିବମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ କଥା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଉପସ୍ଥିତି ରହି ଭାଗବତ ଶ୍ରବଣ କରିଥିଲେ। ଜୟ ଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ସଂସ୍ଥାପକ ପ୍ରସିଦ୍ଧ ଭାଗବତ କଥାବାଚକ ଏଚ୍‌ଜି ଗୋପୀକାନ୍ତ ଦାସଜୀ ଏହି କଥାର ପ୍ରବଚନ ଦେଇଥିଲେ। ଏହି ଅବସରରେ ମହାରାଷ୍ଟ୍ର ସରକାରଙ୍କ ପରିବହନ ମନ୍ତ୍ରୀ ପ୍ରତାପ ସରନାଇକ ଉପସ୍ଥିତ ରହି ଭକ୍ତମାନଙ୍କୁ ସମ୍ବୋଧନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମକୁ ନାରାୟଣ ମହାରଣା, ତପନ କୁମାର ମହାରଣା, କୃଷ୍ଣା ବେହେରା, କଳ୍ପନା ସାହୁ, ସତ୍ୟବୀର ସିଂହ, ମନୋରଞ୍ଜନ ପୃଷ୍ଟି ଓ ରଘୁନାଥ ସାହୁଙ୍କ ସହିତ ଅନେକ ଭକ୍ତବୃନ୍ଦଙ୍କ ପରିଚାଳନା କରିଥିଲେ।

### ପାରାଦୀପକୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ

# ମୁହାଣ, ପଥରବନ୍ଧ, ଲାଇଟ୍‌ହାଉସ୍ ପାଲଟିଛି ଆକର୍ଷଣ

ପାରାଦୀପ, ୩୦ା୧୨ (ସମିସ)



ଏବେ ଚାଲିଛି ପର୍ଯ୍ୟଟନ ଋତୁ, ଯାହାକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି ସମସ୍ତ ପର୍ଯ୍ୟଟନ ସ୍ଥଳ। ଏହି ସମୟରେ ହିଁ ବନ୍ଦରନଗରୀ ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ। ବଙ୍ଗୋପସାଗରର ନୀଳ ଜଳରାଶି, ସମୁଦ୍ର ଓ ମହାନଦୀର ମିଳନସ୍ଥଳୀ, ପଥରବନ୍ଧ, ଲାଇଟହାଉସ, ସାଇନ୍ସପାର୍କ, ଜଳଜୀବ ସଂଗ୍ରହାଳୟ, ପାରାଦୀପ ବନ୍ଦର ବୁଲି ଦେଖିବା ସହିତ ମନ୍ମତ ଉଦ୍ୟାନରେ ବଣଭୋଜିର ମଜା ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ବଣଭୋଜିର ଭୋଜିଭାତର ଆସର ସାଙ୍ଗକୁ ନାଚଗୀତରେ ବିଭୋର ହେଉଛନ୍ତି ପର୍ଯ୍ୟଟକ। ଯାହାକୁ ନେଇ ବନ୍ଦର ନଗରୀ ପାରାଦୀପ ପର୍ଯ୍ୟଟକଙ୍କ ସମାହାରରେ ହୋଇପଡ଼ୁଛି କୋଳାହଳ। ନେହରୁବଙ୍ଗଳା ନିକଟସ୍ଥ ମୁହାଣ ମୁହଁର ନୀଳ ଜଳରାଶିରେ ବୋଟରେ ବୁଲିବା ନିଆରା ମଜା ନେଉଛନ୍ତି ତ କିଏ ଭୋଜିଭାତ, ନାଚଗୀତର। ହେଲେ କିଛିବର୍ଷ ହେବ ପାରାଦୀପ ମ୍ୟୁନିସିପାଲିଟିର ଚାନ୍ଦା ଆଦାୟକୁ ନେଇ ପର୍ଯ୍ୟଟକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ମହିଳା ଏସ୍‌ଏଚ୍‌ଜି ଗ୍ରୁପ ମାନଙ୍କୁ ପିଣ୍ଡିର ରକ୍ଷଣାବେକ୍ଷଣ ଓ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସ୍ଥଳୀ କରିବାକୁ ମ୍ୟୁନିସିପାଲିଟିର ପ୍ରୟାସ ଧୀରେ ଧୀରେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ବୃଦ୍ଧି ପାଇବା ସହିତ ବୁଲା ଗାଈଗୋରୁଙ୍କ ଦୌରାତ୍ମ୍ୟ ସାଙ୍ଗକୁ ପିଣ୍ଡି ଭଡ଼ାଦେଇ ଭୋଜିଭାତ କରିବା ସ୍ଥଳ ଅପରିଷ୍କାର ରହୁଥିବା ନେଇ ଅଭିଯୋଗ ଆଣିଛନ୍ତି ଦୂର ଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ। ବିଭିନ୍ନ ସମୟରେ ବେଆଇନ ଭାବରେ ଚାନ୍ଦା ଆଦାୟ କରାଯିବା ସହିତ ପର୍ଯ୍ୟଟକ ଦୁର୍ବ୍ୟବହାର କରାଯାଉଥିବା ନେଇ ମଧ୍ୟ କିଛି ପର୍ଯ୍ୟଟକ ଅଭିଯୋଗ ଆଣିଛନ୍ତି। ପ୍ରକୃତିର ବରଦାନ ପାଲଟିଥିବା ପାରାଦୀପର ପର୍ଯ୍ୟଟନ ସ୍ଥଳୀକୁ ସଫା ରଖିବା ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବନ୍ଦୋବସ୍ତ କରାଗଲେ ପାରାଦୀପ ଓଡିଶା ପର୍ଯ୍ୟଟନରେ ପ୍ରମୁଖ ସ୍ଥାନ ପାଲଟିବ। ଯେଉଁଭଳି ପର୍ଯ୍ୟଟକଙ୍କ ଅଭିଯୋଗ ରହିଛି ଯଦି ଏହାକୁ ପୌରପ୍ରଶାସନ ସମାଧାନ ନ କରେ ତେବେ ଆଗାମୀ ବର୍ଷ ମାନଙ୍କରେ ପାରାଦୀପ ପର୍ଯ୍ୟଟକ ଶୂନ୍ୟ ହୋଇଯିବା ଭଳି ସମ୍ଭାବନା ସୃଷ୍ଟି ହୋଇଛି।

## ସମାଜସେବୀଙ୍କ ସ୍ମୃତିସଭା

ଏରସମା,୩୦ା୧୨(ସମିସ): ଏରସମା ବ୍ଲକ ଅଧିନ ସୋମପୁର ଗ୍ରାମରେ ବରିଷ୍ଠ ମୁରବି ତଥା ସମାଜସେବୀ ସପନି ବେହେରାଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଇନଜୀବୀ ବିରନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ମହିଳା କମିସନ ଅଧ୍ୟକ୍ଷା ଡ.ମିନତି ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୁର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡ.ରାଜଶ୍ରୀ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ପ୍ରଧାନ, ପୂର୍ବତନ ଶିଶୁ ବିଭାଗ କମିସନର କସ୍ତୁରୀ ମହାପାତ୍ର, ବିଜେଡି ରାଜ୍ୟ ସଂପାଦିକା ସୁମିତ୍ରା ଜେନା, ସୋୟା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଦାସ, କ୍ରିପକୋର ନିର୍ଦ୍ଦେଶକା କବିତା ପରିଡା, କର୍ପୋରେଟର ରଞ୍ଜୁଲତା ରାୟ ଯୋଗ ଦେଇ ସ୍ମୃତି ଚାରଣ କରିଥଲେ। ଶେଷରେ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

## ସମାଜସେବୀ ବିଭୂତି ଭୂଷଣଙ୍କ ପରଲୋକ



ତିର୍ତ୍ତୋଲ,୩୦ା୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ ଡଣ୍ଡୁଆ ଗ୍ରାମର ସମାଜସେବୀ ବିଭୂତି ଭୂଷଣ ପରିଜା (ମଣ୍ଟୁ)ଙ୍କ ହୃଦଘାତ୍‌ରେ ପରଲୋକ ହୋଇଯାଇଛି। ସେ ତିର୍ତ୍ତୋଲର ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାମନ୍ତରାୟଙ୍କ ପଟ୍ଟଶିଷ୍ୟ ଭାବେ କାର୍ଯ୍ୟ କରିଥିଲେ। ଜଣେ ସଂଗଠକ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ। ସେ କୋଲର୍ ପଞ୍ଚାୟତର ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ହୋଇ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ବିୟୋଗରେ କୋଲର୍ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



# ଅଭିନେତ୍ରୀଙ୍କ ଆତ୍ମହତ୍ୟା



ବେଙ୍ଗାଲୁରୁ, ୩୦।୧୨ (ଏଜେନ୍ସି): କନ୍ନଡ଼ ଏବଂ ତାମିଲ ସିନେ ଜଗତର ଲୋକପ୍ରିୟ ଅଭିନେତ୍ରୀ ନନ୍ଦିନୀ ସିଏମ ଆତ୍ମହତ୍ୟା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ବାସଭବନରୁ ସୋମବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ପୁଲିସ ଏକ ସୁଇସାଇଡ ନୋଟ ଉଦ୍ଧାର କରିଛି। ଏଥିରେ ଲେଖାଯାଇଛି ଯେ ବିବାହ ପାଇଁ ପରିବାର ଚାପ ପକାଉଥିବାରୁ ସେ ଅବସାଦଗ୍ରସ୍ତ ହୋଇ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏହା ସହିତ ବ୍ୟକ୍ତିଗତ ସମସ୍ୟା ମଧ୍ୟ ତାଙ୍କ ଉପରେ ଭାରି ହୋଇ ଯାଇଥିଲା। ତେବେ ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି। ତାମିଲ ଧାରାବାହିକ 'ଗୌରୀ'ରେ ନିଜ ଭୂମିକା ପାଇଁ ନନ୍ଦିନୀ ପ୍ରସିଦ୍ଧ ଥିଲେ। ସଂଯୋଗବଶତଃ କିଛି ଦିନ ତଳେ ତାଙ୍କ ଚରିତ୍ର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏବେ ସେ ଏଭଳି ପଦକ୍ଷେପ ନେଇଥିବାରୁ ଧାରାବାହିକକୁ ଏହା ସହ ଯୋଡ଼ି ଦେଖାଯାଉଛି।

# ୧୩ ଜଣଙ୍କୁ ଚାପିଦେଲା ବସ୍: ୪ ମୃତ, ୯ ଗୁରୁତର



ମୁମ୍ବଇ, ୩୦।୧୨ (ଏଜେନ୍ସି): ମୁମ୍ବଇର ଭାଣ୍ଡୁପ ରେଳ ଷ୍ଟେସନ ବାହାରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ବସ୍ ପଛକୁ ନେବା ସମୟରେ ନିୟନ୍ତ୍ରଣ ହରାଇ ୧୩ ପଥଚାରୀଙ୍କୁ ଚାପି ଦେଇଛି। ଏହି ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ୯ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବୃହନମୁମ୍ବଇ ଇଲେକଟ୍ରିକ ସପ୍ଲାଇ ଆଣ୍ଡ ଟ୍ରାନ୍ସପୋର୍ଟ (ବେଷ୍ଟ) ବସ୍ ଏହି ଦୁର୍ଘଟଣା ଘଟାଇ ଥିଲା। ଏହି ମାମଲାରେ ଡ୍ରାଇଭରକୁ ଗିରଫ କରାଯାଇଛି। ଏହି ସୂଚନା ପାଇ ପୁଲିସ, ଦମକଳ ବାହିନୀ ଏବଂ ବେଷ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ବସ୍‌ଟି ଏକ ବିଦ୍ୟୁତ ଖୁଣ୍ଟ ସହ ମାଡ଼ ହୋଇଥିଲା, ଫଳରେ ଏହା ଭାଙ୍ଗି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଫୁଟପାଥ୍‌କୁ କବ୍‌ଜା କରି ରଖା ଯାଇଥିବାରୁ ଲୋକେ ରାସ୍ତା ଉପରକୁ ଚାଲି ଯାଇଥିଲେ। ଏହି ସମୟରେ ବସ୍ ପଛ ପଟୁ ମାଡ଼ି ଯାଇଥିଲା।

# ୨୦୨୬ରେ ଭାରତ-ପାକିସ୍ତାନ ଯୁଦ୍ଧ!

- ଆମେରିକା ଥିଙ୍କ ଟ୍ୟାଙ୍କର ଦାବି
- କାରଣ ପାଲଟିବ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ
- ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି ଦୁଇ ଦେଶ



ୱାସିଂଟନ, ୩୦।୧୨ (ଏଜେନ୍ସି): ଆସନ୍ତା ବର୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ହୋଇପାରେ। କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ଏହାର କାରଣ ପାଲଟି ପାରେ। ଆମେରିକା ଥିଙ୍କଟ୍ୟାଙ୍କ 'କାଉନସିଲ ଅଫନ ଫରେନ ରିଲେସନ୍ସ (ସିଏଫଆର)' ପକ୍ଷରୁ ଏହି ଦାବି କରାଯାଇଛି। ସିଏଫଆରର 'କନଫ୍ଲିକ୍ଟ ଟୁ ୱାଚ ଇନ-୨୦୨୬'ରେ କୁହାଯାଇଛି ଯେ ଯଦି ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହେବ ତେବେ ଏହାର ପ୍ରଭାବ ଆମେରିକାର ସ୍ୱାର୍ଥ ଉପରେ ପଡ଼ିବ। ଜମ୍ମୁ-କଶ୍ମୀରରେ ଏବେ କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇ ନାହିଁ। ମାତ୍ର ଜମ୍ମୁ କ୍ଷେତ୍ରରେ ୩୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ ଅଛନ୍ତି ବୋଲି ଗୁଇନ୍ଦା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗତ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହେବାପରଠାରୁ ଉଭୟ ଦେଶ ଅସ୍ତ୍ରଶସ୍ତ୍ର କ୍ରୟ ବୃଦ୍ଧି କରିଛନ୍ତି। ଭାରତରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସମ୍ପ୍ରତି ୭୯,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁର କରିଛି। ଏହା ମାଧ୍ୟମରେ ଡ୍ରୋନ୍, ଆକାଶରୁ ଆକାଶ ମାଡ଼ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ଗାଇଡେଡ୍ ବୋମା କିଣା ଯିବ। ସେହିପରି 'ଅପରେସନ୍ ସିନ୍ଦୂର' ସମୟରେ ଦେଖା ଦେଇଥିବା ଦୁର୍ବଳତାକୁ ଦୂର କରିବା ପାଇଁ ପାକିସ୍ତାନ ତୁର୍କୀ ଏବଂ ଚୀନ୍ ଠାରୁ ନୂତନ ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଆଲୋଚନା ଆରମ୍ଭ କରିଛି। ରିପୋର୍ଟରେ ଆଉ ଏକ ବଡ଼ ବିପଦର ସଙ୍କେତ ମଧ୍ୟ ଦିଆଯାଇଛି। ୨୦୨୬ରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଜୋରାଦାର ହେବାର ସମ୍ଭାବନି ରହିଛି। କିନ୍ତୁ ଏଥିରେ ଆମେରିକାର ସ୍ୱାର୍ଥ ସେତେ ପ୍ରଭାବିତ ହେବ ନାହିଁ। ଅକ୍ଟୋବରରେ ୨,୬୦୦ କିମିର ଲମ୍ବା ଡୁରାଣ୍ଡ ଲାଇନ ସହିତ ପାକିସ୍ତାନ ଏବଂ ତାଲିବାନ ଶାସିତ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ଉଭୟ ଦେଶର ସେନା ଅନେକ ଅଞ୍ଚଳରେ ମୁହାଁମୁହିଁ ହୋଇଥିଲେ। ପରସ୍ପରର ସୀମା ପୋଷ୍ଟଗୁଡ଼ିକୁ ନଷ୍ଟ କରିଥିବା ଦାବି କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବଂ ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଦକ୍ଷିଣ ଏସିଆରେ ଆଗାମୀ ଦିନରେ ବଡ଼ ଭୂରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇପାରେ।


# ଶାହା-ମମତା ମୁହାଁମୁହିଁ



- ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବୁ: ଶାହା
- ପହଲଗାମ ଆକ୍ରମଣ ନିଜେ କରାଇଛ କି? ମମତାଙ୍କ ପ୍ରଶ୍ନ

କୋଲକାତା, ୩୦।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି। ରାଜ୍ୟ ଗସ୍ତର ଦ୍ୱିତୀୟ ଦିନରେ କୋଲକାତାରେ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ବିରୋଧରେ ରଣ ହୁଙ୍କାର ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ସେ କହିଛନ୍ତି ଯେ ମମତା ସରକାର ଅନୁପ୍ରବେଶକାରୀଙ୍କୁ ରୋକିପାରୁ ନାହିଁ। ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ। ଆଉ ଏହା ପରେ ରାଜ୍ୟରୁ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରିବୁ। ଏହାକୁ ରୋକିବା ପାଇଁ ଏକ 'ନ୍ୟାସନାଲ ଗ୍ରୀଡ୍' ନିର୍ମାଣ କରାଯିବ। ଶାହା ରାଜ୍ୟରେ ବ୍ୟାପିଥିବା ଭୟ, ଦୁର୍ନୀତି ଏବଂ କୁଶାସନକୁ ନେଇ ଶାସକ ଦଳକୁ ଶାହା କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତ ୧୫ ବର୍ଷ ଧରି ଟିଏମସି ଶାସନରେ ରାଜ୍ୟରେ ଅନୁପ୍ରବେଶ ବୃଦ୍ଧି ପାଇଛି। ଏହା ନାଗରିକଙ୍କ ଚିନ୍ତା ବଢ଼ାଇ ଦେଇଛି। ମମତା ସରକାରଙ୍କ ଦୁର୍ନୀତି କାରଣରୁ ପଶ୍ଚିମବଙ୍ଗର ବିକାଶ ଠପ୍ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଏଠାରେ 'ଟୋଲ୍ ସିଣ୍ଡିକେଟ୍'ର ଶିକାର ହୋଇଛି। ଗତ ୧୪ ବର୍ଷ ଧରି ଭୟ ଏବଂ ଦୁର୍ନୀତି ପଶ୍ଚିମବଙ୍ଗର ପରିଚୟ ପାଲଟିଛି। ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି। ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମମତା ଏହାର ଜବାବ ଦେଇ ବିଜେପିକୁ ପହଲଗାମ ଆକ୍ରମଣ ସମ୍ପର୍କରେ ପ୍ରଶ୍ନ ପଚାରିଛନ୍ତି। ଯଦି ଅନୁପ୍ରେବଶ ଖାଲି ପଶ୍ଚିମବଙ୍ଗରେ ହେଉଛି ତେବେ ଜମ୍ମୁ-କଶ୍ମୀରରେ କେମିତି ହେଲା? ପହଲଗାମ ଆକ୍ରମଣ ନିଜେ କରାଇ ଥିଲେ କି? ଦିଲ୍ଲୀ ଆକ୍ରମଣ ପଛରେ କିଏ ଥିଲା? ଏସଆଇଆର ନାମରେ ବିଜେପି ଲୋକଙ୍କୁ ସମସ୍ୟାରେ ପକାଉଛି ବୋଲି ଦିଦି ଅଭିଯୋଗ କରିଛନ୍ତି। ଶକୁନିର ଚେଲା ଦୁଃଶାସନ ରାଜ୍ୟକୁ ସୂଚନା ସଂଗ୍ରହ କରିବାକୁ ଆସିଛି ବୋଲି କହିଛନ୍ତି। ନିର୍ବାଚନ ଆସିବା ମାତ୍ରେ ଦୁଃଶାସନ ଏବଂ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ମିଳୁଛି। ମମତା ଜମି ଦେଉନାହିଁ ବୋଲି ଆଜି ବିଜେପି ଅଭିଯୋଗ କରୁଛି, ତା ହେଲେ ପେଟ୍ରାପୋଲ, ଅଣ୍ଡାଲରେ ଜମି କିଏ ଦେଇଥିଲା ବୋଲି ଦିଦି ପଚାରିଛନ୍ତି।



# ପ୍ରିୟଙ୍କା ଭଦ୍ରାଙ୍କ ପୁଅ ରେହାନଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): କଂଗ୍ରେସ ସାଂସଦ ଏବଂ ଶିଳ୍ପପତି ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରାଙ୍କ ନିର୍ବନ୍ଧ ହୋଇଛି। ପରିବାର ଲୋକ ଓ କିଛି ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ରେହାନ ସୋମବାର ନିଜ ପ୍ରେମିକା ଅଭିଭା ବେଗ୍‌ଙ୍କୁ ମୁଦି ପିନ୍ଧାଇଛନ୍ତି। ଏହାର ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ମାତ୍ର ଭଦ୍ରା କିମ୍ବା ବେଗ୍ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରେହାନ ଏବଂ ଅବିବା ୭ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ। ଅବିବା ନିଜ ପରିବାର ସହ ଦିଲ୍ଲୀର ରହୁଛନ୍ତି। ସେ ଇମ୍ରାନ ବେଗ ଏବଂ ଇଣ୍ଟେରିୟର ଡିଜାଇନର ନନ୍ଦିତା ବେଗଙ୍କ ଝିଅ। ଅଭିଭାଙ୍କ ମାଆ ହିଁ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନର ଡିଜାଇନ କରିଥିଲେ। ଭଦ୍ରା ପରିବାର ସହ ଅଭିଭା ପରିବାର ସମ୍ପର୍କ ବହୁତ ନିବିଡ଼ ଥିଲା।

# ୟେମେନ ବନ୍ଦରରେ ସାଉଦି ଆକ୍ରମଣ



- ୯୦ ଦିନ ପାଇଁ ୟେମେନରେ ଏମର୍ଜେନ୍ସି
- ସାଉଦି-ୟୁଏଇ ମଧ୍ୟରେ ଉତ୍ତେଜନା

ରିୟାଧ, ୩୦।୧୨ (ଏଜେନ୍ସି): ଉପସାଗରୀୟ କ୍ଷେତ୍ରର ଦୁଇ ଶକ୍ତିଶାଳୀ ଦେଶ ସାଉଦି ଆରବ ଏବଂ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ୟେମେନର ମୁକାଲା ବିମାନବନ୍ଦର ଉପରେ ସାଉଦି ମଙ୍ଗଳବାର ସକାଳେ ବୋମା ମାଡ଼ କରିଛି। ୟୁଏଇରୁ ଆସିଥିବା ଏହି ଜାହାଜ ଉପରେ ଆକ୍ରମଣ ହୋଇଛି। ଏହାକୁ ନେଇ ୟୁଏଇ ବିରକ୍ତି ପ୍ରକାଶ କରିଛି।

ୟୁଏଇର ଫୁଜୈରା ବନ୍ଦରରୁ ଆସିଥିବା ଦୁଇ ଜାହାଜରୁ ଏଠାରେ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଗାଡ଼ି ବାହାର କରାଯାଉଥିଲା ବୋଲି ସାଉଦି ଦାବି କିରଛି। ଏହି ଜାହାଜ ଗୁଡ଼ିକର ଟ୍ରାକିଂ ସିଷ୍ଟମ ବନ୍ଦ ଥିଲା। ଏହି ଅସ୍ତ୍ରଶସ୍ତ୍ର ସଦର୍ଣ୍ଣ ଟ୍ରାଞ୍ଜିସନାଲ କାଉନସିଲ (ଏସଟିସି) ନାମରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ପାଖକୁ ଯାଉଥିଲା। ଶାନ୍ତି ଏବଂ ସ୍ଥିରତା ଲାଗି ପ୍ରତି ବିପଦ ଥିବାରୁ ଆକ୍ରମଣ କରି ଧ୍ୱଂସ କରି ଦିଆଯାଇଛି।

ଅନ୍ୟପଟେ ୟୁଏଇ ଏଭଳି ଦାବିକୁ ଖଣ୍ଡନ କରିଦେଇଛି। ଜାହାଜରେ କୌଣସି ଅସ୍ତ୍ରଶସ୍ତ୍ର ନ ଥିବା କହିଛି। ଏହା ଏମିରଟ ସେନା ପାଇଁ ଥିଲା। ସବୁ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ୟୁଏଇ କହିଛି। ସେହିପରି ଆକ୍ରମଣ ପରେ ୟେମେନରେ ୯୦ ଦିନ ପାଇଁ ଏମର୍ଜେନ୍ସି ଲଗାଇ ଦିଆଯାଇଛି। ପ୍ରେସିଡେନସିଆଲ ଲିଡରସିପ କାଉନସିଲ ମୁଖ୍ୟ ରସାଦ ଅଲ-ଅଲିମ ୭୨ ଘଣ୍ଟା ପାଇଁ ଦେଶର ସବୁ ସୀମା ବନ୍ଦ କରିଦେଇଛନ୍ତି। ୟୁଏଇ ସହ ପ୍ରତିରକ୍ଷା ଚୁକ୍ତିକୁ ୟେମେନ ରଦ୍ଦ କରିଦେଇଛି। ୟୁଏଇ ସୈନିକଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୟୁଏଇ ଏବଂ ସାଉଦି ଉଭୟେ ଏକାଠି ହୋଇ ୟେମେନରେ ଆତଙ୍କବାଦୀଙ୍କ ବିରୋଧରେ ଲଢୁଛନ୍ତି। ମାତ୍ର ଏହି ଘଟଣା ଉଭୟ ରାଷ୍ଟ୍ର ମଧ୍ୟରେ ବିବାଦ ବଢ଼ାଇଛି।

# ଖାଇକୁ ଖସିଲା ବସ୍; ୭ ମୃତ

ଡେରାଡୁନ, ୩୦।୧୨ (ଏଜେନ୍ସି): ଉତ୍ତରାଖଣ୍ଡ ଆଲମୋଡାର ଭିକିୟାସେନ-ବିନାୟକ ମାର୍ଗର ଶିଳାପାଣି ନିକଟରେ ଏକ ବସ୍ ନିୟନ୍ତ୍ରଣ ହରାଇ ମଙ୍ଗଳବାର ସକାଳେ ୧୭୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏଥିରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ବସ୍‌ରେ ୨୮ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣାର ସୂଚନା ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ଟି ଦ୍ୱାରହାଟ-ଭିକିୟାସେନ-ବାସୋଟ ଦେଇ ରାମନଗର ଯାଉଥିଲା। ମାର୍ଗରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଥିଲେ।



# ଖାଲିଦା ଜିଆଙ୍କ ପରଲୋକ

- ପ୍ରଧାନମନ୍ତ୍ରୀ ମୋଦୀ, ଶେଖ ହସିନାଙ୍କ ଶୋକ
- ଅନ୍ତିମ ସଂସ୍କାରରେ ସାମିଲ ହେବେ ଜୟଶଙ୍କର

ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ମୁଖ୍ୟ ଖାଲିଦା ଜିଆ (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଖଲିଦା ଏକାଧିକ ରୋଗରେ ପୀଡ଼ିତ ଥିଲେ। ଢାକାର ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ପ୍ରାୟ ୨୦ ଦିନ ହେଲା ଭେଣ୍ଟିଲେଟରରେ ଥିଲେ। ହୃତ୍‌ପିଣ୍ଡ ସଂକ୍ରମଣ, ଯକୃତ, ବୃକକ, ମଧୁମେହ, ଷ୍ଟୋନ ଏବଂ ଆଖି ଜନିତ ସମସ୍ୟାରେ ସେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବାଂଲାଦେଶରେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି।

ଖାଲିଦା ଜିଆଙ୍କ କ୍ୟାରିୟର ବିବାଦପୂର୍ଣ୍ଣ ଥିଲା। ୧୯୭୧ ମୁକ୍ତି ସଂଗ୍ରାମ ପରେ ପାକିସ୍ତାନ ସେନା ଗୃହବନ୍ଦୀ କରି ରଖିଥିଲା। ସେ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ପାକିସ୍ତାନ କଏଦରେ ରହିଥିଲେ। ୧୯୭୧ ଡିସେମ୍ବରରେ ଭାରତଠାରୁ ପାକିସ୍ତାନ ହାରିବା ପରେ ଖାଲିଦା ଜିଆ ମୁକ୍ତ ହୋଇଥିଲେ। ମାତ୍ର ସେ ଭାରତର ତୀବ୍ର ବିରୋଧୀ ଥିଲେ। ପରେ ଖାଲିଦା ରାଜନୈତିକ ସଂଘର୍ଷ, ଆନ୍ଦୋଳନ ଏବଂ ଆକ୍ରମଣ ଦ୍ୱାରା ଘେରି ହୋଇ ଯାଇଥିଲେ। ୨୦୧୫ ଢାକା ମେୟର ନିର୍ବାଚନ ସମୟରେ ତାଙ୍କ କାର୍‌କେଡ ଉପରକୁ ଗୁଳି ମାଡ଼ ହୋଇଥିଲା। ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ପୂର୍ବତନ ରାଷ୍ଟ୍ରପତି ଜିଆଉର ରେହମାନଙ୍କ ପତ୍ନୀ ଖାଲିଦା ୧୯୯୧-୯୬ ଏବଂ ୨୦୦୧-୦୬ ପର୍ଯ୍ୟନ୍ତ ଦୁଇ ଥର ବାଂଲାଦେଶ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ଢାକା ଗସ୍ତ କରିବେ। ପାକିସ୍ତାନ ବିଦେଶମନ୍ତ୍ରୀ ଇସାକ ଡାର ମଧ୍ୟ ଏଥିରେ ଯୋଗ ଦେବେ। ଶେଖ ହସିନା କହିଛନ୍ତି ଯେ ଖାଲିଦାଙ୍କ ମୃତ୍ୟୁ ଯୋଗୁଁ ବାଂଲାଦେଶ ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଗଣତନ୍ତ୍ର ପ୍ରତିଷ୍ଠାରେ ସଂଘର୍ଷରେ ଖାଲିଦା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାକୁ ସବୁବେଳ ପାଇଁ ମନେ ରହିବ।

ଭାରତରେ ଜନ୍ମିତ ଖାଲିଦା ଜିଆଙ୍କର ରାଜନୈତିକ ଆଭିମୁଖ୍ୟ ସବୁବେଳେ ନୂଆଦିଲ୍ଲୀ ବିରୋଧୀ ରହିଥିଲା। ବାଂଲାଦେଶର ସାର୍ବଭୌମ ଏବଂ ସୁରକ୍ଷା ସବୁଠୁ ଜରୁରୀ ବୋଲି ସେ କହୁଥିଲେ। ଭାରତ ବିରୋଧରେ ବିଷୋଦଗାର କରି ସାମ୍ପ୍ରଦାୟିକ ନିଶାରେ ବୁଡ଼ିଥିବା ବାଂଲାଦେଶରେ ସେ ଲୋକପ୍ରିୟ ହୋଇଥିଲେ। ଗଙ୍ଗା ଜଳ ବଣ୍ଟନ ଚୁକ୍ତି ହେଉ କିମ୍ବା ଅନ୍ୟ କୌଣସି ଘଟଣାର ଖାଲିଦା ସବୁବେଳେ ଭାରତକୁ ଦାୟୀ କରି ଆସିଛନ୍ତି।

**ସାମାଜିକ ଗଣମାଧ୍ୟମ କମ୍ପାନୀଙ୍କୁ କେନ୍ଦ୍ରର ଚେତାବନୀ**

# ଅଶ୍ଳୀଳ ପୋଷ୍ଟ ହଟାଅ; ନଚେତ କେସ୍ ହେବ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଗୁଡ଼ିକୁ କେନ୍ଦ୍ର ସରକାର ମଙ୍ଗଳବାର ଚେତାବନୀ ଜାରି କରିଛନ୍ତି। ନିଜ ନିଜ ପ୍ଲାଟଫର୍ମରୁ ଅଶ୍ଳୀଳ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଶ୍ଳୀଳ, ଖରାପ, ପର୍ଣ୍ଣୋଗ୍ରାଫିକ, ଶିଶୁ ଯୌନ ଉତ୍ପୀଡ଼ନ ସମ୍ବନ୍ଧିତ ଏବଂ ବେଆଇନ ବିଷୟବସ୍ତୁକୁ ତୁରନ୍ତ ରୋକ ଲଗାଇବା ପାଇଁ କହିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବେ ତେବେ କମ୍ପାନୀ ବିରୋଧରେ ମାମଲା ଚାଲିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ମନ୍ତ୍ରାଳୟ (ମେଇଟି) ପକ୍ଷରୁ ଏ ନେଇ ସୋମବାର ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏଥିରେ ଇଣ୍ଟରନେଟ ପ୍ଲାଟଫର୍ମ ଗୁଡ଼ିକୁ ଆଇଟି ନିୟମ ସମ୍ବନ୍ଧିତ 'ଅନୁପାଳନ କାର୍ଯ୍ୟଖସଡ଼ା'ର ସମୀକ୍ଷା ପାଇଁ କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅପଲୋଡ, ଉପସ୍ଥାପନ ହେଉଥିବା, ସେୟାର କରାଯାଉଥିବା ସାମଗ୍ରୀ ଉପରେ ନଜର ରଖିବା ଏବଂ ବେଆଇନ ବିଷୟବସ୍ତୁ ଉପରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ନେବା କମ୍ପାନୀର ଦାୟିତ୍ୱ ବୋଲି କୁହାଯାଇଛି।

ଏହି ନିୟମ ପାଳନ ନ କଲେ କମ୍ପାନୀ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ କମ୍ପାନୀ ନୁହଁନ୍ତି, ପ୍ଲାଟଫର୍ମ ସହିତ ବ୍ୟବହାରକାରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହେବ। ଅନେକ ପ୍ଲାଟଫର୍ମ ଭୁଲ୍ ଏବଂ ଅଶ୍ଳୀଳ ବିଷୟବସ୍ତୁ ହଟାଇବାରେ କୋହଳ ନୀତି ଆପଣାଉଥିବା ଜଣାପଡ଼ିଛି। ତେଣୁ ନିୟମିତ ଭାବେ ଏବଂ ଦ୍ରୁତଗତିରେ ଏ ଦିଗରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ସଲ୍‌ମାନଙ୍କ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ରକୁ ନେଇ ଚୀନ୍ କ୍ଷୁବ୍ଧ




ବେଜିଂ, ୩୦।୧୨ (ଏଜେନ୍ସି): ସୁପରଷ୍ଟାର ସଲ୍‌ମାନ ଖାନ ନିଜ ଜନ୍ମଦିନରେ ଆଗାମୀ ଚଳଚ୍ଚିତ୍ର 'ବ୍ୟାଟେଲ ଅଫ ଗଲୱାନ'ର ଟ୍ରେଲର ଜାରି କରିଛନ୍ତି। ୨୦୨୦ରେ ଗଲୱାନରେ ଚୀନ୍-ଭାରତ ସେନା ମଧ୍ୟରେ ହୋଇଥିବା ସଂଘର୍ଷ ଉପରେ ଏହା ଆଧାରିତ। ଏଥିରେ କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ଚୀନ୍ ଅସହ୍ୟ ହୋଇଯାଇଛି। ଏହି ଫିଲ୍ମକୁ ସମାଲୋଚନା କରିଛି। ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୃଶ୍ୟ ସତ୍ୟଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ଚୀନ୍ ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଗ୍ଲୋବାଲ ଟାଇମ୍ସ ଏହାକୁ ନେଇ ଏକ ଆଲେଖ୍ୟ ଛାପିଛି। ଏହାର ଶୀର୍ଷକ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ର ଉପରେ ବିବାଦ ରହିଛି। ଏହି ଫିଲ୍ମ ଯେତେ ନାଟକୀୟ ହୋଇଥିଲେ ବି ଦେଶର ସୀମା ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି କୁହାଯାଇଛି। ଚୀନ୍ ଏବଂ ଭାରତର ସମ୍ବନ୍ଧରେ ସୁଧାର ଆସୁଥିବାବେଳେ ଏଭଳି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଭୁଲ୍। କେବଳ ଭାରତୀୟ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମ ଚୀନ୍ ବିରୋଧୀ ଭାବନାକୁ ପ୍ରୋତ୍ସାହନ ଦେବ ବୋଲି ବିଶେଷଜ୍ଞଙ୍କ ଆଧାରରେ ଆଲେଖ୍ୟରେ ଲେଖାଯାଇଛି। ଚୀନ୍ ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ପୋଷାକ ଏବଂ ଚୁଟି କାଟିବା ଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଉଛି। ବଲିଉଡ ଫିଲ୍ମ ମନୋରଞ୍ଜନ ପାଇଁ ହୋଇଥାଏ। ଏହା ଦ୍ୱାରା ଇତିହାସ ବଦଳି ଯିବନାହିଁ ବୋଲି ଚୀନ୍ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଛି ଯେ ଦେଶରେ ଚଳଚ୍ଚିତ୍ର ନିର୍ମାଣରେ କଳାତ୍ମକ ସ୍ୱାଧୀନତା ରହିଛି। ଏହି ସ୍ୱାଧୀନତା ବ୍ୟବହାର କରିବାରେ ଚଳଚ୍ଚିତ୍ର ନିର୍ମାତାଙ୍କ ଅଧିକାର ରହିଛି।

ଗଲୱାନରେ ଭାରତୀୟ ସେନାର ୧୬ ବିହାର ରେଜିମେଣ୍ଟର ଯବାନ ଚୀନ୍ ଔଦ୍ଧତ୍ୟର ଜବାବ ଦେଇଥିଲେ। ଏହି ଚଳଚ୍ଚିତ୍ର ଶିବ ଆରୋରା ଏବଂ ରାହୁଲ ସିଂହଙ୍କ ଲିଖିତ 'ଇଣ୍ଡିଆସ ମୋଷ୍ଟ ଫିୟରଲେସ-୩' ପୁସ୍ତକ ଉପରେ ଆଧାରିତ। ଚୀନ୍ ସହ ଲଢ଼ି ବୀର ଗତି ପ୍ରାପ୍ତ କରିଥିବା କର୍ଣ୍ଣେଲ ତଥା କମାଣ୍ଡିଂ ଅଫିସର ବିକୁମାଲା ସନ୍ତୋଷ ବାବୁଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ସଂଘର୍ଷରେ ଭାରତ ୨୦ ଯବାନଙ୍କୁ ହରାଇଥିବାବେଳେ ଚୀନ୍ ସତ ସ୍ୱୀକାର କରି ନ ଥିଲା। କେବଳ ୩ ଯବାନ ପ୍ରାଣ ହରାଇଥିବା କହିଥିଲା। କିନ୍ତୁ, ଚୀନ୍‌ର ୫୦ରୁ ଅଧିକ ଯବାନ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଥିଲା।

# ହସାଇବ, ହିଟ୍ କରିବ




ଚଳିତ ବର୍ଷ କିଛି ସିନେମା ରିଲିଜ୍ ନ ହୋଇପାରି ଅଟକି ରହିଲା। ଗୋଟିଏ ପଟେ କିଛି ସିନେମା ମୁକ୍ତିଲାଭ ନ କରିଥିଲେ ବି ତାହାର ଗୀତ ତଥା କାହାଣୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଇ ଯେମିତି ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ରିଲିଜ୍ ହୋଇ ନ ଥିବା ବେଳେ ଏହାର ଗୀତ 'ଜଲ୍‌ସା' ଖୁବ୍ ଲୋକପ୍ରିୟତା ସାଉଁଟି ପାରିଛି । ଅନ୍ୟପକ୍ଷରେ 'ମନ୍ତ୍ରମୁଗ୍ଧ', 'ଚକ୍ରାନ୍ତ', 'ଅପେକ୍ଷା' ଭଳି ଆହୁରି ଏକାଧିକ ସିନେମା ୨୦୨୬ରେ ମୁକ୍ତିଲାଭ କରି ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିବା ଆଶା ରହିଛି । 'ଇକ୍କିସ୍'ରୁ ବଲିଉଡ୍‌ର ନୂଆ ଯାତ୍ରା: ୨୦୨୬ ମସିହାରେ ବଲିଉଡ୍‌ରେ ଅନେକ ବଡ଼ ବଜେଟ୍‌ର ସିନେମା ରିଲିଜ୍ ହେବ । ପ୍ରତ୍ୟେକ ସିନେମାର କାହାଣୀ, ଗୀତ, କଳାକାର, ଆକ୍ସନ ସବୁ ଦିଗରୁ ନୂଆପଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ତେବେ ବଲିଉଡ୍‌ର ନୂଆ ଯାତ୍ରା 'ଇକ୍କିସ୍'ରୁ ଆରମ୍ଭ ହେବ। କାରଣ ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କ ଅଭିନୀତ ଏହା ହେଉଛି ଶେଷ ସିନେମା। ଜାନୁଆରୀ ୧ ତାରିଖରେ 'ଇକ୍କିସ୍' ମୁକ୍ତିଲାଭ କରିବ। ତେବେ ଅନୁରାଗ ସିଂହଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା 'ବର୍ଡର-୨' ଜାନୁଆରୀ ୨୩ରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ୨୦୨୬ରେ ରାଣୀ ମୁଖାର୍ଜୀ ପୁଣି ଥରେ ଶିବାନୀ ଶିବାଜୀ ରୟ ଚରିତ୍ରରେ ବଡ଼ ପରଦାକୁ ଫେରିବେ। ଅଭିରାଜ ମୀନାୱାଲାଙ୍କ ନିର୍ଦ୍ଦେଶିତ 'ମର୍ଦ୍ଦାନୀ-୩' ଫେବୃଆରୀ ୨୭ରେ ମୁକ୍ତିଲାଭ କରିବ। ସେହିପରି ଯଶ୍‌ଙ୍କ ଅଭିନୀତ ସିନେମାକୁ ବି ଦର୍ଶକେ ଉତ୍ସୁକତାର ସହ ଚାହିଁ ରହିଛନ୍ତି। ତାଙ୍କ ଅଭିନୀତ ସିନେମା 'ଟକ୍ସିକ୍' ପ୍ରଥମେ ୨୦୨୫ରେ ମୁକ୍ତିଲାଭ କରିଥାନ୍ତା। କୌଣସି କାରଣବଶତଃ ଏହା ଅଟକି ରହିଲା। ଏଣୁ ଏହା ୨୦୨୬ ମାର୍ଚ୍ଚ ୧୯ରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି। କେବଳ ସେତିକି ନୁହେଁ, 'ଭୂତ ବଙ୍ଗଳା', 'ଆୱାରାପନ -୨', 'ବ୍ୟାଟଲ ଅଫ୍ ଗଲୱାନ', 'ନାଗଜିଲା', 'ଦୃଶ୍ୟମ ୩', 'କିଙ୍ଗ', 'ଲଭ୍ ଆଣ୍ଡ ୱାର୍', 'ସ୍ପିରିଟ୍', 'ଲାହୌର -୧୯୪୭', 'ଗବରୁ', 'ଚାନ୍ଦ ମେରା ଦିଲ୍' ଭଳି ଆହୁରି କିଛି ସିନେମା ପ୍ରେକ୍ଷାଳୟକୁ ଆସିବାର ଯୋଜନା ଅଛି।

## 'ୱାଇଫ୍'ରୁ ଆରମ୍ଭ 'ଲଢ଼େଇ'ରେ ଶେଷ



୨୦୨୫ ପ୍ରାରମ୍ଭରେ ପ୍ରଥମେ ମୁକ୍ତିଲାଭ କରିଥିଲା ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ ସିନେମା 'ୱାଇଫ୍'। ଜାନୁଆରୀ ୩ରେ ଏହା ରିଲିଜ୍ ହୋଇଥିଲା ଏବଂ ଏହାର କାହାଣୀକୁ ଦର୍ଶକେ ପସନ୍ଦ କରିଥିଲେ। ମୁଖ୍ୟତଃ ସିନେମାଟିକୁ ବର୍ଷାଙ୍କ ଜୀବନୀ ସହିତ ଯୋଡ଼ି ଦେଖାଯାଇଥିଲା । ସେହିପରି ରଜରେ ପରଦାକୁ ଆସିଥିଲା ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ସିନେମା 'ଅନନ୍ତା' । ସିନେମାଟି ଏହି ବର୍ଷ ବିବାଦ ସହିତ ଖୁବ୍ ଚର୍ଚ୍ଚାର ପରିସରକୁ ଆସିଥିଲା। ପ୍ରଥମେ ସିନେମାଟି 'ରାଣ୍ଡୀ ପୁଅ ଅନନ୍ତା' ନାଁରେ ରିଲିଜ୍ ହୋଇଥାନ୍ତା । ହେଲେ ସିନେମାର ଏଭଳି ନାମକରଣ ନାରୀ ଜାତି ପାଇଁ ଅସମ୍ମାନ ବୋଲି ଚର୍ଚ୍ଚା ହେବାରୁ ନାଁରେ ପରିବର୍ତ୍ତନ ଅଣାଗଲା । ସେଇଠୁ ଏହା 'ଅନନ୍ତା' ଭାବେ ମୁକ୍ତିଲାଭ କଲା । କଥାସମ୍ରାଟ ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା'ର ଅବଲମ୍ବନରେ ଏହାର କାହାଣୀ ପ୍ରସ୍ତୁତ। ସେହିପରି ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମା ବହୁ ସପ୍ତାହ ଧରି ହାଉସ୍ ଫୁଲ୍ ରହିଲା ଏବଂ ଦର୍ଶକେ ସିନେମାଟିକୁ ଖୁବ୍ ପସନ୍ଦ କଲେ । ସେହିପରି ଅର୍ଚ୍ଚିତାଙ୍କ ଅଭିନୀତ 'ପାଦେ ଆକାଶ' ଏବଂ 'ଡେଲିଭରି ବୟ-୨, 'ନବକଳେବର', ଏଲିନା ଏବଂ ଅର୍ଦ୍ଧେନ୍ଦୁ ଅଭିନୀତ ସିନେମା 'ଚ୍ୟାଲେଞ୍ଜ', ଅନୁଭବଙ୍କ ଅଭିନୀତ 'ଚାରିଧାମ' ବି ଦର୍ଶକଙ୍କୁ ହଲ୍ ମୁହାଁ କରାଇଛି । କେବଳ ସେତିକି ନୁହେଁ, 'ଘମାଘୋଟ୍', 'ଛିରେ ନନି', 'ଡଷ୍ଟବିନ୍', 'ଆଜିର ରେବତୀ' ଏବଂ 'ମଟରସାଇକେଲ୍' ଭଳି ଆହୁରି କିଛି ସିନେମା ଏହି ବର୍ଷ ଖୁବ୍ ଲୋକପ୍ରିୟତା ସାଉଁଟୁଛି । ଅନ୍ୟପଟେ ଏହି ବର୍ଷର ଶେଷ ଓଡ଼ିଆ ସିନେମା ହେଉଛି 'ଲଢ଼େଇ' ।




## ବ୍ଲକ୍‌ବଷ୍ଟର୍ 'ବୋଉ ବୁଟୁ ଭୂତ'

୨୦୨୫ରେ ରଜ ଅବସରରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ' । ସିନେମାଟିକୁ ବ୍ୟାବସାୟିକ ସଫଳତା ମିଳିଛି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ବାବୁସାନ, ଅର୍ଚ୍ଚିତା ଓ ଅପରାଜିତା । ଏହି ସିନେମାଟି ବକ୍ସ ଅଫିସ୍‌ରେ ଚହଳ ସୃଷ୍ଟି କରିଥିଲା। ସର୍ବାଧିକ ଆୟକାରୀ ଓଡ଼ିଆ ଚଳଚ୍ଚିତ୍ର ଭାବେ ରେକର୍ଡ କଲା । ଏପରିକି ବଲିଉଡ୍ ସିନେମା 'ଛାୱା'କୁ ପଛରେ ପକାଇଲା ଏହି ହରର୍ କମେଡି ସିନେମା । ସିନେମା ରିଲିଜ୍ ହେବାର ଦୁଇ ଦିନରେ ଏହା କୋଟିଏରୁ ଅଧିକ ଆୟ କରି ରେକର୍ଡ କରିଥିଲା । ଅନ୍ୟପଟେ ଏହି ସିନେମାଟି ସମୁଦାୟ ୨୦ କୋଟିରୁ ଅଧିକ ଆୟ କରିଛି । ତେବେ ଏହି ସିନେମାଟି ବଲିଉଡ୍ ପ୍ରଯୋଜନା ସଂସ୍ଥା ଧର୍ମା ପ୍ରଡକସନର ଦୃଷ୍ଟି ଆକର୍ଷଣ କରିପାରିଛି । ଏହାକୁ ହିନ୍ଦୀରେ ରିମେକ୍ କରିବା କୁହାଯାଇଥିଲା ।




## ଆରପାରିରେ

ଚଳିତ ବର୍ଷ ଉଭୟ ଓଲିଉଡ୍ ଏବଂ ବଲିଉଡ୍ ଅନେକ କଳାକାରଙ୍କୁ ହରାଇଛି । ଓଲିଉଡ୍‌ର ସୁପର୍‌ଷ୍ଟାର ତଥା ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତି, ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ ଘଟିଛି । ସେହିପରି ବଲିଉଡ୍‌ର 'ହି ମ୍ୟାନ୍' ଭାବେ ପରିଚିତ ଧର୍ମେନ୍ଦ୍ରଙ୍କର ୮୯ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ସେହିପରି ଗୋବର୍ଦ୍ଧନ ଆଶ୍ରାନୀ, ଶେଫାଳି ଜରିୱାଲା, ପଙ୍କଜ ଧୀର, ସୁଲକ୍ଷଣା ପଣ୍ଡିତଙ୍କର ପରଲୋକ ଖବର ସମସ୍ତଙ୍କୁ ମର୍ମାହତ କରିଥିଲା ।



## ସିକ୍ୱେଲର ବର୍ଷ

୨୦୨୫ରେ ବଲିଉଡ୍‌ରେ ଅନେକ ବହୁ ପ୍ରତୀକ୍ଷିତ ସିକ୍ୱେଲ ସିନେମା ମୁକ୍ତିଲାଭ କରିଛି । 'ରେଡ୍-୨', 'ୱାର୍-୨', 'ବାଗି-୪', 'ମସ୍ତି-୪', 'କେଶରୀ ଚାପ୍ଟର-୨', 'ହାଉସ୍‌ଫୁଲ-୫', 'ଦେ ଦେ ପ୍ୟାର୍ ଦେ-୨', 'ୱାର୍-୨', 'ଜଲି ଏଲ୍‌ଏଲ୍‌ବି-୩', 'ସିତାରେ ଜମିନ୍ ପର୍', 'ସନ୍ ଅଫ୍ ସର୍ଦ୍ଦାର-୨', 'ଧଡକ୍-୨', 'ମେଟ୍ରୋ ଇନ୍ ଦିନୋ' ସିନେମା ମୁକ୍ତିଲାଭ କରିଥିଲା । ଏଥିରୁ ଅନେକ ସିନେମା ବକ୍ସଅଫିସ୍ରେ ଭଲ ଆୟ କରିଥିବା ବେଳେ ଆଉ କିଛି ସିକ୍ୱେଲ ସିନେମାକୁ ଦର୍ଶକୀୟ ଆଦୃତି ମିଳିପାରି ନାହିଁ ।




ଅନ୍ୟପଟେ ଏହିବର୍ଷର ବଲିଉଡ୍ର ଚର୍ଚ୍ଚିତ ସିନେମା ମଧ୍ୟରୁ ଅନ୍ୟତମ 'ଛାବା' । ଫେବୃଆରୀ ୧୪ରେ ମୁକ୍ତିଲାଭ କରିଥିବା ଏହି ସିନେମା ବିଶ୍ୱବ୍ୟାପୀ ୮୦୭.୯୧ କୋଟି ଟଙ୍କା ଆୟ କରିଥିଲା । ଐତିହାସିକ ଆକ୍ସନ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଭିକ୍କି କୌଶଲ ଏବଂ ରଶ୍ମିକା ମନ୍ଦାନା । ସେହିପରି କମ୍ ପ୍ରଚାର ପ୍ରସାରରେ ଜୁଲାଇ ୧୮ରେ ମୁକ୍ତିଲାଭ କରିଥିଲା 'ସୈୟାରା' । ଏହାର ଗୀତ ଖୁବ୍ ଭାଇରାଲ ହୋଇଥିଲା ।

## ସବ୍ୟ-ଦେବାଶିଷଙ୍କ 'ଫିଟ୍ ଟୁ ଫ୍ୟାଟ୍'

୨୦୨୫ ମସିହାରେ ଓଡ଼ିଆ ସିନେମା କେବଳ, କାହାଣୀ, ଗୀତ କିମ୍ବା ବକ୍ସଅଫିସ୍‌ର ଆୟକୁ ନେଇ ଚର୍ଚ୍ଚାରେ ରହିଲା, ତାହା ନୁହେଁ । ସିନେମାରେ ଏଥର କଳାକାରଙ୍କ 'ଫିଟ୍ ଟୁ ଫ୍ୟାଟ୍'ର ଯାତ୍ରା ବି ଦେଖିବାକୁ ମିଳିଲା । ସାଧାରଣତଃ ଅଭିନେତା ନିଜକୁ ଫିଟ୍ ରଖୁଥିବା ବେଳେ ଏଥର କିଭଳି ଓଜନ ବୃଦ୍ଧି କରିବେ, ତାହା ସେମାନଙ୍କ ପାଇଁ ଏକପ୍ରକାର ଆହ୍ୱାନ ସୃଷ୍ଟି କରିଥିଲା । ଅବଶ୍ୟ ଏ ଲାଗି ସେମାନଙ୍କୁ ବହୁତ ପରିଶ୍ରମ ବି କରିବାକୁ ପଡ଼ିଛି । ଯେମିତି ଖାଦ୍ୟ ଖାଇଲେ, ସେମିତି ଝାଳ ବି ବୁହାଇଲେ । ୨୦୨୫ରେ ଅଭିନେତା ସବ୍ୟସାଚୀ ଏବଂ ଦେବାଶିଷ ନିଜ ଓଜନ ବୃଦ୍ଧିକୁ ନେଇ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କଲେ। ସବ୍ୟସାଚୀ 'ଅନନ୍ତା' ସିନେମା ଲାଗି ନିଜ ଓଜନ ବଢ଼ାଇ ଥିବା ବେଳେ ଦେବାଶିଷ 'ଗଣ୍ଡ ଭୈରବ' ପାଇଁ ଓଜନ ବୃଦ୍ଧି କଲେ । ଅବଶ୍ୟ ଏଇ ଦୁଇ କଳାକାର ଯେମିତି ଓଜନ ବଢ଼ାଇଲେ ସେମିତି ଓଜନ କମ୍ ବି କଲେ । ଓଜନ କମ୍ ବେଶିକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦେବାଶିଷ ୨୦ କେଜି ଓଜନ ବଢ଼ାଇବା ସହ ୩ ମାସରେ ସେ ୨୦ କେଜି ଓଜନ କମାଇଲେ । ସେହିପରି ସବ୍ୟ ଏବେ 'ଲ୍ୟାଣ୍ଡଫଲ' ସିନେମା ପାଇଁ ୨ ମାସ ମଧ୍ୟରେ ୩୦ କେଜି ଓଜନ ହ୍ରାସ କରିଛନ୍ତି ।

## ଶ୍ରେଷ୍ଠ ସିନେମା 'ପୁଷ୍କରା'

ଶଙ୍କର ତ୍ରିପାଠୀଙ୍କ ନାଦବିନ୍ଦୁ ଉପନ୍ୟାସ ଉପରେ ପର୍ଯ୍ୟବସିତ ସିନେମା 'ପୁଷ୍କରା'କୁ ୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କ୍ରମରେ ଆଞ୍ଚଳିକ ଭାଷା ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ସବ୍ୟସାଚୀ ଏବଂ ସୁପ୍ରିୟା। ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ ।



## ବର୍ଷକର ବିବାଦ

ଚଳିତ ବର୍ଷ କିଛି ବିବାଦ ଏମିତି ଥିଲା ଯାହାର ଚର୍ଚ୍ଚା ବର୍ଷର ବିଭିନ୍ନ ସମୟରେ ଲାଗି ରହିଲା। ବର୍ଷ ପ୍ରାରମ୍ଭରେ ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହିପରି 'ହେରାଫେରୀ-୩'ରେ ଅକ୍ଷୟ କୁମାର, ସୁନୀଲ ସେଟ୍ଟି ଏବଂ ପରେଶ ରାୱଲ ନଜର ଆସିଥାନ୍ତେ । ତିନି ଜଣ ଫିଲ୍ମର ପ୍ରମୋସନାଲ୍ ସୁଟିଂ ମଧ୍ୟ କରିଥିଲେ। ହେଲେ ଅଚାନକ ପରେଶ ଫିଲ୍ମ କରିବେନି ମନା କଲେ। ଏହି ସିନେମାର ପ୍ରଯୋଜନା ଅକ୍ଷୟ କୁମାର କରୁଥିବା ବେଳେ ଏନେଇ ପରେଶଙ୍କୁ ଲିଗାଲ ନୋଟିସ୍ ପଠାଯାଇ ଥିଲା। ଦୀର୍ଘ ସମୟ ଧରି ଏହା ବିବାଦ ଓ ଚର୍ଚ୍ଚାରେ ରହିଲା ଏବଂ ଶେଷରେ ପରେଶ ଏହି ସିନେମାକୁ ଲେଉଟିଲେ । ଅନ୍ୟପଟେ ଦୀପିକା ପାଦୁ୍ୟକୋନ ଏବଂ ପ୍ରଭାସକୁ ନେଇ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ସ୍ପିରିଟ୍' ସିନେମା ନିର୍ମାଣ କରିବାକୁ ଚାହୁଁଥିଲେ। ତେବେ ଏହି ସିନେମା ପାଇଁ ଦୀପିକା ଆଠ ଘଣ୍ଟା କାମ କରିବାକୁ କହିବା ସହ ଅନେକ କିଛି ଦାବି ମଧ୍ୟ ରଖିଥିଲେ । ତାଙ୍କ ଦାବିକୁ ଦେଖି ଦୀପିକାଙ୍କ ବଦଳରେ ସନ୍ଦୀପ ତୃପ୍ତି ଡିମରିଙ୍କୁ ନେଲେ। ଅବଶ୍ୟ ଏହି ମାମଲାକୁ ନେଇ ଇଣ୍ଡଷ୍ଟ୍ରିରେ କାମର ସମୟ ସୀମାକୁ ନେଇ ବିବାଦ ଓ ବିତର୍କ ଲାଗି ରହିଥିଲା । ଅନ୍ୟପଟେ ୨୦୨୫ରେ ଅଭିନେତା ଗୋବିନ୍ଦା ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଖୁବ୍ ଚର୍ଚ୍ଚାରେ ରହିଲେ । ବିଶେଷକରି ସୁନୀତାଙ୍କ ସହ ଗୋବିନ୍ଦାଙ୍କ ଛାଡ଼ପତ୍ର ଏବଂ ପରକୀୟା ପ୍ରୀତି ମାମଲା ଚର୍ଚ୍ଚା ହେବାରୁ ସମସ୍ତେ ଆଶ୍ଚର୍ଯ୍ୟ ରହିଲେ ।




## ୨୦୨୬ରେ ନୂଆ ସମ୍ଭାବନା ନେଇ ଆସୁଛି ଓଡ଼ିଆ ସିନେମା



ଅନେକ କିଛି ରେକର୍ଡ ଭାଙ୍ଗିଛି ୨୦୨୫ର କିଛିଟା ଓଡ଼ିଆ ସିନେମା। କେତେକ ସିନେମା ଦର୍ଶକଙ୍କୁ ନ୍ୟାୟ ଦେଇପାରି ନାହିଁ। ତେବେ ଅନେକ ଆଶା ଓ ସମ୍ଭାବନାକୁ ନେଇ ସ୍ୱାଗତ କରିବା ୨୦୨୬କୁ। Studio 3SIXTY 5...... ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ଅନେକ ନୂଆ କଳାକାରଙ୍କ ଭବିଷ୍ୟତ ଗଢ଼ିବ ବୋଲି ମୋର ଆଶା ଓ ବିଶ୍ୱାସ. । ନିର୍ଦ୍ଦେଶକ ଆନନ୍ଦ କୁମାରଙ୍କ ଅତୀତରେ ନିର୍ଦ୍ଦେଶିତ ସିନେମା ଭିତରୁ 'ଅପେକ୍ଷା' କିଛି ସ୍ୱତନ୍ତ୍ରତା ବହନ କରେ। ଏହା ଏକ ପ୍ରେମକାହାଣୀ ଉପରେ ଆଧାରିତ ସିନେମା। ପ୍ରେତାତ୍ମାର ଭୟ ମଧ୍ୟ ଦେଖାଯାଇଛି ଏହି ଫିଲ୍ମରେ। ନୂଆ ହିରୋ ସାର୍ଥକଙ୍କ ମୁକ୍ତିଲାଭ କରିବାକୁ ଥିବା ଏହା ପ୍ରଥମ ଚଳଚ୍ଚିତ୍ର। ଯଦିଓ ସେ ଏହା ଭିତରେ ଆହୁରି କିଛି ସିନେମା କରିସାରିଛନ୍ତି । ସେହିପରି ବାରିପଦାର ଅଭିନେତ୍ରୀ ଶୁଭାଙ୍ଗୀ ସମ୍ପୂର୍ଣ୍ଣ ନୂଆ ନ ହେଲେ ମଧ୍ୟ ଏଥିରେ ଭଲ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ୨୦୨୬ ମସିହାରେ ମୁକ୍ତି ଲାଭ କରିବାକୁ ଥିବା 'ଅପେକ୍ଷା' ଚଳଚ୍ଚିତ୍ର ଓଡ଼ିଶାର ଦର୍ଶକମାନଙ୍କୁ ନିଶ୍ଚୟ ଭଲ ଲାଗିବ ଆଶା କରିବି । -ଡ. କେ. ତମନ୍ନା , ପ୍ରଯୋଜକ, 'ଅପେକ୍ଷା' ସିନେମା

## ବାଜିଲା ସାହାନାଇ



୨୦୨୫ ମସିହାରେ ଓଲିଉଡ୍ ତଥା ବଲିଉଡ୍‌ର ଅନେକ କଳାକାର ନୂଆ ବୈବାହିକ ଜୀବନ ଆରମ୍ଭ କରିଛନ୍ତି । ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଜାଗୃତି ଶୁକ୍ଳାଙ୍କୁ ବିବାହ କଲେ। ସେହିପରି ଅଭିନେତା ଜ୍ୟୋତି ଅଭିନେତ୍ରୀ ସିମରନଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଅରମାନ ମଲିକ୍ ଇନଫ୍ଲୁଏନସର ଆସାନ ଶ୍ରଫ୍‌କୁ ବିବାହ କରିଛନ୍ତି । ବର୍ଷର ଶେଷ ମାସ ଡିସେମ୍ବରରେ ସାମନ୍ଥା ରୁଥ୍ ପ୍ରଭୁ ନିର୍ଦ୍ଦେଶକ ତଥା ପ୍ରଯୋଜକ ନିଦିମୋରୁଙ୍କ ବିବାହ କଲେ। ଏହାବାଦ୍ ଟିଭିର ଲୋକପ୍ରିୟ ଅଭିନେତ୍ରୀ ହୀନା ଖାନ୍ ରକି ଜୟସବାଲାଙ୍କୁ ବାହା ହୋଇଛନ୍ତି ।

## ୨୦୨୬କୁ ଅପେକ୍ଷା

କେଇ ଘଣ୍ଟାର ଅପେକ୍ଷା। ବିଦାୟ ନେବ ୨୦୨୫ ବର୍ଷ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଓଲିଉଡ୍ ଓ ବଲିଉଡ୍‌ରେ ଅନେକ ସିନେମା ମୁକ୍ତିଲାଭ କରିଛି । ଅନେକ ସିନେମାରେ ଜବରଦସ୍ତ ଆକ୍ସନ, ହୃଦୟସ୍ପର୍ଶୀ କାହାଣୀ, ଦମ୍‌ଦାର କମେଡି, ସାମାଜିକ ବାର୍ତ୍ତା ଏବଂ ଆକର୍ଷଣୀୟ ଦୃଶ୍ୟର ଏକ ଭରପୂର ମନୋରଞ୍ଜନର ମିଶ୍ରଣ ଦେଖିବାକୁ ମିଳିଲା । ତା'ସହ ଐତିହାସିକ ତଥା ଆଧ୍ୟାତ୍ମିକ କାହାଣୀ, ଆକ୍ସନ-ୱାର୍ ସିନେମା ସିନେପ୍ରେମୀଙ୍କୁ ମଧ୍ୟ ହଲ୍ ମୁହାଁ କରାଇପାରିଛି । ତେଣୁ ୨୦୨୫ରେ ମୁକ୍ତିଲାଭ କରିଥିବା ସିନେମା କେବଳ ଦର୍ଶକଙ୍କ ମନୋରଞ୍ଜନ କରି ନାହିଁ, ବରଂ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ମଧ୍ୟ ଛାଡ଼ି ଦେଇଛି । କିଛି ସିନେମା ବଡ଼ ବଜେଟ୍ ପାଇଁ ଚର୍ଚ୍ଚାରେ ରହିଥିବା ବେଳେ ଆଉ କିଛି ବ୍ୟାବସାୟିକ ସଫଳତା ଲାଭ କରିଛି । ଏହାରି ଭିତରେ କିଛି କଳାକାର ଦାମ୍ପତ୍ୟ ଜୀବନର ଶୁଭାରମ୍ଭ କରିଛନ୍ତି । ସେହିପରି ସିନେ ଜଗତରେ କିଛି ଦୁଃଖଦ ତଥା ବିବାଦୀୟ ଘଟଣା ବି ଘଟିଛି । ଆମେ ଆମର ଅନେକ ପ୍ରିୟ କଳାକାରଙ୍କୁ ବି ହରାଇଛୁ । ତମାମ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ସେଭଳି କେତେକ ଘଟଣା ଏବଂ ୨୦୨୬ ମୁକ୍ତିଲାଭ ଅପେକ୍ଷାରେ ଥିବା କିଛି ସିନେମାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## 'ଧୁରନ୍ଧର'ର ଧୂଆଁଧାର୍ ବେପାର

୨୦୨୫ରେ ଏକାଧିକ ହିନ୍ଦୀ ସିନେମା ମୁକ୍ତିଲାଭ କରିଥିବା ବେଳେ ସେଥିରୁ ଗୋଟିଏ ସିନେମା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହା କେବଳ ୧୯ ଦିନରେ ୧୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିଥିଲା । ଡିସେମ୍ବର ୫ ତାରିଖରେ ମୁକ୍ତିଲାଭ କରିଥିଲା 'ଧୁରନ୍ଧର' । ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ତଥା ରଣବୀର ସିଂହଙ୍କ ଅଭିନୀତ ଏହି ସିନେମା ବିଶ୍ୱସ୍ତରରେ ହଜାରେ କୋଟି ଟଙ୍କା ଅତିକ୍ରମ କରିଛି। ସ୍ପାଇ-ଆକ୍ସନ-ଥ୍ରିଲର ଉପରେ ଆଧାରିତ ଏହି ସିନେମାଟିକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି ।




## ଖୁସି ଖବର

ଓଡ଼ିଆ ସିନେମାର ଆଗଧାଡ଼ିର ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଘରକୁ ନୂଆ ଅତିଥିଙ୍କ ଆଗମନ ହୋଇଛି । ପୁତ୍ର ସନ୍ତାନର ବାପା-ମାଆ ହୋଇଛନ୍ତି ଅର୍ଦ୍ଧେନ୍ଦୁ ଓ ପଲ୍ଲବୀ। ଦୁହେଁ ଏହି ଖୁସି ଖବରକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ସେହିପରି ଖୁବ୍ ଶୀଘ୍ର ସବ୍ୟସାଚୀ ଏବଂ ଅର୍ଚ୍ଚିତାଙ୍କ ଘରକୁ ନୂଆ ଅତିଥି ଆସିବାର ଖୁସି ଖବର ଦେଇଛନ୍ତି ଏଇ ଦୁଇ ତାରକା ସ୍ୱାମୀ-ସ୍ତ୍ରୀ । କାରଣ ଅର୍ଚ୍ଚିତା ଏବେ ଗର୍ଭବତୀ ଅଛନ୍ତି। ଆଗକୁ ବାପା-ମାଆ ହେବା ଖବର ଦୁହେଁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ସମସ୍ତଙ୍କ ଆଶୀର୍ବାଦ କାମନା କରିଛନ୍ତି । ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି।

# ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌ରୁ ଶ୍ରେୟସ ଆୟର ଆଉଟ୍



**ବେଙ୍ଗାଲୁରୁ,୩୦।୧୨(ଏଜେନ୍ସି):** ଫିଟନେସ ଲାଗି ଓଜନ ହରାଇବା ଜରୁରୀ। କିନ୍ତୁ ଅଧିକ ଓଜନ ହରାଇବା ଯେ କ୍ଷତିକାରକ ତାହା ଶ୍ରେୟସ ଆୟରଙ୍କ ଘଟଣାରୁ ସ୍ପଷ୍ଟ ହୋଇଛି। ଆଘାତ ପାଇବା ପରେ ଫିଟ୍ ହେବାକୁ ସଂଘର୍ଷ କରୁଥିବା ଆୟରଙ୍କ ଓଜନ ଏବେ ଅଧିକ କମିଯାଇଛି। ଯାହା ଫଳରେ ଫିଟ୍ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବାକୁ ଅନୁମତି ଦେଇ ନାହାନ୍ତି ବିସିସିଆଇ ମେଡିକାଲ ଟିମ୍। ଯାହା ଫଳରେ ଏବେ ଚାଲିଥିବା ଘରୋଇ ଦିନିକିଆ କ୍ରିକେଟ ବିଜୟ ହଜାରେ ଟ୍ରଫି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ସହ ଆରମ୍ଭ ହେବାକୁ ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ତାଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଏବେ ସେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଫିଟ୍‌ନେସ ଫେରିପାଇବା ଲାଗି ଚିକିତ୍ସିତ ହେଉଛନ୍ତି ଓ ଅତିକମ୍‌ରେ ଆଉ ଏକ ସପ୍ତାହ ଏଠାରେ ରହିବେ ବୋଲି ଜଣାଯାଇଛି। ଆୟରଙ୍କ ଓଜନ ୬ କେଜି କମିଛି, ଯାହା ଫଳରେ ତାଙ୍କ ମାଂସପେସୀ ଠିକ୍ ଭାବେ କାମକରୁନାହିଁ। ମେଡିକାଲ ଟିମ୍‌ର ଆଶା ଆଉ ଏକ ସପ୍ତାହ ଟ୍ରେନିଂ କଲାପରେ ଆୟର ଫିଟ୍ ହୋଇଯିବେ।

# ଆଇସିସି ଟି-୨୦ ମାନ୍ୟତାରେ ଶେଫାଳିଙ୍କ ଉନ୍ନତି



**ଦୁବାଇ,୩୦।୧୨(ଏଜେନ୍ସି):** ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ମାନ୍ୟତାରେ ଭାରତୀୟ ମହିଳା କ୍ରିକେଟରଙ୍କ ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହା ମଧ୍ୟରେ ଓପନର ଶେଫାଳି ବର୍ମା ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲରେ ୮୦ ରନ୍ କରି ଭାରତକୁ ଚାମ୍ପିଅନ କରାଇବା ପରେ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଶେଫାଳି ୩ଟି ଚମତ୍କାର ଇନିଂସ ଖେଳି ଟି-୨୦ ମାନ୍ୟତାରେ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏକଦା ନଂ-୧ ସ୍ଥାନରେ ଥିବା ଏହି ୨୧ ବର୍ଷୀୟ ଓପନର ଶ୍ରୀଲଙ୍କା ବିପକ୍ଷରେ ୪୨ ବଲ୍‌ରୁ ୭୯, ୪୬ ବଲରୁ ୭୯ ଓ ୩୪ ବଲ୍‌ରୁ ଅପରାଜିତ ୬୯ ରନ୍ କରି ଭାରତର ସିରିଜ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସିରିଜ୍‌ରେ ସଂଘର୍ଷ କରିବା ପରେ ଚତୁର୍ଥ ଟି-୨୦ରେ ୮୦ ରନ୍ କରିଥିବା ଭାରତୀୟ ଉପଅଧିନାୟିକା ହରମନପ୍ରୀତ୍ କୌର ପୂର୍ବପରି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଗୋଟିଏ ସ୍ଥାନରେ ଅବନତି ହୋଇ ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ପୂର୍ବପରି ନଂ-୧ ସ୍ଥାନ ବଜାୟ ରଖିଛନ୍ତି। ମିଡିୟମ୍ ପେସ୍ ବୋଲର ରେଣୁକା ସିଂ ଯୁଗ୍ମ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଦୁଇ ଯୁବ ସ୍ପିନର ଶ୍ରୀ ଚରଣି ୫୨ତମ ଓ ଡେବ୍ୟୁଟାଣ୍ଟ ବୈଷ୍ଣବୀ ଶର୍ମା ୧୨୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ହରମନପ୍ରୀତ୍ ଫାଇନାଲର ଓ ଶେଫାଳି ସିରିଜ୍‌ର ଶ୍ରେଷ୍ଠ ଖେଳାଳି

# ଭାରତ ୫-୦ରେ ଟି-୨୦ ସିରିଜ୍ ପୋଛିନେଲା

**ତିରୁଅନନ୍ତପୁରମ,୩୦।୧୨(ଏଜେନ୍ସି)**



ଅଧିନାୟିକା ହରମନପ୍ରୀତ୍ କୌର (୪୩ ବଲ୍‌ରେ ୬୮ ରନ୍)ଙ୍କ ଉପଯୋଗୀ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ଉଦ୍ୟମ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପଞ୍ଚମ ତଥା ଶେଷ ଟି-୨୦ରେ ଭାରତ ୧୫ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଶେଷ ହୋଇଥିବା ଟି-୨୦ ସିରିଜ୍‌କୁ ଭାରତ ୫-୦ରେ କ୍ଲିନ୍ ସୁଇପ୍ କରିଛି। ଏହି ମ୍ୟାଚ୍‌ରେ ୬୮ ରନ୍ କରି ଭାରତକୁ ବିପଦରୁ ଉଦ୍ଧାର କରିଥିବା ଅଧିନାୟିକା ହରମନପ୍ରୀତ୍ କୌରଙ୍କୁ ମ୍ୟାଚ୍‌ର ଓ ଶେଫାଳି ବର୍ମାଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍ ପରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ମହିଳା ପ୍ରିମିୟର ଲିଗ୍ ଆରମ୍ଭ ହେବ। ଏଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୭୫ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ସମାନ ସଂଖ୍ୟକ ଓଭର ଓ ସମାନ ସଂଖ୍ୟକ ୱିକେଟ ହରାଇ ୧୬୦ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଓପନର ହାସିନୀ ପରେରା ୪୨ ବଲ୍‌ରେ ୮ ଚୌକା ଓ ୧ଛକା ସହ ୬୫ ଏବଂ ନଂ-୩ ଇମେଶ ଦୁଲାନି ୩୯ ବଲ୍‌ରେ ୮ ଚୌକା ସହ ୫୦ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଘରୋଇ ଦଳର ବୋଲିଂ କରିଥିବା ସମସ୍ତ ୬ଜଣ ଯାକ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଭାରତର ୪ଜଣ ନିୟମିତ ଖେଳାଳି ସ୍ମୃତି ମନ୍ଧାନା, ରୋଡ୍ରିଗ୍ସେଜ୍, ରେଣୁକା ଓ କ୍ରାନ୍ତି ଗୌଡ଼୍‌ଙ୍କୁ ବିଶ୍ରାମ ଦିଆଯାଇଥିଲା।

ଏହି ସିରିଜ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ସଫଳ ଓପନର ଶେଫାଳି ବର୍ମା ୫, ଡେବ୍ୟୁଟାଣ୍ଟ ଗୁନ୍‌ଲାନ କମଳିନୀ ୧୨, ହର୍ଲିନ ଦେଓଲ ୧୩, ରିଚା ଘୋଷ ୫ ଓ ଦୀପ୍ତି ଶର୍ମା ୭ ରନ୍‌ରେ ଆଉଟ ହୋଇଥିଲେ। ଫଳରେ ଭାରତ ୧୦.୪ ଓଭରରେ ୭୭ ରନ୍ କରିଥିଲାବେଳେ ଅଧା ବା ୫ ୱିକେଟ ହରାଇଥିଲା। ଏହି ସମୟରେ ହରମନପ୍ରୀତ୍‌ଙ୍କ ସହ ଅମନଜୋତ କୌର ୬ଷ୍ଠ ୱିକେଟରୁ ୩୭ ବଲ୍‌ରେ ୬୧ ରନ୍ ଉଠାଇ ଭାରତର ସମ୍ମାନ ରଖିଥିଲେ। କିନ୍ତୁ ବଡ଼ ସ୍କୋର କରିବା ପୂର୍ବରୁ ହରମନପ୍ରୀତ୍ ୪୩ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୬୮ ରନ୍ କରି ଆଉଟ ହୋଇଥିଲେ। ଅମନଜୋତ ୧୮ ବଲ୍‌ରୁ ୨୧ ରନ୍ ଯୋଗଦାନ କରିଥିଲେ। ୮ମ ୱିକେଟରେ ଅରୁନ୍ଧତି ରେଡ୍ଡୀ ଓ ସ୍ନେହ ରାଣା ୧୪ ବଲ୍‌ରୁ ୩୩ ରନ୍ ଉଠାଇବା ଫଳରେ ଦଳ ୭ ୱିକେଟରେ ୧୭୫ ରନ୍ କରିଥିଲେ। ଅରୁନ୍ଧତି ମାତ୍ର ୧୧ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୨୭ ଓ ସ୍ନେହ ୬ ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏହି ମ୍ୟାଚ୍‌ରେ ଅଧିନାୟିକା ଚାମରି ଆଟାପାଟୁ, ରଶ୍ମିକା ସେୱାଣ୍ଡି ଓ କାଭିସ୍ ଦିଲହରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**
**ଭାରତ:** ୧୭୫/୭, ୨୦ ଓଭର (ହରମନପ୍ରୀତ୍-୬୮, ଅରୁନ୍ଧତି- ୨୭*, ଦିଲହାରୀ-୨/୧୧, ଚାମରି-୨/୨୧)।
**ଶ୍ରୀଲଙ୍କା:** ୧୬୦/୭, ୨୦ ଓଭର (ହାସିନି-୬୫, ଦୁଲାନି-୫୦, ଅରୁନ୍ଧତି-୧/୧୬, ଅମନଜୋତ୍-୧/୧୭)।

# ସୂର୍ଯ୍ୟକୁମାର ମୋତେ ବାରମ୍ବାର ମେସେଜ୍ କରୁଥିଲେ: ଖୁସି ମୁଖାର୍ଜୀ





**ମୁମ୍ବଇ,୩୦।୧୨(ଏଜେନ୍ସି):** ବଲିଉଡ୍ ନାୟିକା ଓ ମଡେଲ ଖୁସି ମୁଖାର୍ଜୀ ଆଜି କ୍ରିକେଟ ଖେଳାଳିଙ୍କୁ ନେଇ ଏକ ବିସ୍ଫୋରକ ତଥ୍ୟ ଗଣମାଧ୍ୟମ ଆଗରେ ରଖିଛନ୍ତି। ଏହା ମଧ୍ୟରେ ରହିଛି ଭାରତୀୟ ଦଳର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ରୋଚକ ତଥ୍ୟ। ସୂର୍ଯ୍ୟକୁମାରଙ୍କ ସହ ତାଙ୍କର ବହୁ ପୁରୁଣା ସମ୍ପର୍କ ରହିଛି ଓ ସେ ମୋତେ ଆଗରୁ ବାରମ୍ବାର ମେସେଜ୍ କରନ୍ତି ବୋଲି ଖୁସି ଆଜି ଗଣମାଧ୍ୟମରେ କହିଛନ୍ତି। ଜଣେ କ୍ରିକେଟ ଖେଳାଳିଙ୍କ ସହ ଡେଟ୍ କରିବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଖୁସି ଏହା କହିଥିଲେ। କେବଳ ସୂର୍ଯ୍ୟକୁମାର ନୁହଁନ୍ତି, ଅନେକ କ୍ରିକେଟର ମୋ ପଛରେ ପଡ଼ିଛନ୍ତି। କିନ୍ତୁ ମୁଁ କୌଣସି କ୍ରିକେଟରଙ୍କ ସହ ଜଡିତ ହେବାକୁ ଚାହିଁନାହିଁ। ସୂର୍ଯ୍ୟକୁମାରଙ୍କ ସହ ଏବେ ମୋର ବିଶେଷ ସମ୍ପର୍କ ନାହିଁ। ଏବେ ଆମେ ବେଶି କଥାବାର୍ତ୍ତା ହେଉନାହୁଁ। ମୁଁ ମଧ୍ୟ କୌଣସି କ୍ରିକେଟ ଖେଳାଳିଙ୍କ ସହ ଯୋଡି ହେବାକୁ ଚାହୁଁନାହିଁ ବୋଲି ଖୁସି କହିଛନ୍ତି। ଖୁସିଙ୍କ ଏହି ବିସ୍ଫୋରଣାତ୍ମକ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ସୂର୍ଯ୍ୟକୁମାର। ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଓ ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଏବେ ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ବୈକୁଣ୍ଠ ଏକାଦଶୀରେ ସେମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂର୍ଯ୍ୟକୁମାର ଏବେ ଭଲ ଫର୍ମରେ ନାହାନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ୩-୧ରେ ବିଜୟୀ ହୋଇଥିଲା। ଏହା ପରେ ଆସନ୍ତାବର୍ଷ ଜାନୁଆରୀ ୧୧ରୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଏହା ପରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍‌ରେ ନେତୃତ୍ୱ ନେବାକୁ ସୂର୍ଯ୍ୟକୁମାର ମନୋନୀତ ହୋଇଛନ୍ତି। ଖୁସିଙ୍କ ଏହି ବୋମା ସୂର୍ଯ୍ୟକୁମାରଙ୍କୁ କିପରି ଆଘାତ ଦେଉଛି ନା ଫର୍ମ ଫେରାଇବାରେ ସହାୟକ ହେବ ତାହା ଆସନ୍ତାଦିନରେ ଜଣାପଡ଼ିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ୩୦୫/୬ରେ ଓଡ଼ିଶାର ପାଳି ଘୋଷଣା

**କଟକ,୩୦।୧୨(ସମିସ):** ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ ହରାଇ ୩୦୫ରନ କରିଥିବା ବେଳେ ଆଜି ପ୍ରଥମ ପାଳି ଘୋଷଣା କରିଛି। ଓପନର ମିଧାଂଶୁ ଦାସ ୧୩୬, ଅରୋବିନ୍ଦ ୫୬ରନ ଏବଂ ଓମପ୍ରକାଶ ୨୩ରନରେ ଆଉଟ ହେବା ପରେ ଦଳ ପାଳି ଘୋଷଣା ପାଇଁ ନିଷ୍ପତ୍ତି ନେଇଥିଲା। ଅନ୍ୟପଟେ ପଣ୍ଡିଚେରୀ ୪ ୱିକେଟ ବିନିମୟରେ ୧୮୬ରନ ସଂଗ୍ରହ କରି ଓଡ଼ିଶାକୁ ଜବାବ ଦେଇଛି। ଅଭୟ ସିଂହ(୭୦ରନ) ଏବଂ ଏସ୍ ପ୍ରନଶୁ(୬୭) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଦଳ ୧୧୯ରନ ପଛୁଆ ଥିବା ବେଳେ ହାତରେ ୬ ୱିକେଟ ବଳକା ଥିବା ହେତୁ ପଣ୍ଡିଚେରୀ ଇନିଂସ ଅଗ୍ରଣୀ କରିବାର ସମ୍ଭାବନା ରହିଛି।

## ଜ୍ଞାନରଞ୍ଜନ ଦାସଙ୍କ ପରଲୋକ

**କଟକ,୩୦।୧୨(ସମିସ):** ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ଦାସଙ୍କର ୬୩ବର୍ଷ ବୟସରେ ପରଲୋକ ଘଟିଛି। ଜ୍ଞାନରଞ୍ଜନ ଦୀର୍ଘବର୍ଷ ଧରି ସନ୍ତୋଷ ଟ୍ରଫିରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏହାଛଡ଼ା ୱେଷ୍ଟର୍ଣ୍ଣ ମହାବୀର କ୍ଲବର ଖେଳାଳି ରହିବା ସହ କ୍ଲବର ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଜ୍ଞାନରଞ୍ଜନ ୟଙ୍ଗ ଉତ୍କଳ କ୍ଲବର ପ୍ରଶିକ୍ଷକ ମଧ୍ୟ ରହିଥିଲେ। ଏ.ଜି କାର୍ଯ୍ୟାଳୟରୁ ଅବସର ପରେ ଫୁଟବଲ ଜଗତରେ ସେ ସକ୍ରିୟ ରହିଥିଲେ। ତାଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶୋକ ପ୍ରକାଶ ପାଇଛି।

## ସୌମ୍ୟଙ୍କୁ ୮୬ତମ ଟାଇଟଲ; ଏଥର ଆମେରିକାରେ



**ଭୁବନେଶ୍ୱର,୩୦।୧୨ (ସମିସ):** ଓଡ଼ିଶାର ଜଣାଶୁଣା ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ଏଥର ଆମେରିକାର ଲାସ୍‌ଭେଗାସରେ ଅନୁଷ୍ଠିତ ନର୍ଥ ଆମେରିକାନ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ସେ ଏହି ଟାଇଟଲ ୭ ରାଉଣ୍ଡ ବିଶିଷ୍ଟ ମାଷ୍ଟର୍ସ ବିଭାଗରେ ଜିତିଛନ୍ତି। ଏଥିରେ ତାଙ୍କୁ ୪.୫ ପଏଣ୍ଟ ମିଳିଥିଲା ଓ ବୁକୋଲଜ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ଜିତିଥିଲେ। ଟାଇଟଲ ଜିତିବା ସହ ତାଙ୍କୁ ମଧ୍ୟ ୨୮ ଟି ରେଟିଂ ପଏଣ୍ଟ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ମ ସିଡ୍ ମାନ୍ୟତା ପାଇଥିବା ସୌମ୍ୟ ଶେଷ ରାଉଣ୍ଡରେ ହାରିଯାଇଥିଲେ ମଧ୍ୟ ଟାଇଟଲ ହାତଛଡ଼ା କରି ନ ଥିଲେ।

# ପୂର୍ବ ଭାରତ ବଡ଼ି ବିଲ୍ଡିଂ ଚାମ୍ପିଅନସିପ୍ ୧୦ରୁ




**ଭୁବନେଶ୍ୱର,୩୦।୧୨(ସମିସ):** ସ୍ଥାନୀୟ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡ଼ି ବିଲ୍ଡିଂ ମିଳିତ ଆନୁକୂଲ୍ୟରେ ଏବଂ ପୂର୍ବ ଭାରତ ବଡି ବିଲ୍ଡର୍ସ ଆସୋସିଏସନ ତତ୍ତ୍ୱାବଧାନରେ ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ୩ ଦିନ ଧରି ଦ୍ୱାଦଶ ପୂର୍ବ ଭାରତ ପୁରୁଷ ଓ ମହିଳା ବଡ଼ି ବିଲ୍ଡିଂ ଓ ଶାରୀରିକ କ୍ରୀଡ଼ା ଚାମ୍ପିଅନସିପ୍ ଆୟୋଜନ ହେବ। ୧୯୭୫ରୁ ବଉଳଗଡ଼ କ୍ଲବ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏହି ପ୍ରତିଯୋଗତା ଆୟୋଜନ ହେବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ଭଞ୍ଜକଳା ମଣ୍ଡପରେ ଏହି ପ୍ରତିଯୋଗତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ଟି ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏହି ରାଜ୍ୟଗୁଡିକରୁ ୪୦୦ ବଡ଼ିବିଲ୍ଡର ଓ ୧୦୦ଜଣ ଅଫିସିଆଲ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ସମେତ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ଏକାମ୍ର ବିଧାୟକ ତଥା ଚାମ୍ପିଅନସିପ୍‌ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାବୁ ସିଂହଙ୍କ ଦିଗଦର୍ଶନରେ ହିଁ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ମଙ୍ଗଳବାର ସମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ତରଫରୁ ସୂଚନା ଦିଆଯାଇଛି। ଏଥିରେ ବାବୁ ସିଂହଙ୍କ ସମେତ ବଉଳଗଡ଼ କ୍ଲବ ସମ୍ପାଦକ ରାଧାନାଥ ମହାପାତ୍ର ପୂର୍ବ ଭାରତ ବଡ଼ି ବିଲ୍ଡର୍ସ ଆସୋସିଏସନ ଓ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ରାଧାମାଧବ ପଣ୍ଡା, ଚକ୍ରଧର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାରକା ବଡ଼ି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଡେନ ପିଚ୍ ସନ୍ତୋଷଜନକ

**ମୁମ୍ବଇ,୩୦।୧୨(ଏଜେନ୍ସି):** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାରେ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ପିଚ୍‌କୁ ଆଇସିସି ସନ୍ତୋଷଜନକ ରେଟିଂ ପ୍ରଦାନ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରୁ ଖେଳ ଦକ୍ଷିଣ ଆଫ୍ରିକା କବ୍‌ଜାରେ ରହିଥିଲା ଓ ଭ୍ରମଣକାରୀ ଦଳ ଏହାକୁ ୩୦ ରନ୍‌ରେ ଜିତିଥିଲା। ଏହା ପରେ ଗୁଆହାଟୀ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୪୦୮ ରନ୍‌ରେ ଜିତିବା ସହ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଦୀର୍ଘ ୨୫ ବର୍ଷ ପରେ ଟେଷ୍ଟ ସିରିଜ୍ ଜିତିବାକୁ ସମର୍ଥ ହୋଇଥିଲା। କୋଲକାତା ଟେଷ୍ଟ ୩ ଦିନରେ ଶେଷ ହୋଇଥିବାରୁ ଏହାକୁ ଅନୁପଯୁକ୍ତ କରାଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଏହାକୁ ସନ୍ତୋଷଜନକ ରେଟିଂ ଦେବା ପରେ ବିସିସିଆଇ ଓ ଭାରତୀୟ ସମର୍ଥକ ଆଶ୍ୱସ୍ତ ହୋଇଛନ୍ତି।

■ ସର୍ବଭାରତୀୟ ଅଶୋକ ଦାସ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ

**ଯାଜପୁର,୩୦।୧୨(ସମିସ):** ଏଠାରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ କୋଲକାତାର ବିରାଟ ଏକାଡେମୀକୁ ୮୪ ରନ୍‌ରେ ପରାସ୍ତ କରି ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୫ ୱିକେଟ୍ ହରାଇ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଓମ୍‌କାର ଥୋରାଟ୍ ୬୩ ଓ କାମେଶ୍ୱର ବାରିକ ୫୪ରନ୍ କରିଥିଲେ। ଜବାବରେ କୋଲକାତାର ବିରାଟ ଏକାଡେମୀ ୨୧.୨ ଓଭର ରେ ୧୪୨ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ରାଜେଶ ସରୋଜ ସର୍ବାଧିକ ୩୦ ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓମକାର ଥୋରାଟଙ୍କୁ ଶ୍ରୀଜୟ ଗ୍ରୁପ୍‌ର ନୀଳମଣି ପରିଡ଼ା, ସନ୍ତୋଷ ମହଲା, ଅଜୟ ବାରିକ ପୁରସ୍କୃତ କରିଥିଲେ।



■ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍

# ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିଅନ

**ପାଇକମାଲ,୩୦।୧୨(ସମିସ):** ରାଞ୍ଚି ମେକନ ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ ଚାମ୍ପିଅନ ହୋଇଛି। ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା କ୍ରିକେଟ କପ୍‌ର ମଙ୍ଗଳବାର ଫାଇନାଲ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ରାଞ୍ଚି ମେକନ ୭ ୱିକେଟରେ ୧୭୪ ରନ୍ କରିଥିଲା। ଜବାବରେ ପ୍ରୟାଗରାଜ ୧୯.୨ ଓଭରରେ ୧୫୨ ରନ୍ କରିଥିଲା। ରାଞ୍ଚି ଦଳର ଅଙ୍କିତରାଜ ଗୁପ୍ତାଙ୍କୁ ପ୍ଲେୟାର ଅଫ୍ ଦି ଫାଇନାଲ୍ ଏବଂ ପ୍ରୟାଗରାଜର କ୍ରିଷ୍ଣା ସରୋଜଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ଅଶୋକ ଜିନ୍ଦଲ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ।

ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍

# ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୩୧ ପଦକ



**ଭୁବନେଶ୍ୱର,୩୦।୧୨ (ସମିସ):** ଛତିଶଗଡ଼ର ରାଜନନ୍ଦନଗାଓଁଠାରେ ଚଳିମାସ ୨୬ରୁ ୩୦ ଯାଏ ଅନୁଷ୍ଠିତ ନବମ ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨୨ କାଂସ୍ୟ ସହ ୩୧ଟି ପଦକ ଜିତି ଭଲ ସଫଳତା ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ଭାଗ ନେଇ ଏହି ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ବିଜେତା ପ୍ରତିଯୋଗୀମାନେ ହେଲେ ସବ୍‌ଜୁନିଅର ବିଭାଗ ୨୨ କେଜିରେ କ୍ରିଷ୍ଣା ମୁଣ୍ଡା, ୨୮ କେଜିରେ ମଞ୍ଜୁ ମୁଣ୍ଡା, ୨୬ କେଜିରେ ସାବିତ୍ରୀ ମୁଣ୍ଡା, ସିନିଅର ୫୨ କେଜି ବିଭାଗରେ ରାଜକୁମାର ମୁଣ୍ଡା, ଆୟୁଷ ଅଂଶୁମାନ ସାହୁ। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିଲାବେଳେ ପ୍ରଦ୍ୟୁମ୍ନ ବେହେରା ହେଡ୍ ଜଜ୍, ସାଣ୍ଡାରେ ସୁଶାନ୍ତ ନାଏକ ଓ ତାଓଲୁରେ ଟିକା ବାହାଦୁର ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଉଷୁ ସଂଘ ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଓ ସଭାପତି ବିଷ୍ଣୁ ମୋହନ ମହାନ୍ତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# କଟକ ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

**କଟକ,୩୦।୧୨(ସମିସ)**




ବକ୍ସିବଜାର ସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟ ଆଥଲେଟିକ ମିଟ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ୍ ୪୦୦ ପଏଣ୍ଟ ସଂଗ୍ରହ କରି କଟକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ୩୩୬ ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ ରନର୍ସଅପ ହୋଇଛି। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଓଡ଼ିଶା ପୁଲିସ ସର୍ବାଧିକ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ଚାରିଦିନିଆ ଏହି ରାଜ୍ୟ ଚାମ୍ପିଅନସିପ୍‌ରେ ୨୫ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ମିଟ୍‌ର ପ୍ରଥମ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ମହିଳା ୫ହଜାର ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଆଲୋକିକା ସ୍ୱାଇଁ, ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ, ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ, ୨୦ବର୍ଷରୁ କମ୍ ବାଳକ ସଟପୁଟରେ ଓମକାର ପ୍ରସାଦ ନନ୍ଦ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ୨୦ବର୍ଷରୁ କମ୍ ବାଳକ ହାମର ଇଭେଣ୍ଟରେ ଓମକାର ପ୍ରସାଦ ନନ୍ଦ, ୨୩ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମେହକ ନରସିମ, ପୁରୁଷ ଲଙ୍ଗଜମ୍ପରେ ଶରୁଣ ପାୟାସିଂହ, ଡିକାଥଲନରେ ଯଶବୀର ନାୟକ, ତୃତୀୟ ଦିବସରେ ୧୪ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ ଇଭେଣ୍ଟରେ ଦେବରାଜ ଗଣ୍ଡୁଆ, ୧୪ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଭାରତୀ ଗଣ୍ଡୁଆ, ୨୩ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ଦୁର୍ଗାଚରଣ କିସକୁ, ୨୦ବର୍ଷରୁ କମ୍ ବାଳିକା ହାମରରେ ଅଙ୍କିତା ମହାପାତ୍ର, ୨୩ବର୍ଷରୁ କମ୍ ବାଳକ ଡିସକସ ଥ୍ରୋରେ ନିର୍ମଳ ଜେନା ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ ଆଜି ଖେଳର ଅନ୍ତିମ ଦିନରେ ନୂତନ ୧୧ଟି ମିଟ ରେକର୍ଡ ହୋଇଛି। ୧୮ ବର୍ଷରୁ କମ ବାଳକ ଜାଭେଲିନ ଥ୍ରୋରେ ସତ୍ୟରଞ୍ଜନ ନାୟକ, ୨୩ବର୍ଷରୁ କମ୍ ବାଳକ ଟ୍ରିପଲ ଜମ୍ପରେ ସ୍ୱାଗତ କୁମାର ବେହେରା, ୨୩ବର୍ଷରୁ କମ୍ ବାଳିକା ସଟପୁଟରେ ଅଂଶିକା ରାଉତରାୟ, ମହିଳା ହେପ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ, ୨୩ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ରତ୍ନାକର ପାଲଟାସିଂହ, ପୁରୁଷ ୧୦ହଜାର ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ୨୩ବର୍ଷରୁ କମ୍ ବାଳକ ୩ହଜାର ମିଟର ଷ୍ଟିପଲ ଚେଜ୍‌ରେ ଶୁଭମ ବେହେରା, ୧୫ଶହ ମିଟର ଦୌଡ଼ରେ ଦୟାନିଧି ମୁଣ୍ଡା, ୮୦୦ମିଟର ଦୌଡ଼ରେ ବଳଭଦ୍ର ଭତ୍ର, ମହିଳା ୪୦୦ ମିଟର ଦୌଡ଼ରେ ସୁଖୀ ବସ୍କି ଏବଂ ୨୩ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଦୌଡ଼ରେ ପଙ୍କଜ ସୋରେନ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଅଂଶିକାଙ୍କ ରେକର୍ଡ




ଏହି ପ୍ରତିହେଯାଗିତାରେ ୨୩ ବର୍ଷରୁ କମ୍ ମହିଳା ସଟ୍‌ପୁଟ୍ ଥ୍ରୋରେ ଅଂଶିକା ରାଉତରାୟ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧୨.୧୭ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି ଏହି ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ୯.୫୫ ମିଟର ଥିଲା। ଅଂଶିକା ମଧ୍ୟ ଡିସ୍‌କସ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ହର୍ଡଲ୍ସ କୁଇନ୍ ଭାବେ ବିବେଚିତ ଓଡ଼ିଶାର କିଂବଦନ୍ତୀ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ହେଉଛନ୍ତି ଅଂଶିକା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS